

କୋହଲି ଖେଳିବେ ୨୦୨୭ ବିଶ୍ୱକପ୍ ପୃଷ୍ଠା ୬

Website: sanchar.live mail Id: sanchar odisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 12 | ଭାଗ ୩୩ | ସଂଖ୍ୟା ୧୨ | Bhubaneswar | Thursday 3 April 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୩ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




### ଏନ୍‌ଇପି-୨୦୨୦ରେ ଶିଶୁ ବାଟିକା ଆରମ୍ଭ

# ଛୁଆଙ୍କୁ ଖଡ଼ି ଛୁଆଁଇଲେ ମୁଖ୍ୟମନ୍ତ୍ରୀ

- ଚଳିତ ଶିକ୍ଷା ବର୍ଷରେ ପ୍ରତି ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲାଯିବ
- ବଡ଼ଗଡ଼ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** କୁନି କୁନି ପିଲାଙ୍କ ଆଖିରେ ଭରି ରହିଥିଲା ଅନେକ ସ୍ୱପ୍ନ। ସିଲଟ ଓ ଖଡି ଧରି ସେମାନେ ବସିଥିଲେ ବଡ଼ଗଡ଼ ଗାଁ ସ୍କୁଲ ପ୍ରାଙ୍ଗଣରେ। ସେମାନଙ୍କ ପାଖରେ ଯାଇ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପିଲାମାନଙ୍କୁ ଦେଖି ତାଙ୍କ ଭିତରର ପୁରୁଣା ଶିକ୍ଷକ ସ୍ୱରୂପ ପୁଣିଥରେ ଫୁଟିଉଠିଥିଲା। ସେ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ିରେ ବୃତ୍ତ କାଟି ପିଲାଙ୍କ ଖଡ଼ିଛୁଆଁ ଆରମ୍ଭ କଲେ। ତା' ପରେ ପ୍ରଥମ ଅକ୍ଷର ଭାବେ 'ମା' ମଡ଼ାଇ ମୁଖ୍ୟମନ୍ତ୍ରୀ ସେମାନଙ୍କ ଅକ୍ଷର ଶିକ୍ଷା ଆରମ୍ଭ କଲେ, ଯାହା ସହ ଆରମ୍ଭ ହୋଇଥିଲା ଶିଶୁ ବାଟିକା ଓ ପିଲାଙ୍କ ପ୍ରବେଶ ଉତ୍ସବ। ଶିକ୍ଷକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅର୍ଜନ କରିଥିବା ଅଭିଜ୍ଞତାରୁ ପିଲାଙ୍କ ସହିତ ବାର୍ତ୍ତାଳାପ ଆରମ୍ଭ କରିଥିଲେ। ଖୁବ୍ ସହଜ ଭାବେ ପିଲାଙ୍କ ମା'ଙ୍କ ନାଁ, ବାପାଙ୍କ ନାଁ, କଣ ଖାଇଚ... ଏମିତି ଅନେକ ପ୍ରଶ୍ନ ପଚାରି ସେମାନଙ୍କ ସହ ଭାବଗତ ସମ୍ପର୍କ ଯୋଡ଼ିଥିଲେ। ପିଲାମାନେ ମଧ ଖୁବ୍ ଉତ୍ସାହର ସହ ମୁଖ୍ୟମନ୍ତ୍ରୀଙ୍କ ସାଥୀରେ କଥା ହେଉଥିବା ଦେଖିବାକୁ ମିଳିଥିଲା।

ଏହା ମାଧମରେ ମୁଖ୍ୟମନ୍ତ୍ରୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଏକ ବାର୍ତ୍ତା ଦେଇଥିଲେ। ଛୋଟ ଛୋଟ ପିଲାଙ୍କ ମନୋଭାବକୁ ହୃଦୟଙ୍ଗମ କରି ସେମାନଙ୍କ ସହ ସହଜ ହୋଇ ଶିକ୍ଷାଦାନ କଲେ, ସେମାନେ ନିଶ୍ଚିତ ଭାବେ ପାଠ ପଢ଼ିବାକୁ ଆଗ୍ରହୀ ହେବେ, ଯାହା ଶିକ୍ଷାଦାନର ଅସଲ ଉଦ୍ଦେଶ୍ୟ ସାଧନ କରିପାରିବ। ଏହାପରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମଧାହ୍ନଭୋଜନ ଖାଦ୍ୟ ପରଷିଥିଲେ। ଏଥିସହ ପ୍ରବେଶ ଉତ୍ସବ ଓ ଖଡିଛୁଆଁ-୨୦୨୫ ସଚେତନତା ରଥର ମଧ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରଦାନ କରିଥିଲେ। ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ ବୁଲି ଦେଖିବା ସହିତ ମୁଖ୍ୟମନ୍ତ୍ରୀ ଶିଶୁ ବାଟିକା ପିଲାଙ୍କ ପଠନ ପ୍ରଣାଳୀ ଅନୁଧାନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆଜି ପାଠପଢା ଆରମ୍ଭ ଦିନରେ ପିଲାମାନେ ବେଶ୍ ଖୁସି ଅନୁଭବ କରୁଛନ୍ତି। ଏହି ଶିଶୁ ବାଟିକା ରାଜ୍ୟରେ ପ୍ରାଥମିକ ଶିକ୍ଷାଦାନ କ୍ଷେତ୍ରକୁ ସୁଦୃଢ଼ କରିବ। ଆଗାମୀ ଦିନରେ ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢ଼ିବାର ସୁଯୋଗ ପାଇବେ ବୋଲି ମୁଖ୍ୟନ୍ତ୍ରୀ ଆଶା ପୋଷଣ କରିଛନ୍ତି।

ରାଜ୍ୟରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)-୨୦୨୦ ଅଧୀନରେ ଆଜିଠାରୁ ଶିଶୁ ବାଟିକା ବା ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିକ୍ଷା ଆରମ୍ଭ କରାଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରୁ ପ୍ରତିଟି ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏଁ ଶିଶୁ ବାଟିକା ଖୋଲାଯିବ। ଏହିସବୁ ଶିଶୁ ବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପାଠ ପଢ଼ିବେ। ଶିଶୁ ବାଟିକାର ପିଲାଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନ ଧର୍ମୀ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ।



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଏକାମ୍ର ଭୁବନେଶ୍ୱର ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଓ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାତି ତମାମ ଚାଲିଲା ବିଧାନସଭା

# ବିଲ୍ ଆଲୋଚନା ପାଇଁ ବଢ଼ିଲା ସମୟ ସୀମା

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ଆଜି ରାତି ତମାମ ବିଧାନସଭାରେ ଚାଲିବ ଆଲୋଚନା। ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ସହ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ ଉପରେ ହେବ ଆଲୋଚନା। ଦୀର୍ଘ ପ୍ରାୟ ଗୋଟେ ଦଶନ୍ଧି ପରେ ବିଧାନସଭା ସମୟ ସୀମା ଅତିକ୍ରମ କରି ଗୃହ ଚାଲିବାକୁ ଯାଉଛି। ଯାହା ଅନୁମାନ କରାଯାଉଛି ଆସନ୍ତାକାଲି ଭୋର ବେଳକୁ ଦୁଇଟି ଯାକ ବିଲ ଗୋଟିଏ ପରେ ଗୋଟିଏ ପାସ ହେବା ସହ ବଜେଟ ଅଧିବେଶନ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବି ହେବ।

ଆଜି ବିଧାନସଭାର ଅପରାହ୍ନ ଅଧିବେଶନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ ଉପସ୍ଥାପିତ ହୋଇଥିଲା। ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ଓ ଓଡିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ ଉପସ୍ଥାପିତ ହୋଇଥିଲା। ଓଡିଶା ବିଶ୍ୱବିଦ୍ୟାଳୟ ବିଲ ଆଲୋଚନାରେ ବିଜେଡି ବିଧାୟକ ଅରୁଣ ସାହୁ ଏକ ଘଣ୍ଟା ୪୭ ମିନିଟ ଧରି ଆଲୋଚନା କରି ରେକର୍ଡ କରିଛନ୍ତି। ଗତ ୧୦ ବର୍ଷ ମଧ୍ୟରେ କୌଣସି ଏକ ବିଲ ଉପରେ ଜଣେ ବିଧାୟକ ଏତେ ସମୟ ଧରି ଆଲୋଚନା କରିବାର ନଜିର ନଥିଲା। ଅବଶ୍ୟ ତା ପୂର୍ବରୁ ୧୯୯୯ରେ ଅଶୋକ ଦାସ ଓ ବହୁ ଅନ୍ୟାନ୍ୟ ନେତା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ବିଲ ଆଲୋଚନାରେ ୩ ଘଣ୍ଟାରୁ



ଅଧିକ ସମୟ ଧରି ଆଲୋଚନା କରିଛନ୍ତି । ଏହି ଆଲୋଚନା ୩ ଦିନ ଧରି ଚାଲିଥିଲା। ଭୂପିନ୍ଦର ସିଂହ ବି ଗୋଟିଏ ବିଲ ଉପରେ ୩ଘଣ୍ଟାରୁ ଅଧିକ ସମୟ କହିଥିବାର ନଜିର ରହିଛି।

ଓଡ଼ିଶା ବିଧାନସଭା ରାତିତମାମ ଚାଲିବା କିଛି ନୂଆ କଥା ନୁହେଁ। ପୂର୍ବରୁ ମଧ ଗୋଟିଏ ଗୋଟିଏ ବିଲ ଉପରେ ରାତି ରାତି ଆଲୋଚନା ହେଉଥିଲା। ଏପରିକି ତତ୍କାଳୀନ ଅର୍ଥମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ସମୟରେ ଅର୍ଥ ବିଲ ଉପରେ ସାରା ରାତି ଆଲୋଚନା ହୋଇ ଭୋଟ ୬ଟାରେ ବିଲ ଗୃହର ଅନୁମୋଦନ ଲାଭ କରିଥିଲା। ତେବେ ୨୦୦୮ରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ସମୟରେ ➪ପୃଷ୍ଠା-୬

### ଶାହଙ୍କ ବସ୍ତର ଗସ୍ତ ପୂର୍ବରୁ ଲାଲ୍ ବାହିନୀ ସ୍ୱର ନରମ

# ସସର୍ତ୍ତ ଆଲୋଚନା ପାଇଁ ପ୍ରସ୍ତାବ

**ମାଲକାନଗିରି, ୨।୪ (ସଂଚାର ବ୍ୟୁରୋ):** କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ମାଓବାଦୀଙ୍କ ଦମନ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ପରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ପକ୍ଷରୁ କମ୍ବିଂ ଅପରେସନକୁ ବ୍ୟାପକ କରାଯାଇଛି। ଫଳରେ ଗତ କିଛିଦିନ ମଧରେ ଅନେକ ମାଓବାଦୀ ନିହତ ହେଲେଣି। ଅନେକ ଆତ୍ମସମର୍ପଣ କରି ଅସ୍ତ୍ରତ୍ୟାଗ କରିଛନ୍ତି। ଆସନ୍ତା ୫ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବସ୍ତର ଗସ୍ତ କରିବେ। ତେବେ ଏହି ଗସ୍ତ ପୂର୍ବରୁ ହଠାତ୍ ମାଓବାଦୀଙ୍କ ସ୍ୱର ନରମ ହୋଇଛି। ଯେଉଁମାନେ ସରକାରଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ, ସେମାନେ ଏବେ ଶାନ୍ତି ଆଲୋଚନା ପାଇଁ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି। ଅର୍ଥାତ୍ ବନ୍ଧୁକ ମାଧମରେ ବିପ୍ଳବ ଆଣିବାକୁ ଚାହୁଁଥିବା ସଂଗଠନ ଏବେ ଶାନ୍ତି ଓ ମୈତ୍ରୀର ଭାଷା କହିବା ଆରମ୍ଭ କରିଛି।

ସିପିଆଇ ମାଓବାଦୀ କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ଏପରି ଏକ ବିବୃତି ଜାରି କରିଛନ୍ତି ଯେଉଁଥିରେ ମାଓ ଅପରେସନ ବନ୍ଦ କରି ଶାନ୍ତିପୂର୍ଣ୍ଣ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ ଏହା ପୂର୍ବରୁ ସରକାର ଆରମ୍ଭ କରିଥିବା 'ଅପରେସନ୍ କଗାର' ନାଁରେ ନିରୀହ ଆଦିବାସୀଙ୍କ ବିରୋଧରେ ଚଳାଇଥିବା ଅପରେସନକୁ ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଏଥିସହ ଅପରେସନରେ ସାମିଲ ସୁରକ୍ଷା କର୍ମୀଙ୍କୁ ଅପସାରଣ କରିବା ସହ ଗୁଳିବିନିମୟ ବନ୍ଦ ପାଇଁ ସେ ଉଭୟ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କୁ ଅପିଲ କରିଛନ୍ତି। ଯୁଦ୍ଧ ବନ୍ଦ କରି ଶାନ୍ତିପୂର୍ଣ୍ଣ ଭାବେ ଭାରତ ସରକାର ଓ ମାଓବାଦୀ ସେଣ୍ଟ୍ରାଲ କମିଟି ଆଲୋଚନା କରିବାକୁ ଅଭୟ ପ୍ରସ୍ତାବ ଦେଇଛନ୍ତି।



ମାଓବାଦୀଙ୍କ ଦମନ ପାଇଁ ମାଓପ୍ରବଣ ରାଜ୍ୟ ସରକାରଙ୍କ ସହିତ ମିଶି କେନ୍ଦ୍ର ବିଜେପି ସରକାର 'ଅପରେସନ କାଗର' ଚଳାଇଛନ୍ତି। ତେବେ ଏହା ଅପରେସନ୍ ନୁହେଁ, ବରଂ ନରସଂହାର ବୋଲି ଅଭୟ କହିବା ସହ ଏଥିରେ ବଡ଼ ଧରଣର ହିଂସା ଓ ହତ୍ୟାକାଣ୍ଡ ଘଟୁଥିବା ବେଳେ ବହୁ ପରିମାଣରେ ଗିରଫଦାରୀ ହେଉଛି ବୋଲି କହିଛନ୍ତି। ଏହି ଅପରେସନରେ ଦୁର୍ଘଟଣା ସହ ମାନଧିକାର ମଧ କ୍ଷୁଣ୍ଣ ହେଉଛି। ଏଥିରେ ଅଦ୍ୟାବଧି ୪ ଶହରୁ ଅଧିକ ମାଓ ଲିଡର, ମାଓ କାର୍ଯ୍ୟକର୍ତ୍ତା ଓ ଆଦିବାସୀଙ୍କୁ ହତ୍ୟା କରାଯାଇଛି। ଏହି ଅପରେସନରେ ସାମୂହିକ ଯୌନ ନିର୍ଯାତନା ଦିଆଯାଉଥିବା ମଧ ମହିଳା ମାଓବାଦୀ ଅଭିଯୋଗ କରିଥିବା ଅଭୟ କହିଛନ୍ତି।

ଶାନ୍ତି ଆଲୋଚନା ପାଇଁ କେନ୍ଦ୍ରୀୟ କମିଟି ଉପରୋକ୍ତ ସର୍ତ୍ତଗୁଡ଼ିକ ରଖିଥିବା ବେଳେ ଏହା ସହିତ ➪ପୃଷ୍ଠା-୬

# ସହକାରୀ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ



### ଲକ୍ଷେ ଟଙ୍କା ଲାଞ୍ଚ ନେଉଥିଲେ

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ଗ୍ରାମୀଣ କାର୍ଯ୍ୟ ବିଭାଗର ସହକାରୀ ଯନ୍ତ୍ରୀ କାମ ବିଲ୍ ପରିଶୋଧ କରିବା ପାଇଁ ଲାଞ୍ଚ ଦାବି ଏବଂ ଗ୍ରହଣ କରୁଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି। ଏନେଇ ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସ ପ୍ରାୟ ୭ ଲକ୍ଷ ମୂଲ୍ୟର ବାକି ଥିବା ବିଲ୍ କରାଇବା ପାଇଁ ଭୁବନେଶ୍ୱରର ଜଣେ ଠିକାଦାରଙ୍କଠାରୁ ୧ ଲକ୍ଷ ଲାଞ୍ଚ ଦାବି କରିବା ସହ ଏହାକୁ ଗ୍ରହଣ କରିଥିଲେ। ➪ପୃଷ୍ଠା-୬

### ଜୟନାରାୟଣଙ୍କ ରାସ୍ତାରେ ପ୍ରସନ୍ନ ଆଚାର୍ଯ୍ୟ

# କୋଶଳୀକୁ ରାଜ୍ୟ ଭାଷା ମାନ୍ୟତା ମିଳୁ

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ବିଧାନସଭାରେ ଉଠିଲା କୋଶଳୀକୁ ରାଜ୍ୟ ଭାଷାର ମାନ୍ୟତା ପ୍ରଦାନ ପ୍ରସଙ୍ଗ। ଗୃହରେ ଦାବି ରଖିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ବିଧାନସଭାରେ ବିରୋଧୀ ଦଳର ଉପନେତା ଶ୍ରୀ ଆଚାର୍ଯ୍ୟ ସମ୍ବଲପୁରୀ କୋଶଳୀକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ପ୍ରଦାନ କରିବା ଓ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀ ଅନୁସାରେ ଏହାକୁ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଶୂନ୍ୟ କାଳରେ ଏହି ଦାବି ଉଠାଇ ପ୍ରସନ୍ନ କହିଛନ୍ତି ଯେ ଓଡ଼ିଶାର ୧୧ଟି ଜିଲ୍ଲାରେ ଦେଢ଼ କୋଟିରୁ ଅଧିକ ଲୋକ କୋଶଳ ଭାଷା କୁହନ୍ତି। କୋଶଳ ସମୃଦ୍ଧ ସାହିତ୍ୟିକ ଐତିହ୍ୟ, ଏଥିରେ ରାମାୟଣଠାରୁ ଆରମ୍ଭ କରି ଅନେକ ଛୋଟ କାହାଣୀ, କବିତା ଓ ପ୍ରକାଶିତ ପୁସ୍ତକ ରହିଛି। ଏହାର ନିଜସ୍ୱ ଅଭିଧାନ ମଧ ଅଛି।



ରଙ୍ଗବତୀ ଗୀତ ସମ୍ବଲପୁରର, ଓଡ଼ିଶାର, ଯାହା ଏବେ ଭାରତ ଅତିକ୍ରମ କରିସାରିଛି। ସେହିପରି 'ଛି ଛି ରେ ନନୀ' ଗୀତକୁ ନେଇ ସାରା ଭାରତବର୍ଷରେ ଚର୍ଚ୍ଚା। ଅନେକ କୁହନ୍ତି ଏହି ଭାଷାର ଲିପି ନାହିଁ। କିନ୍ତୁ ଅନେକ ଭାଷାରେ ଲିପି ନଥିବା ସତ୍ତ୍ୱେ ସେଗୁଡ଼ିକୁ ସ୍ୱୀକୃତି ମିଳିଛି। ସମ୍ବଲପୁରୀ ହସ୍ତତନ୍ତ ଶାଢ଼ିର ମଧ ପ୍ରସିଦ୍ଧି ରହିଛି। ଅଷ୍ଟମ ଅନୁସୂଚୀରେ ଏହାକୁ ସାମିଲ କରିବା ପାଇଁ ଦାବି ସଂସଦରେ ବହୁବାର ଉଠାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ ଅନେକ ଥର କେନ୍ଦ୍ର ନିକଟରେ ଏହି ପ୍ରସଙ୍ଗ ଉଠାଇଥିଲେ। ତେଣୁ ରାଜ୍ୟ ସରକାର ଏହାକୁ ସାମିଲ କରିବା ପାଇଁ କେନ୍ଦ୍ରକୁ ଏକ ପ୍ରସ୍ତାବ ପଠାଇବା ଉଚିତ ବୋଲି ପ୍ରସନ୍ନ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ସମ୍ବିଧାନ ରାଜ୍ୟ ସରକାରଙ୍କୁ ଏକାଧିକ ଭାଷାକୁ ରାଜ୍ୟଭାଷା ମାନ୍ୟତା ପ୍ରଦାନ କରିବାର ➪ପୃଷ୍ଠା-୬

### ସଂସଦରେ ୱାକଫ୍ ବିଲ୍ ସଂଶୋଧନ ପ୍ରସ୍ତାବ ଆଗତ

# ଜନତାଙ୍କୁ ବିଭ୍ରାନ୍ତ କରୁଛି କଂଗ୍ରେସ: ଶାହ

**ନୂଆଦିଲ୍ଲୀ,୨।୪:** ବହୁଚର୍ଚ୍ଚିତ ୱାକଫ୍ ବିଲ୍ ସଂଶୋଧନ ପ୍ରସ୍ତାବ ଆଜି ଲୋକସଭାରେ ଆଗତ ହୋଇଥିବାବେଳେ ଏହି ପ୍ରସଙ୍ଗରେ ବିରୋଧୀ କଂଗ୍ରେସ ଉପରେ ବର୍ଷିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ। କେନ୍ଦ୍ର ସଂଖ୍ୟାଲଘୁ ବିଭାଗ ମନ୍ତ୍ରୀ କିରେନ୍ ରିଜିଜୁ ଏ ସଂକ୍ରାନ୍ତ ପ୍ରସ୍ତାବ ଆଗତ କରିବା ପରେ ଏହା ଉପରେ ଆଲୋଚନା ଆରମ୍ଭ ହୋଇଥିଲା। ଏନେଇ ଗୃହରେ ରାତି ପ୍ରାୟ ସାଢ଼େ ୧୧ଟା ପର୍ଯ୍ୟନ୍ତ ତର୍କ ଜାରି ରହିଥିବା ➪ପୃଷ୍ଠା-୬



# ସିଏଜି ଧରିଲେ ଡଙ୍କାରୀ ଦୁର୍ନୀତି

- ଚୋରି ହୋଇଛି ୮.୫୦ ଲକ୍ଷ ଘନ ମିଟର କଳା ପଥର
- ଲଘୁ ଖଣିଜ ସମ୍ପଦ ଲିଜରେ ବ୍ୟାପକ ଅନିୟମତତା
- ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଉଦାସୀନ ସରକାର
- କୋଟି କୋଟି ଖଣି ରାଜସ୍ୱ ହରାଇଛନ୍ତି ସରକାର



**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ବିଜେଡି ସରକାର ଅମଳରେ ଲଘୁ ଖଣିଜ ରାଜସ୍ୱର ଆକଳନ ଓ ଅସୁଲି ବ୍ୟବସ୍ଥା ସହ ଓଡିଶା ଖଣି ଅଞ୍ଚଳ ବିକାଶ ନିଗମ ପାଣ୍ଠି (ଓମବିଏଡିସି)ରେ ହୋଇଥିବା ବ୍ୟାପକ ଅନିୟତତାକୁ ଧରିଛନ୍ତି ମହାଲେଖା ନିୟନ୍ତ୍ରକ ବା ସିଏଜି। ଆଜି ବିଧାନସଭାରେ ଦୁଇଟି ଯାକ ରିପୋର୍ଟ ଉପସ୍ଥାପିତ ହୋଇଛି। ସିଏଜି ରିପୋର୍ଟ ଅନୁଯାୟୀ ଲଘୁ ଖଣିଜ ପଦାର୍ଥ ଉତ୍ସକୁ ଲିଜ ଦେବାରେ ବ୍ୟାପକ ଅନିୟମିତତା ହୋଇଛି। ଏପିରିକ ବହୁ ଚର୍ଚ୍ଚିତ ଡଙ୍କାରୀ ପାହାଡରେ ମଧ ବେଆଇନ ଖନନ ହୋଇଥିବା ସିଏଜି ଦର୍ଶାଇଛନ୍ତି। ସର୍ବୋପରି ସିଏଜି ରାଜ୍ୟରେ ବେଆଇନ ଲଘୁ ଖଣିଜ ଖନନର ଯାଞ୍ଚ ଓ ମନଟରିଂ ପଦ୍ଧତିର ଦୁର୍ବଳତାକୁ ଦାୟୀ କରିଛନ୍ତି।

୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ଯାଞ୍ଚ ହୋଇଥିବା ୨୨ଟି ତହସିଲର ୫୨୦ ଲଘୁ ଖଣିଜ ପାଦାର୍ଥ ଉତ୍ସ ମଧ୍ୟରୁ ୧୪୭ଟି ଉତ୍ସ କାର୍ଯ୍ୟକ୍ଷମ ଥିଲା। ବଳକା ୩୭୩ଟି ଉତ୍ସ କାର୍ଯ୍ୟକ୍ଷମ ହୋଇନଥିଲା। ଲିଜ ଆଲର୍ଟମେଣ୍ଟରେ ବିଡର୍ ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଅନିୟମିତତା ହୋଇଥିବାରୁ ୬କୋଟି ୨୧ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ସିଏଜି ଦର୍ଶାଇଛନ୍ତି। ସେହିଭଳି ଖଣି ଯୋଜନା ଅନୁମୋଦନ ହେବା ପରେ ଏବଂ ବିଡିଂ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜଳେଶ୍ୱର, ଗୁରୁଣ୍ଡିଆ ଓ ଜଗତସିଂହପୁର ତହସିଲର ତହସିଲଦାରମାନେ ପରିବେଶ ମଂଜୁରୀ ପାଇଁ ଆବେଦନ କରିନଥିଲେ। ଫଳରେ ଲିଜ ଅବଧି ଶେଷ ହେବା ପୂର୍ବରୁ ବିଡିଂ ପ୍ରକ୍ରିୟା ଶେଷ ହୋଇପାରିନଥିଲା। ଯାହାଦ୍ୱାରା ୨୦ କୋଟିରୁ ଅଧିକ ରାଜସ୍ୱ କ୍ଷତି ହୋଇଛି।

ଏପିରିକି ଲିଜଧାରୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବାରୁ ସେମାନଙ୍କ ଠାରୁ ବକେୟା ଖଣି ରାଜସ୍ୱ ଓ ସୁଧ ବାବଦରେ ମୋଟ ୯୨ ➪ପୃଷ୍ଠା-୬

# ଓଏମ୍‌ବିଏଡିସି ପାଣ୍ଠି ଆବଣ୍ଟନରେ ଅନିୟମିତତା

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ଲଘୁ ଖଣିଜ ଉତ୍ସ ଆବଣ୍ଟନରେ ବ୍ୟାପକ ଅନିୟମିତତା ଭଳି ଓଡିଶା ଖଣିଜ ଅଞ୍ଚଳ ବିକାଶ ନିଗମ ପାଣ୍ଠି (ଓଏମବିଏଡିସି) ରେ ମଧ ଜାଲିଆତି ଧରିଛନ୍ତି ସିଏଜି। ଓଏମବିଏଡିସି ଅଧିନରେ ପ୍ରକଳ୍ପ ଚୟନ ଓ କାର୍ଯ୍ୟକାରିତା ସାଙ୍ଗକୁ ଉଲ୍ଲଂଘନକାରୀ ଲିଜଧାରୀଙ୍କଠାରୁ କ୍ଷତିପୂରଣ ଆଦାୟରେ ମଧ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନଥିଲା। ବିଭିନ୍ନ ପ୍ରକଳ୍ପ ପାଇଁ ଦିଆଯାଉଥିବା ଅର୍ଥ ଖର୍ଚ୍ଚ ହେଉନଥିଲେ ବି ତା'ର ସମୀକ୍ଷା କରାଯାଉନଥିଲା, ଯାହାକୁ ନେଇ ସିଏଜି ଆପତ୍ତି ଉଠାଇଛନ୍ତି।

- ଅଣଖଣି ପ୍ରଭାବିତ ଅଞ୍ଚଳକୁ ମିଳିଛି ପାଣ୍ଠି
- ଅଯୋଗ୍ୟ ହିତାଧିକାରୀ ପାଇଛନ୍ତି ଆବାସ ସହାୟତା
- ଅଣଖଣି ବ୍ଲକକୁ ମିଳିଛି ମଡେଲ ଅଙ୍ଗନୱାଡି

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ୨୦୧୪ ଜାନୁଆରୀ ୨୭ରେ ଜଙ୍ଗଲ ଜମିର ଅଣଜଙ୍ଗଲ ଉପଯୋଗ ପାଇଁ ଲିଜଧାରୀଙ୍କଠାରୁ ଆଦାୟ କରାଯାଉଥିବା ଫାଇନର ୫୦ ପ୍ରତିଶତ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଓ ବିକାଶ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ। ଏଥିପାଇଁ ଓଏମବିଏଡିସିର ଗଠନ କରାଯାଇଥିଲା। ତଦନୁଯାୟୀ ବିଭିନ୍ନ ଲିଜଧାରୀଙ୍କଠାରୁ ଆଦାୟ ହୋଇଥିବା ୧୬,୮୩୩ କୋଟି ୫୪ ଲକ୍ଷ ଟଙ୍କାର କ୍ଷତିପୂରଣ ଅର୍ଥ ଓଏମବିଏଡିସିକୁ ପ୍ରଦାନ କରାଯାଇଥିଲା।

ତେବେ ସମୀକ୍ଷାରୁ ଜଣାପଡିଛି ଯେ କେନ୍ଦ୍ରୀୟ ଏମପାୱାର କମିଟିର ସୁପାରିସ୍ ପରେ ମଧ ଉଲ୍ଲଂଘନକାରୀ ଖଣି ଲିଜଧାରୀଙ୍କଠାରୁ ୩୧୯୬୬ କୋଟି ୩୪ ଲକ୍ଷ ଟଙ୍କାର କ୍ଷତିପୂରଣ ଆଦାୟ କରିବାକୁ ବଳିଷ୍ଠ ପଦକ୍ଷେପ ନେଇନଥିଲେ ସରକାର। ବିଭିନ୍ନ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା ପାଖରେ ଖର୍ଚ୍ଚ ହୋଇନପାରି ପଡିରହିଥିବା ଅର୍ଥର ସମୀକ୍ଷା ମଧ କରୁନଥିଲା ଓଏମବିଏଡିସି। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅନୁଗୁଳ, ମୟୂରଭଞ୍ଜ, ଯାଜପୁର ଓ କୋରାପୁଟରେ ୪୯ଟି ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରସ୍ତାବ ଦେବା ପୂର୍ବରୁ କୌଣସି ଅଧୟନ କରାଯାଇନଥିଲା। ଯାହାଦ୍ୱାରା ୪ଟି ଜିଲ୍ଲାରେ ୧.୭୩ କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ ଜଳଉତ୍ସ ନଥିବାରୁ ➪ପୃଷ୍ଠା-୬

## ହିନ୍ଦୁ ଭାବାବେଗକୁ କୁଠାରାଘାତ ଭଳି ପୁସ୍ତିକା ବିକ୍ରିକୁ ବିରୋଧ

● ଥାନାରେ ଏତଲା ଦେଲେ ଯୁବକ

**ରାଜନଗର,୨।୪(ସଂଚାର ବ୍ୟୁରୋ):** ହିନ୍ଦୁ ଧର୍ମର ଦେବା ଦେବୀ ଓ ଭକ୍ତିଭାବକୁ କଦର୍ଥ କରି ଜନସାଧାରଣଙ୍କ ମଧ୍ୟରେ ଅପଭ୍ରଂଶ ପୁସ୍ତିକା ବିକ୍ରିକୁ ବିରୋଧ କରି ଜଣେ ଯୁବକ ସମ୍ପୃକ୍ତ ବ୍ୟବସାୟ ମାନଙ୍କ ନାମରେ ରାଜନଗର ଥାନାରେ ଲିଖିତ ଏତଲା ଦେଇଛନ୍ତି। ସୂଚନା ମୁତାବକ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ ରତନପୁର ଗ୍ରାମର ବଳରାମ ଦାସଙ୍କ ପୁଅ ରଞ୍ଜନ କୁମାର ଦାସ ରାଜନଗର ବଜାରକୁ କୌଣସି କାମରେ ଯାଇଥିବା ସମୟରେ ତନ୍ତିଆପାଳ ଥାନା ଅନ୍ତର୍ଗତ ସୁନିତି ଗ୍ରାମର ଭୋଳାନାଥ ହାଜିର ଓ କଂସାରପାଳ ଥାନା ଅନ୍ତର୍ଗତ କଣ୍ଟାବଣ ଗ୍ରାମର ପ୍ରଶାନ୍ତ ସାହୁ ବହି ବିକ୍ରି କରୁଥିବା ଦେଖିବାକୁ ପାଇଥିଲେ। ଯେଉଁ ପୁସ୍ତିକାରେ ହିନ୍ଦୁ ଧର୍ମକୁ କୁଠାରାଘାତ ଭଳି ଚିତ୍ର ଓ ଲେଖା ରହିଥିଲା। ଯାହାକୁ ସେ ବିରୋଧ କରିଥିଲେ। କାହିଁକି ହିନ୍ଦୁ ଧର୍ମକୁ ଅପଭ୍ରଂଶ କରି ଲୋକମାନଙ୍କ ଭାବାବେଗ ସହିତ ଖେଳୁଛ ବୋଲି ସେମାନଙ୍କୁ ପ୍ରଶ୍ନ କରିବା ସହିତ ସ୍ଥାନୀୟ ରାଜନଗର ଥାନରେ ଦୁଇ ବୁଲା ବିକାଳି ମାନଙ୍କ ନାମରେ ଏତଲା ଦେଇଛନ୍ତି ରଞ୍ଜନ। ଧର୍ମ ଗ୍ରନ୍ଥ ନାମରେ ଭଗବାନଙ୍କ ପ୍ରତି କଦର୍ଥତା ଓ ଲୋକଙ୍କ ଭାବାବେଗ ସହିତ ଖେଳୁଥିବା ଦର୍ଶାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରଞ୍ଜନ ଏତଲାରେ ଦର୍ଶାଇଛନ୍ତି।

## ବିଦ୍ୟୁତ୍ ଶୁଳ୍କ ହ୍ରାସ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିପିଆଇର ଦାବିପତ୍ର



**କେନ୍ଦ୍ରାପଡା,୨।୪(ସଂଚାର ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ଦାବିପତ୍ର କେନ୍ଦ୍ରାପଡା ଟିପିସିଏଲ ର ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ରେ ଖରାଦିନେ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, ଜନ ବିରୋଧୀ ପ୍ରପେଡ୍ ସ୍ମାଟ ମିଟର ସଂଯୋଗ ବନ୍ଦ କରିବା, ଓଡିଆ ଲେଖା ବିଲ୍ ପ୍ରଦାନ କରିବା, ବିଦ୍ୟୁତ୍ ଶୁଳ୍କ କମ କରିବା, କର୍ମଚାରୀଙ୍କୁ ସରକାରୀ ଚାକିରୀର ମାନ୍ୟତା ଦେବା, କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ୍ ପ୍ରଦାନ କରିବା, ନୂତନ ଘରୋଇ ଲାଇନ ସଂଯୋଗ, ୩୯୦୦ ପରିବର୍ତ୍ତେ ୧୫୦୦ ଟଙ୍କା କରିବା, ମିଟର ବାବଦରେ ନେଇଥିବା ୪୦ଟଙ୍କା ବନ୍ଦ କରିବା ଆଦି ଦାବି ଗୁଡିକ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସିପିଆଇ ର ଜିଲ୍ଲା ସଂପାଦକ ରମଣୀ ରଂଜନ ରାଉତରାୟ, ରମେଶ ଚନ୍ଦ୍ର ନାୟକ, ବିକାଶ ଚନ୍ଦ୍ର ବେହୁରା, ଅଜୟ କୁମାର ସାମଲ, ସଂଯୁକ୍ତା ରାଉତ, ପ୍ରଦିପ୍ତ ବେହେରା, ପ୍ରତ୍ୟୁଷ ରଂଜନ ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

## ପୌରସଂସ୍ଥା ଦୃଷ୍ଟି ବାଧିତ ବିଦ୍ୟାଳୟର ବାର୍ଷିକ ପ୍ରତିଷ୍ଠା ଦିବସ ପାଳନ




**କେନ୍ଦ୍ରାପଡା,୨।୪(ସଂଚାର ବ୍ୟୁରୋ):** ଜିଲ୍ଲାର ସର୍ବ ପୁରାତନ ସ୍ୱତନ୍ତ୍ର ବିଦ୍ୟାଳୟ ପୌର ସଂସ୍ଥା ଦୃଷ୍ଟି ବାଧିତ ବିଦ୍ୟାଳୟ ର ୩୬ ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ ନାୟକ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ପୌର ସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜ ସେବୀ ସମୀର ଚାନ୍ଦ, ଅଧ୍ୟାପିକା ସଶ୍ମିତା ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ପ୍ରମୁଖ ଯୋଗ ଦେଇ ସର୍ବ ପୁରାତନ ବିଦ୍ୟାଳୟ ଟିର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ପ୍ରଥମେ ଛାତ୍ରଛାତ୍ରୀମାନେ ଆବାହନି ସଙ୍ଗୀତ ଗାନ କରିଥିଲେ । ସହକାରୀ ଶିକ୍ଷକ ଅରୁଣ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବଟ କୃଷ୍ଣ ବାରିକ ଓ ପୌର କର୍ମଚାରୀ ଅଶୋକ କୁମାର ସାହୁ, ବଂଶୀଧର ମହାନ୍ତି ବିଦ୍ୟାଳୟ ର ଅତୀତ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ଭାବେ ପୁରସ୍କୃତ କରିଥିଲେ । ପିଲା ମାନଙ୍କୁ ସ୍କୁଲ୍ ଇଉନିଫର୍ମ, ବ୍ୟାଗ୍ ପ୍ରଦାନ କରାଯାଇଥିଲା । ଅତିଥି ମାନେ ଏହି ବିଦ୍ୟାଳୟକୁ ଆଗକୁ ନେବାକୁ ସମସ୍ତ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟତ୍ରୀ ସୋନାଲିକା ସ୍ୱାଇଁ, ସଶ୍ମିତା ରାଉତ, ମହେନ୍ଦ୍ର ସିଂ, ଗୀତା ଦାସ, ମନୋଜ କୁମାର ବେହେରା, ଅଲେଖ ଜେନା, ବିକାଶ ଦାସ, ମାନିନୀ ବେହେରା ପ୍ରମୂଖ ସହଯୋଗ କରିଥିଲେ । ସର୍ବ ଶେଷରେ ଶାରୀରିକ ଶିକ୍ଷା ଶିକ୍ଷକ ଭରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**କେନ୍ଦ୍ରାପଡା,୨।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମାରୋହରେ ପୂର୍ବତନ ସଭାପତି ଧ୍ରୁବ ଚରଣ ଜେନାଙ୍କ ସଭାପତିତ୍ୱରେ ନିର୍ବାଚନ ଅଧିକାରୀ ସଞ୍ଜୟ କୁମାର ପତ୍ରୀ ନବନିର୍ବାଚିତ ସଭାପତି ଗୋବର୍ଦ୍ଧନ ରାଉତ, ସମ୍ପାଦକ ନୃସିଂହ ଚରଣ ରାଉତ, ଉପସଭାପତି ହାଡିବନ୍ଧୁ ସିଂ, ଯୁଗ୍ମ ସମ୍ପାଦକ ବିନୋଦ କୁମାର ବେହେରା, କୋଷାଧ୍ୟକ୍ଷ ବିଭୂତି ଭୂଷଣ କର, ସହ ସମ୍ପାଦକ ମମତା ମୟୀ ସାମଲ, କାର୍ଯ୍ୟକାରୀ ସଭ୍ୟ ପୁରୁଷ ହରିପ୍ରସାଦ କର, କାର୍ଯ୍ୟକାରୀ ସଭ୍ୟ ମହିଳା ରେଣୁବାଳା ସାମଲଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ ଏବଂ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ବିଦାୟୀ ସଭାପତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସମାରୋହରେ ଜିଲ୍ଲା ଓକିଲ ସଂଘର ଶତାଧିକ ଓକିଲ ଉପସ୍ଥିତ ଥିଲେ।

## ସମାଜସେବୀ ଭୀମସେନ ଜେନାଙ୍କ ପରଲୋକ

**ଅଳି,୨।୪(ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ସନମଙ୍ଗ ପଞ୍ଚାୟତ ଠାକୁରସାହି ଗ୍ରାମର ସମାଜସେବୀ ଭୀମସେନ ଜେନାଙ୍କ ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ଏ ଅଞ୍ଚଳରେ ବେଶ ପରିଚିତ। ତାଙ୍କର କନିଷ୍ଠ ପୁତ୍ର ପ୍ରସନ୍ନ କୁମାର ଜେନା ମୁଖାଗ୍ନି ଦେଇଥିବାବେଳେ ଜ୍ୟେଷ୍ଠ ପୁତ୍ର ଅବସର ପ୍ରାପ୍ତ ଏସଡିଓ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ। ଅନ୍ତ୍ୟେଷ୍ଟି କ୍ରିୟାରେ ଏ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ବାଟିପଡା ଓ ସାନମଙ୍ଗ ପଞ୍ଚାୟତ ତାଙ୍କ ଠାକୁରସାହୀ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନକୁ ଯାଇ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

### ଗଛ ତଳେ ପିଲାଙ୍କ ଭବିଷ୍ୟତ

# ଡହ ଡହ ଖରାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର



ଆଉ କେତେ ବର୍ଷ କଟିବ ଗଛତଳେ ପାଠ ପଢ଼ା

**ଆଳି,୨।୪(ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ପତ୍ରପୁର ପଞ୍ଚାୟତର ବିଲିକଣା ଗ୍ରାମର ନାହିଁ କୋମଳ ମତି ଶିଶୁଙ୍କ ପାଇଁ ସ୍ଥାୟୀ ଗୃହ ଅଙ୍ଗନବାଡ଼ି କେନ୍ଦ୍ର। ଯୋଉ ଅଙ୍ଗନୱାଡ଼ି ଥିଲା ତାହା ସରକାର ଛଅ ବର୍ଷ ହେବ ବିପଦଶଙ୍କୁଳ ଘୋଷଣା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ଯୋଗାଇ ଦେଇନାହାନ୍ତି।ଯାହା ଫଳରେ ଅଙ୍ଗନୱାଡ଼ି କେନ୍ଦ୍ର ପାଲଟିଛି ଗଛ ତଳେ। ଯୋଉଠି ଡ଼ହ ଡ଼ହ ଖରାରେ ଲୋକେ ବାହାରିବା କଷ୍ଟ ହୋଉଛି ତାହା କିପରି କୋମଳ ମତି ଶିଶୁ ଖୋଲା ଆକାଶ ତଳେ ପଢ଼ିବେ ତାକୁ ନେଇ ପ୍ରଶ୍ନ ଉଠିଛି ? ଦେଶର ଭବିଷ୍ୟତ ଏବେ ଗଛ ତଳେ ପଢ଼ିବେ ଓ ଗଢ଼ାହେବେ। ଗୁଣାତ୍ମକ ଶିକ୍ଷାର ଏକି ବିକଳ ଚିତ୍ର ଦେଖା ଦେଇଛି, ଦୀର୍ଘ ଦିନ ଧରି ପ୍ରଶାସନ ପାଖରେ ଅଙ୍ଗନୱାଡ଼ି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ୨୪ ବର୍ଷର ସ୍ଥାୟୀ ସରକାର ଓ ପ୍ରଶାସନ ଯୋଗାଇ ଦେବାରେ ବିଫଳ ହୋଇଛନ୍ତି। ନୂତନ ସରକାରଙ୍କ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜଙ୍କୁ ବି ଅଭିଯୋଗ କରାଯାଇଥିଲେ ମଧ୍ୟ ଫଳ ସୂନ। କାହିଁକି ବୈମାତୃକ ମନୋଭାବ ଆପଣାଇଛି ପ୍ରଶାସନ ଓ ସରକାର। ଅନ୍ୟପଟେ ଏହି ଅଙ୍ଗନୱାଡ଼ି କେନ୍ଦ୍ରର ପିଲା ମାନେ କିଛି ଦିନ ଭଡ଼ା ଘରେ ଚାଲୁ ଥିବା ବେଳେ। ଭଡ଼ା ବାବଦକୁ ଟଙ୍କା ସରକାରଙ୍କ ଠାରୁ ନ ମିଳିବାରୁ ବାରଣୁଣ୍ଢୀ ପିଣ୍ଡା ହୋଇଥିଲେ କୋମଳ ମତି ଶିଶୁ। କିଛି ଦିନ ହେବ ଏକ ସ୍କୁଲ ଶ୍ରେଣୀ କକ୍ଷରେ ପଢୁଥିଲେ କିନ୍ତୁ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସକାଳୁଆ ସ୍କୁଲ ଆରମ୍ଭ ହୋଇ ଥିବାରୁ ସେଠି ଅଙ୍ଗନୱାଡ଼ି କେନ୍ଦ୍ର ପିଲା ପଢ଼ିବା ସମ୍ଭବ ହୋଇ ପାରୁନାହିଁ। ଯାହା ଫଳରେ ପିଲା ମାନେ ଗଛ ମୂଳରେ ପଢ଼ିବା ଏକ ପ୍ରକାର ସାର ହୋଇଛି। ଏହି କେନ୍ଦ୍ରରେ ପିଲା ପଢୁଥିବା ବେଳେ ଏକ ସ୍ଥାୟୀ ଅଙ୍ଗନୱାଡ଼ି କେନ୍ଦ୍ର ଛଅବର୍ଷ ନହେବା ସରକାରଙ୍କ ନାରା ସଭିଏ ପଢ଼ିବେ ସଭିଁଏ ଗଢିବେ ବାସ୍ତବରେ ତାହା କୋଉଠି ନା କୋଉଠି ପଞ୍ଚର ହୋଇ ପଡ଼ିଥିବା ଭଳି ଲାଗୁଛି। ବିନା ଅଙ୍ଗନୱାଡି କେନ୍ଦ୍ରରେ କେତେ ଦିନି ଚାଲିବ ?ଅନ୍ୟ ପଟେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମାମିନାବାଲା ପଣ୍ଡା କହିଛନ୍ତି ଅଙ୍ଗନୱାଡ଼ି ମଞ୍ଜୁର ହୋଇ ରହିଛି ବିଡ଼ିଓ ଙ୍କ ସହ ଆଲୋଚନା ପରେ ଖୁବ ଶୀଘ୍ର ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଯୋଗାଇ ଦିଆଯିବ। କିନ୍ତୁ ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକ ମାନେ ଦାବି ରଖିଛନ୍ତି ଖୁବ୍ ଶୀଘ୍ର ନୂତନ ଗୃହ ଯୋଗାଇ ଦେବାକୁ।

## ଅଜ୍ଞାତବାସରେ ସରପଞ୍ଚ, ଜନସାଧାରଣ ହୀନସ୍ତା

**ମହାକାଳପଡ଼ା,୨।୪(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମ ପଞ୍ଚାୟତର ସରପଞ୍ଚ ରୁପସ୍ୱିନୀ ସାହୁ ଅଜ୍ଞାତବାସରେ ଅଛନ୍ତି ବୋଲି ପଞ୍ଚାୟତର ଲୋକେ ଅଭିଯୋଗ କରିଛନ୍ତି। ଯେହେତୁ ସରପଞ୍ଚ ମହାଶୟା ଅନୁପସ୍ଥିତ ଅଛନ୍ତି ପଞ୍ଚାୟତରେ କାମ ତ ଯାହା ବାଧାପ୍ରାପ୍ତ ହେଉଛି ତତସହିତ ଲୋକମାନେ ବ୍ୟାଙ୍କ୍ ସୁବିଧା ପାଇବାରୁ ବଞ୍ଚିତ ହୋଇ ହୀନସ୍ଥା ହେଉଛନ୍ତି ବୋଲି କହିଛନ୍ତି। କାହିଁକି ନା ସରପଞ୍ଚ ମହାଶୟା କିଓସ୍କ (ବ୍ୟାଙ୍କ୍ ଅଫ୍ ବରୋଦା) ର ମ୍ୟାନେଜର ଭାବରେ ମଧ୍ୟ କାମ କରୁଛନ୍ତି। ଯେଉଁଠାରେ ଲୋକମାନେ ବ୍ୟାଙ୍କ୍ ସୁବିଧା ପାଉଥିଲେ। ବୟସ୍କ ବୃଦ୍ଧ ବୃଦ୍ଧା ମଧ୍ୟ ଭତ୍ତା ଟଙ୍କା ଉଠାଇ ପାରୁଥିଲେ। ହେଲେ ୬ ଦିନ ହେଲାଣି କୁଆଡ଼େ ଗାଏବ ରହିଛନ୍ତି ସରପଞ୍ଚ। ବାରମ୍ବାର ଦଉଡ଼ି ଦଉଡ଼ି ଫେରିବା ପରେ ଆଜି ଅସନ୍ତୋଷ ଦେଖାଇଛନ୍ତି ବ୍ୟାଙ୍କ୍ ସୁବିଧା ପାଇଁ ଆସିଥିବା ଲୋକେ। ସେମାନେ କହିଛନ୍ତି ୬ ଦିନ ହେବ ସରପଞ୍ଚଙ୍କ ଦେଖା ମିଳୁନି। କିଓସ୍କ କେନ୍ଦ୍ର ରେ ତାଲା ଝୁଲୁଛି। ଗୋଟେପଟେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ଅନାସ୍ଥା ଭୋଟ୍ ପାଇଁ ସରପଞ୍ଚ ସଭ୍ୟ ମାନେ ଅଜ୍ଞାତବାସରେ ରହିଥିବା ଚର୍ଚ୍ଚା ହେଉଥିବା ବେଳେ ପଞ୍ଚାୟତରେ ସରପଞ୍ଚଙ୍କ ଅନୁପସ୍ଥିତି ଲୋକଙ୍କ ଚର୍ଚ୍ଚାକୁ ବଳ ଯୋଗାଇଛି। ଏନେଇ ସରପଞ୍ଚଙ୍କ ସହିତ ଯୋଗାଯୋଗ ହୋଇ ପାରିନାହିଁ।

## ଜିଲ୍ଲାସ୍ତରୀୟ ପ୍ରବେଶ,ଖଡିଛୁଆଁ କାର୍ଯ୍ୟକ୍ରମ



**କେନ୍ଦ୍ରାପଡା,୨।୪(ସଂଚାର ବ୍ୟୁରୋ):** ଶିକ୍ଷାକୁ ସୁନିଶ୍ଚିତ କରିବା ନୂତନ ଶିକ୍ଷା ନୀତି ୨୦୨୦ ଆଧାରରେ ସମସ୍ତ ପ୍ରାଥମିକ ବିଦ୍ୟାଳୟ ରେ "ଶିଶୁ ବାଟିକା" ଓ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଠାକୁରପାଟଣା ଠାକୁରହାଟ ଠାରେ ଥିବା ପ୍ରକଳ୍ପ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଶ୍ରୀକାନ୍ତ କୁମାର ବେହେରା, ସରପଂଚ ମଧୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସର ରେ ଅତିଥି ମାନଙ୍କ ଦ୍ୱାରା ଏକ ଶିକ୍ଷା ସଚେତନ ରଥକୁ ଉଦ୍‌ଘାଟନ କରାଯାଇ ଥିଲା। ଜିଲ୍ଲା ସମଗ୍ର ଶିକ୍ଷା ବିଭାଗ ଆନୁକୂଲ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କିରଣ କ୍ରଷ୍ଣା ସାହୁ, ଏସ୍‌ଟି, ଏସ୍‌ସି ସଂଯୋଜିକା ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ସମେତ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ରାଜସ୍ୱ ଆଦାୟରେ ତହସିଲ ଓ ପରିବହନ ବିଭାଗ ବିଫଳ

**କେନ୍ଦ୍ରାପଡା,୨।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତହସିଲ ରାଜସ୍ୱ ଆଦାୟ ରେ ସରକାରଙ୍କ ଦ୍ୱାରା ପ୍ରଦତ ଧାର୍ଯ୍ୟ ଲକ୍ଷ୍ୟ ଛୁଇଁ ନପାରି ବିଫଳ ହୋଇଥିବା ଜଣାପଡିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ରାଜସ୍ୱ ବିଭାଗ କେନ୍ଦ୍ରାପଡା ତହସିଲ କୁ ୫କୋଟି ୨୪ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ତେବେ ବିଭିନ୍ନ ଅସୁବିଧା ହେତୁ ତହସିଲ ଏହି ଲକ୍ଷ୍ୟ ପୁରଣ କରି ନପାରି ମାତ୍ର ୪କୋଟି ୬୪ଲକ୍ଷ ଟଙ୍କା ରାଜସ୍ୱ ଅଦାୟ କରିଥିବା ସୂଚନା ମିଳିଛି । ସେହିଭଳି କେନ୍ଦ୍ରାପଡା ଆଂଚଳିକ ପରିବହନ ବିଭାଗ ରାଜସ୍ୱ (ଯାନ ବାହନ ଟିକସ) ଆଦାୟ ରେ ଲକ୍ଷ୍ୟ ପୁରଣ କରିପାରି ନାହିଁ । ବିଭାଗକୁ ୪୨ କୋଟି ଟଙ୍କା ଟିକସ ଆଦାୟ କରିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଦିଆଯାଇ ଥିବା ବେଳେ ବିଭାଗ ପକ୍ଷରୁ ୩୯ କୋଟି ଟଙ୍କା ଟିକସ ଆଦାୟ କରାଯାଇ ଥିବା ଜଣାପଡିଛି ।

## ନାମଲେଖା ହେଉନଥିବାରୁ ତାତିଲେ ଅଭିଭାବକ



ବିଇଓ ଓ ସିଆର୍‌ସିସିଙ୍କୁ ଅଟକ ରଖିଲେ

**ନିଶ୍ଚିନ୍ତକୋଇଲି,୨।୪(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ନୂଆ ନିୟମ ଶିଶୁ ବାଟିକା(ବାଲ ବାଟିକା) ବିଦ୍ୟାଳୟ ମାନଙ୍କରେ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଆଜି ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବିଦ୍ୟାଳୟରେ ଖଡ଼ି ଛୁଆଁ ନାମ ଲେଖା କାର୍ଯ୍ୟକ୍ରମ ଥିଲା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମପଞ୍ଚାୟତରେ ଥିବା କାଳିଆବୁଦା ପ୍ରାଥମିକ ବିଦ୍ୟାଳୟରେ ବ୍ୟତିକ୍ରମ ଘଟିଛି। ଉକ୍ତ ବିଦ୍ୟାଳୟଟି ଦୀର୍ଘ ୬ବର୍ଷ ହେଲା ତେନ୍ତୁଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ଆଳରେ ୬ଜଣ ଛାତ୍ର ଛାତ୍ରୀଙ୍କୁ ୨ଜଣ ଶିକ୍ଷକ ଶିକ୍ଷାଦାନ ଦେଇ ଚାଲିଥିବା ବେଳେ ନୂତନ ଛାତ୍ର ଛାତ୍ରୀଙ୍କ ନାମ ଲେଖା ପାଇଁ ବାରଣ କରାଯାଇଛି। ଫଳରେ ଛାତ୍ର ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ୬ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ପ୍ରଧାନ ଶିକ୍ଷକ ଭାବେ ମହବ୍ବଦ୍ ହାଫିଜୱାଲ୍ଲା ଅଛନ୍ତି।ଆଜିର ସରକାରଙ୍କ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ରହିଥିବା ବେଳେ ଗ୍ରାମର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ନାମ ଲେଖାଇବା ପାଇଁ ତାଙ୍କ ଅଭିଭାବକ ମାନେ ଜରୁରୀ କାଗଜ ପତ୍ର ଧରି ପ୍ରସ୍ତୁତ ରହିଥିଲେ। ତେବେ ଆଜିର ଖଡ଼ିଛୁଆଁ କାର୍ଯ୍ୟକ୍ରମକୁ ନେଇ ନିଶ୍ଚିନ୍ତକୋଇଲି ଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟାକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିବା ବେଳେ କାଳିଆବୁଦା ବିଦ୍ୟାଳୟରେ କିନ୍ତୁ ଏହାର ବ୍ୟତିକ୍ରମ ଘଟିଛି। ଜାହାକୁ ନେଇ ସତାଧିକ ଗ୍ରାମବାସୀ ମାନେ ତାଙ୍କ ଛାତ୍ର ଛାତ୍ରୀ ମାନଙ୍କ ନାମଲେଖା କରାଇବା ଜିଦ୍ ରେ ସକାଳ ପ୍ରାୟ ୭ଘଟିକାରୁ ପ୍ରଧାନ ଶିକ୍ଷକ ଓ ସିଆରସିସିଙ୍କୁ ସହ ସମ୍ମାନେ ଅଟକ ରଖି ଥିବା ବେଳେ ରାତି ପ୍ରାୟ ୮ଘଟିକାରେ ମଣ୍ଡଳ ଶିକ୍ଷାଅଧିକାରିଣୀ ସଂଯୁକ୍ତା ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ନିଜର ଅପାରଗତାକୁ ପ୍ରତିପ୍ରାଦନ କରି ଶ୍ରୀମତି ମହାପାତ୍ର ଛାତ୍ର ଛାତ୍ରୀଙ୍କ ପାଇଁ କିଛି କରିପାରିବେ ନାହିଁ ବୋଲି ନିଜର ମତ ରଖିଥିଲେ। ଯାହାକୁ ନେଇ ଖବର ଲେଖା ହେଲା ବେଳକୁ ଗ୍ରାମବାସି ମାନେ ଉଭୟ ବିଇଓ,ସିଆରସିସି ଓ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖି ନିଜ ଜିଦ୍ ରେ ଅଟଳ ରହିଥିଲା ବେଳେ ନିଶ୍ଚିନ୍ତକୋଇଲି ଶିକ୍ଷା ବିଭାଗର ଏଭଳି ନୀତି ନିୟମକୁ ବୁଦ୍ଧିଜିବି ମହଲରେ ଘୋର୍ ନିନ୍ଦା କରାଯାଇଛି।

## ପୂର୍ବତନ ବିଧାୟକ ଦେବେନ୍ଦ୍ରନାଥଙ୍କ ସ୍ମୃତିସଭା



**ଆଳି,୨।୩(ସଂଚାର ବ୍ୟୁରୋ):** ଆଳିର ପୂର୍ବତନ ବିଧାୟକ, ଦିବଂଗତ ଲଢୁଆ ନେତା ସ୍ୱର୍ଗତ ଦେବେନ୍ଦ୍ର ନାଥ ଶର୍ମା ଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଆଳି ନିଆଳ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ବରିଷ୍ଠ ବିଧାୟକ ସୁର ରାଉତରାୟ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ପ୍ରତାପ କେଶରୀ ଦେବ, ବ୍ୟୋମକେଶ ରାୟ, ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଅଲେଖ ଜେନା, ବରିଷ୍ଠ କଂଗ୍ରେସ ନେତା ପଦ୍ମକର ଗୁରୁ, ସିଦ୍ଧାର୍ଥ ରାଉତରାୟ, ଅଂଶୁମାନ ମହାନ୍ତି ପ୍ରମୁଖ ଯୋଗ ଦେବା ସହ ବିଭିନ୍ନ ନିର୍ବାଚନ ମଣ୍ଡଳୀର ବିଧାୟକ, ପୂର୍ବତନ ବିଧାୟକଙ୍କ ସମେତ ବହୁ ପୁରୁଖା ରାଜନେତା ଓ ସାଧାରଣ ଲୋକ ଯୋଗଦେଇ ଦେବେନ୍ଦ୍ର ଙ୍କ ଫଟୋରେ ପୁଷ୍ପ ମାଲ୍ୟା ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ ଥିଲେ ମହିଳା ଫୁଟବଲ ର ଜନକ ଜଣେ ଲଢୁଆ ବିଧାୟକ ଭାବେ ସେ ବିଧାନସଭାରେ ମଧ ନିଜର ଦମ ଦେଖାଇବା ସହିତ ନିର୍ବାଚନ ମଣ୍ଡଳୀ ବିକାଶ କ୍ଷେତ୍ରରେ ଅନେକ ନିଷ୍ପତି ନେଇଥିଲେ। ଗମନା ଗମନ ଠୁ ଆରମ୍ଭ କରି ଅନେକ ବିକାଶ ମୂଳକ କାର୍ଯ୍ୟ ତାଙ୍କ ସମୟରେ ହୋଇଛି। ସେ ଜଣେ ସାଲିଶି ବିହୀନ ସ୍ପଷ୍ଟବାଦୀ, ଜନ ନେତା ଥିଲେ। ହଜାର ହଜାର ଦେବେନ୍ଦ୍ର ପ୍ରେମୀ ଙ୍କ ଜନସମାଗମ ଆଳି ଅଞ୍ଚଳ କୁ ଲୋକାରଣ୍ୟ କରିଥିଲା ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

● ମାଛ ଧରିବାକୁ ଯାଇ ନଦୀରେ ଭାସିଯାଇଥିଲେ



**ମହାକାଳପଡ଼ା,୨।୪(ସଂଚାର ବ୍ୟୁରୋ):** ଗତକାଲି ନଦୀକୁ ମାଛ ଧରିବାକୁ ଯାଇ ପାଣିରେ ଭାସିଯାଇଥିବା ବାପି ମଣ୍ଡଳଙ୍କ ମୃତଦେହ ଆଜି ସ୍ଥାନୀୟ ମତ୍ସ୍ୟଜୀବୀମାନେ ନଦୀରୁ ଉଦ୍ଧାର କରିଛନ୍ତି। ନଦୀରେ ଭାସୁଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଛି। ମହାକାଳପଡା ବ୍ଲକ ଖରିନାସୀ ଗ୍ରାମର ଗୋବରୀ ନଦୀ ମୁହାଣ ବନ୍ତନାଶିକନ୍ଦା ନିକଟରେ ଜାଲ ପକାଇ ମାଛ ଧରୁଥିବା ବେଳେ ବରଜ ଗ୍ରାମର କପିଳ ସାମଲ ଓ ରାମନଗରର ତାପସ ମଣ୍ଡଳ, ଗୋବିନ୍ଦ ମଣ୍ଡଳ, ପ୍ରଭାସ ମଣ୍ଡଳ, ହିରନ ସରକାର, କପିଳ ସାମଲ, ବାପି ମଣ୍ଡଳ ଭାସିଯାଇଥିଲେ। ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ୫ ଜଣ ଉଦ୍ଧାର ହୋଇଥିଲା ବେଳେ ବାପି ମଣ୍ଡଳ ନିଖୋଜ ଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକେ ଡଙ୍ଗାରେ ଖୋଜାଖୋଜି କରି ମଧ୍ୟ ବାପିଙ୍କ ପତ୍ତା ମିଳିନଥିଲା। ଆଜି ସକାଳୁ ବାପିଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିବା ପରେ ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବ।

## ବିଦ୍ୟାଳୟରେ ଶିଶୁ ବାଟିକା କାର୍ଯ୍ୟକ୍ରମ

**ମାର୍ଶାଘାଇ,୨।୪(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ଆଦମପୁର କୁଳସାହି ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟ ରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରବେଶ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ବିକ୍ରମ କେଶରୀ ଦାଶ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ରାଉତରାୟ, କ୍ଲଷ୍ଟର ସିଆରସିସି ନିରଞ୍ଜନ ରାଉତ, ଶିକ୍ଷୟତ୍ରୀ ଲତିକା ପାଇଟାଳ, ଏବଂ ସଭାପତି କ୍ଷୀରୋଦ ସାମଲ, ଅଭିଭାବକ ବଗୁଲି ବାରିକ, ଯମୁନା ଦାସ, ରଶ୍ମିତା ସ୍ୱାଇଁ, ସୁପ୍ରଭା ସ୍ୱାଇଁ, ଭାଗ୍ୟବତୀ ଦାସ ସମେତ ବହୁ ଅଭିଭାବକ ମାନେ ଉପସ୍ଥିତ ଥିଲେ।ରାଜ୍ୟ ସରକାରଙ୍କ ଏପରି ଅଭିନବ ପ୍ରୟାସକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଶିକ୍ଷା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିବା ନେଇ ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି।

## ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ଶିବିର



**ରାଜନଗର,୨।୪(ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ୧୬୮ ଜଣ ଛାତ୍ରୀ ମାନେ ପ୍ରଶିକ୍ଷଣ ନେଇ ନିଜର ଦକ୍ଷତା ପ୍ରତି ପାଦନ କରିଥିଲେ।ପ୍ରଶିକ୍ଷିକା ଭାବେ ପ୍ରୀତିପ୍ରଭା ରାଉତ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଣୟ କୁମାର ବେହେରା ଯୋଗଦେଇ ଶିବିରର ଉଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଶିବିରର ସଂଯୋଜିକା ଅଧାପିକା ସାଗରିକା କର ଓ ସୁଭଦର୍ଶନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଓଡ଼ିଶା ଦିବସ ପାଳିତ

**ପଟାମୁଣ୍ଡାଇ,୨।୪ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ପରିସରରେ ପବିତ୍ର ୯୦ତମ ଉତ୍କଳ ଦିବସ ବା ଓଡିଶା ଦିବସ ପାଳିତ ହୋଇ ଯାଇଅଛି। ଏହି ଉପଲକ୍ଷେ ଆୟୋଜିତ ଏକ ବର୍ଣାଢ୍ୟ ସଭାରେ ନାଗରିକ ମଞ୍ଚ ର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଟାମୁଣ୍ଡାଇ ପୌରାଧ୍ୟକ୍ଷ ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ପଟାମୁଣ୍ଡାଇ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରିଣୀ ଶ୍ରୀମତୀ ବନ୍ଦନା ପାତ୍ର, ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ କେଳୁ ଚରଣ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର ଯୋଗଦାନ କରି ପବିତ୍ର ଉତ୍କଳ ଦିବସ ପାଳନର ତାତ୍ପର୍ଯ୍ୟ ଓ ପ୍ରତ୍ୟେକ ଓଡିଆ ଙ୍କ ପାଇଁ ଏହା ଗର୍ବ ଓ ଗୌରବ ବୋଲି ଆଲୋକପାତ କରିଥିଲେ।ଇଂରେଜ ଶାସନକାଳରେ ଓଡିଶା ବୋଲି ରାଜ୍ୟ କିଛି ନଥିଲା ଏହା ବିହାର ସହିତ ମିଶିକରି ଥିଲା।

### ମେଡିକାଲ କଲେଜ ସହିତ ଦୁଇଟି ଶକ୍ତି ପୀଠ

## ପର୍ଯ୍ୟଟନସ୍ଥଳି ପାଇଁ ଦାବି ଉଠାଇଲେ ଦୁର୍ଗା ପ୍ରସନ୍ନ



**କେନ୍ଦ୍ରାପଡା/ମହାକାଳପଡ଼ା,୨।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ ପାଇଁ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ। ଜିଲ୍ଲାରେ ମେଡିକାଲ କଲେଜ ପାଇଁ ସମସ୍ତ ଭିତ୍ତିଭୂମି ରହିଥିବା ନେଇ ବିଧାୟକ ଡ଼ ନାୟକ ଉପସ୍ଥାପିତ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉପସ୍ଥିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମସ୍ତ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ନେଇ କହିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାକୁ ଅଗ୍ରାଧିକାର ଦେବାକୁ ଦୁର୍ଗା ପ୍ରସ୍ତାବ ରଖିଛନ୍ତି। ଏଥି ସହିତ ମହାକାଳପଡା ନିର୍ବାଚନ ମଣ୍ଡଳୀର ଅଲେଖ ନାହାକଣୀ ପୀଠର ସ୍ୱତନ୍ତ୍ରତା ରହିଛି। ବାରମାସରେ ତେରପର୍ବ ସହିତ ବାରୁଣୀ ଅମାବାସ୍ୟାରେ ବଙ୍ଗୋପସାଗର(ମହୋଦଧି) କୁ ଛୁଉଁଥିବା ତଣ୍ଡା ଠାରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ବାରୁଣୀ ସ୍ନାନ(ବୁଡ) ପକାଇ ଥାଆନ୍ତି। ଏଠାକୁ ବିଭିନ୍ନ ସମୟରେ ଶ୍ରଦ୍ଧାଳୁ ମାନେ ଆସୁଥିବା ବଳେ ଏହାର ଭିତ୍ତି ଭୂମିର ବିକାଶ କରାଇ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବି କରିଛନ୍ତି। ଗହୀରମଥା ସାମୂଦ୍ରିକ ଅଭୟାରଣ୍ୟ ମହାକାଳପଡା ଉପକୂଳରେ ରହିଛି।ଯାହାକି ଅଲିଭ ରିଡଲେ କଇଁଛମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆସି ଅଣ୍ଡାଦେଇ ପୁଣି ସମୁଦ୍ରକୁ ଫେରିଯାଆନ୍ତି। ଯାହାକି ଏହି ସ୍ଥାନଟି ବିଶ୍ୱ ପ୍ରସିଦ୍ଧ। କିନ୍ତୁ ସେମାନଙ୍କ ପ୍ରଜନନ ସମୟରେ କଟକଣା ପାଇଁ ପର୍ଯ୍ୟଟକ ମାନଙ୍କୁ ବାରଣ କରାଯାଇଥାଏ। ଏହି ବିରଳ ଦୃଶ୍ୟକୁ ପର୍ଯ୍ୟଟକମାନେ ଉପଭୋଗ କରିବାକୁ ପର୍ଯ୍ୟଟନ ବିଭାଗ ତରଫରୁ ଏକ ଓ୍ୱାଚ ଟାୱାର ନିର୍ମାଣ କରାଗଲେ ପର୍ଯ୍ୟଟକମାନେ ବିରଳ ଦୃଶ୍ୟ ଦେଖିବାର ସୁଯୋଗ ପାଆନ୍ତେ। ଏଥିସହିତ ମାର୍ଶାଘାଇ ବ୍ଲକର ବାଘଡିଆସ୍ଥିତ ମା ଗୋଜ ବାୟାଣୀ ପୀଠ ସମଗ୍ର ରାଜ୍ୟରେ ଶକ୍ତି ପୀଠ ଭାବରେ ପରିଚିତ।

## କୀଟନାଶକ ବ୍ୟବହାର ଯୋଗୁଁ ବଢ଼ୁଛି କ୍ୟାନସର



**ଭୁବନେଶ୍ୱର,୨।୪ (ସଂଚାର ବ୍ୟୁରୋ):**ଅଧିକ କୀଟନାଶକ ବ୍ୟବହାର ଯୋଗୁଁ ବଢ଼ୁଛି କ୍ୟାନସର୍। ଗୃହରେ ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ଉତ୍ତର ରଖି କହିଲେ ଆଇନମନ୍ତ୍ରୀ। ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉତ୍ତର ରଖି କହିଛନ୍ତି, ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲାରେ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଫସଲରେ ଅଧିକ କୀଟନାଶକ ବ୍ୟବହାର କରାଯାଉଛି। ଜମିର ଗୁଣବତ୍ତା ନଷ୍ଟ ହେଉଛି ଓ କ୍ୟାନସର୍ ଭଳି ରୋଗ ବ୍ୟାପୁଛି ବୋଲି ମନ୍ତ୍ରୀ କହିଛନ୍ତି। ଏଥିପାଇଁ ବଳଭଦ୍ର ଜୈବିକ ମିଶନକୁ ଗୁରୁତ୍ୱ ଦିଆଯାଉଛି। ଜୈବିକ ଚାଷ କ୍ଷେତ୍ରଫଳ ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ହରିଚନ୍ଦନ କହିଛନ୍ତି। ଗୃହରେ ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ଉତ୍ତର ରଖିଲେ ଆଇନ ମନ୍ତ୍ରୀ।

# ସୁଇପର୍ ୪୨୦: ଚାକିରି ଦେବାକୁ କହି ଠକିଛନ୍ତି କୋଟିଏରୁ ଊର୍ଦ୍ଧ୍ୱ

**କେଉଁଝର,୨।୪(ସଂଚାର ବ୍ୟୁରୋ):** କେଉଁଝର ଜିଲ୍ଲାରେ ଖୋଲିଥିବା ମେଡିକାଲ କଲେଜରେ ଚାକିରୀ କରାଇଦେବା କଥା କହି ଜଣେ ସୁଇପର କୋଟି କୋଟି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା କେଉଁଝର ଜିଲ୍ଲାରେ ହଇଚଇ ସୃଷ୍ଟି କରିଥିବା ବେଳେ ଏହାକୁ ନେଇ ଆରମ୍ଭ ହୋଇଛି ଖୋଳତାଡ଼। ତେବେ ଜଣେ ସୁଇପର୍ ଡାକ୍ତରୀ ପାଠପଢ଼ା ପିଲାଙ୍କୁ ବୁଦ୍ଧିକୁ ମାତ୍ ଦେଇ ଏତେ ଟଙ୍କା ଲୁଟିନେବା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।



ଅଭିଯୋଗ ଅନୁସାରେ, ଜିଲ୍ଲାରେ ନୂଆ କରି ଖୋଲିଥିବା ମେଡିକାଲ କଲେଜରେ ଚାକିରି କରାଇଦେବାକୁ କହି ଜନୈକ ଅଭିଭାବକଠାରୁ ଉକ୍ତ ସୁଇପର୍ ଜଣଙ୍କ ପ୍ରଥମେ ୪୦ ହଜାର ଟଙ୍କା ନେଇଛନ୍ତି। ଏହାପରେ ଜଏନିଂ ପୂର୍ବରୁ ବାକି ଟଙ୍କା ଦେଇଦେବ ବୋଲି ସେ କହିଥିବା ଜନୈକ ଅଭିଭାବକ କହିଛନ୍ତି। ଉକ୍ତ ମହିଳା ସୁଇପର୍‌ଙ୍କ ନାମ ପ୍ରମିଳା ପରିଡା। ହସପିଟାଲରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହେବା ନେଇ ଜାଣିବା ପରେ ସେ ତାଙ୍କ ଠକେଇ ପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଥିଲେ। ନିରୀହ ପିଲାଙ୍କଠୁ ଟଙ୍କା ନେଇ ହସପିଟାଲରେ ଚାକିରୀ କରାଇଦେବେ ବୋଲି ମିଛ କଥା କହିଚାଲିଲେ। ପିଲାଙ୍କ ସହ ଏଗ୍ରିମେଣ୍ଟ କରିବା, ମିଛି ମିଛିକା ଇଣ୍ଟରଭିୟୁ କରିବା, ତାଲିକା ତିଆରି କରିବା ଏବଂ ଚାକିରି ପକ୍କା ହେବ କହି ଅଫିସ ଆଇ କାର୍ଡ ବାଣ୍ଟି ଶତାଧିକ ପିଲାଙ୍କୁ ଠକିଚାଲିଥିଲେ ସେ। ତେବେ ବର୍ଷ ପରେ ବର୍ଷ ବିତିଥିଲେ ବି ଚାକିରି ନ ମିଳିବାରୁ ଚାକିରି ଆଶାୟୀମାନେ ଠକେଇର ଶିକାର ହୋଇଥିବା ଅନୁମାନ କଲେ। ତେଣୁ ଅଧିକାଂଶ ଆଶାୟୀ ଓ ଅଭିଭାବକ ତାଙ୍କ ଟଙ୍କା ଫେରସ୍ତ ଚାହିଁଲେ। କିନ୍ତୁ ଟଙ୍କା ଫେରସ୍ତ ଦେବା ତ ଦୂରର କଥା ବରଂ ପ୍ରମିଳା ମୁହଁ ତୋଡ ଦେଖାଇ ଧମକ ଦେଲେ। କେହି ଯଦି ଟଙ୍କା ଫେରସ୍ତ ପାଇଁ ଫୋନ୍ କଲେ ସେମାନଙ୍କୁ କେବଳ ଧମକଚମକ ମିଳୁଥିଲା। ଏମବିବିଏସ ଛାତ୍ରୀ ସୁଜାତା ବେହେରା ପ୍ରମିଳାଙ୍କ ନାଁରେ ଟଙ୍କା ହଡପ ଅଭିଯୋଗ ଆଣି କେଉଁଝର ଟାଉନ ଥାନାରେ ମାମଲା ରୁଜୁ କରିଥିଲେ। ସୁଜାତାଙ୍କଠୁ ପ୍ରମିଳା ପାଖାପାଖି ୪ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ତେବେ ମିଳିଥିବା ଅଭିଯୋଗ ମୁତାବକ ସୁଜାତାଙ୍କ ଭଳି ଅନେକ ଛାତ୍ରଛାତ୍ରୀଙ୍କଠୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଛନ୍ତି ପ୍ରମିଳା। ତେବେ କେବଳ ପ୍ରମିଳା ନୁହଁନ୍ତି, ତାଙ୍କ ସହ ସରୋଜ ପଣ୍ଡା ଓ ଭୁବନ ମହନ୍ତ ନାମକ ଦୁଇ ଜଣ ବ୍ୟକ୍ତି ମଧ୍ୟ ନିଯୁକ୍ତି ସ୍କାମରେ ସାମିଲ ଥିବା କୁହାଯାଉଛି। ଏପରିକି ସେମାନେ ପୂରା ସ୍କାମର ମାଷ୍ଟରମାଇଣ୍ଡ ଥିବା କୁହାଯାଉଛି। ପ୍ରମିଳାଙ୍କ କାନ୍ଧରେ ବନ୍ଧୁକ ରଖି ସେମାନେ ଗୁଳି ମାରୁଥିଲେ ବୋଲି ଚର୍ଚ୍ଚା ହେଉଛି। ଏସବୁ ସତ୍ତ୍ୱେ ସେମାନେ ନିଜକୁ ଧୁଆମୂଳା ବୋଲି କହୁଛନ୍ତି। କିନ୍ତୁ ସେମାନଙ୍କୁ ଏହି ମାମଲାରେ କାହିଁକି ଗିରଫ କରାଯାଇନାହିଁ, ସେନେଇ ପ୍ରଶ୍ନ ଉଠିଛି।

## ବାଲିପାଟଣାରେ ଗଡ଼ିଲା ମୁଣ୍ଡ ; ଭିଣୋଇଙ୍କୁ ହାଣିଲା ଶଳା

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ରାଜଧାନୀ ଉପକଣ୍ଠରେ ହତ୍ୟାକାଣ୍ଡ । ସଂଧ୍ୟାରେ ବାଲିପାଟଣା ଥାନା ନରଦା ବଜାରରେ ଗଡ଼ିଲା ମୁଣ୍ଡ । ଭିଣୋଇଙ୍କୁ ହାଣିଲା ଶଳା । ମୃତକ ହେଲେ ରେଙ୍ଗାଲୋ ଗ୍ରାମର ମୁନା ଖାଁ । ଆଜି ମୁନା ନରଦା ବଜାରରେ ଏକ ଦୋକାନ ସମ୍ମୁଖରେ ବସିଥିବାବେଳେ ତାଙ୍କ ଶଳା ଏକ ଖଣ୍ଡାରେ ହାଣି ପକାଇଥିଲା । ଏଥିରେ ମୁନାଙ୍କର ମୃତ୍ୟୁ ହୋଇଛି । ଏକ ମାସ ପୂର୍ବେ କୌଣସି କାରଣରୁ ଶଳା ଭିଣୋଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ।



## ଆୟୁଷ ଡାକ୍ତର ଚାକିରି ସ୍ଥାୟୀକରଣ ଦାବି
### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ



**ଭୁବନେଶ୍ୱର,୨।୪ (ସଂଚାର ବ୍ୟୁରୋ):** ବାରମ୍ବାର ଦାବି ପରେ ବି ଶୁଣୁ ନାହାନ୍ତି ରାଜ୍ୟ ସରକାର । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟ କରୁଥିବା ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ସଂଘ ୧୬ ବର୍ଷ ହେବ ଚୁକ୍ତି ଭିତ୍ତିରେ ସିଏଚସି/ପିଏଚସିରେ କାର୍ଯ୍ୟ କରୁଛନ୍ତି। ସବୁ ଆୟୁଷ ଡାକ୍ତରଙ୍କୁ ଚାକିରି ନିୟମିତ କରିବା ପାଇଁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଲା ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଓଡ଼ିଶା ଆୟୁଷ ସଂଘ । ଚୁକ୍ତିଭିତ୍ତିକ ଡ଼ାକ୍ତରମାନେ ଚାକିରି ସ୍ଥାୟୀକରଣ ଦାବି କହି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଦୀର୍ଘ ୧୮ ବର୍ଷ ହେବ ଆୟୁଷ ଡାକ୍ତରମାନଙ୍କୁ ଚୁକ୍ତି ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ଏହି ପ୍ରସଙ୍ଗରେ ଦୀର୍ଘ ଦିନ ଧରି ରାଜ୍ୟସରକାର ନୀରବଦ୍ରଷ୍ଟା ସାଜିଛନ୍ତି । ଯାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ୨୦୧୪ରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମିତିର ଜାତୀୟ ସ୍ୱାସ୍ଥ୍ୟ ମିଶନରେ ନିଯୁକ୍ତ ଆୟୁଷ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଫାର୍ମାସିଷ୍ଟ, ଲବୋରୋଟରୀ ଟେକ୍ନିସିଆନଙ୍କ ନିଯୁକ୍ତିକୁ ସ୍ଥାୟୀକରଣ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଭାବେ କାର୍ଯକାରୀ କରାଯାଇନାହିଁ । କେବଳ ୮୧୯୫ ଜଣ ନର୍ସ, ସ୍ୱାସ୍ଥ୍ୟକର୍ମୀ, ଫାର୍ମାସିଷ୍ଟ, ଲବୋରେଟରି ଟେକ୍ନିସିଆନ ଙ୍କୁ ୨୦୧୯ ଫେବୃଆରୀ ମାସରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁମୋଦନରେ ସ୍ଥାୟୀ କରାଯାଇଛି।

## କେନାଲକୁ ଖସିଲା କାର୍: କଟକ ବିଜେଡି ଉପସଭାପତି ମୃତ



**ମାଣିଆବନ୍ଧ,୨।୪(ସଂଚାର ବ୍ୟୁରୋ):**କଟକ ଜିଲା ତିଗିରିଆ ଥାନା ଅନ୍ତର୍ଗତ ଗୋଡ଼ିଝରିଆସ୍ଥିତ ରେଙ୍ଗାଲି ଦକ୍ଷିଣ କେନାଲରେ ସୋମବାର ସନ୍ଧ୍ୟାରେ ଏକ କାର୍ କେନାଲ ଭିତରକୁ ଖସିପଡ଼ିଛି। ଫଳରେ ମାଣିଆବନ୍ଧ ଥାନା ଅନ୍ତର୍ଗତ ବାଙ୍ଗରସିଂହା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କଟକ ଜିଲା ବିଜେଡି ଉପସଭାପତି ସଞ୍ଜୟ କୁମାର ସ୍ୱାଇଁ (୫୨)ଙ୍କ ମୃତ୍ୟୁ ଘଟିଛି। କାର୍‌ରେ ତାଙ୍କ ସହ ଥିବା ବନ୍ଧୁ ତଥା ଖବରଦାତା, ପ୍ରମୋଦ ପଣ୍ଡାଙ୍କ ସମେତ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ସୋମବାର ସାରେ ସଞ୍ଜୟ ଓ ଅନ୍ୟମାନେ ଢେଙ୍କାନାଳରୁ ବଡ଼ମ୍ବା ଫେରୁଥିଲେ। ସଞ୍ଜୟ କାର୍ ଚଲାଉଥିଲେ। ରେଙ୍ଗାଲି ଦକ୍ଷିଣ କେନାଲ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ପାଣି ଭିତରକୁ ପଶିଯାଇଥିଲା। ବୁଡ଼ିଯାଇଥିବା କାର୍‌ରୁ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସଞ୍ଜୟ ଓ ପ୍ରମୋଦଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୟଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ମଧାହ୍ନରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ ବିଜେଡି ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ର, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, କଟକ ଜିଲା ଭାଜପା ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ଭାଜପା ନେତା ଭଗବାନ ପରିଡ଼ାଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତି ସଞ୍ଜୟଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହାପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।

## ଲାଞ୍ଜିଗଡ଼ ପଞ୍ଚାୟତ ଗ୍ରାମୀଣ ହାଟ ଉଦ୍‌ଘାଟିତ

**ଲାଞ୍ଜିଗଡ଼,୨।୪(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ର ଲାଞ୍ଜିଗଡ଼ ପଞ୍ଚାୟତ ଗ୍ରାମୀଣ ସାପ୍ତାହିକ ହାଟ ଆଜି ଉଦଘାଟିତ ହୋଇଛି। ବେଦାନ୍ତ ଆଲୁମିନିୟମ ଓ ନାବାର୍ଡର ମିଳିତ ସହଯୋଗରେ ଏହି ହାଟ ୮୦ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ନାବାର୍ଡ ଡିଜିଏମ ମହେଶ୍ୱର ଦାସ, ଲାଞ୍ଜିଗଡ଼ ବେଦାନ୍ତ ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ମହାଶକ୍ତି ଫାଉଣ୍ଡେସନ ଏମଡି ଯୁଗଳ କିଶୋର ପଟ୍ଟନାୟକ, ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାହେନ୍ଦ୍ର ପ୍ରତାପ ସିଂହଦେଓ, ଲାଞ୍ଜିଗଡ଼ର ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ସିଏସଆର ମୁଖ୍ୟ ଶିଶିର ତରଫଦାର ପ୍ରମୁଖ ଯୋଗଦେଇଥିଲେ।




ଲାଞ୍ଜିଗଡ଼ ପଞ୍ଚାୟତର ନିଜସ୍ୱ ୨.୫ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ଦୈନିକ ବଜାର ପାଇଁ ବିଦ୍ୟୁତ୍ ଓ ଆଲୋକ ବ୍ୟବସ୍ଥା ସହ ୩୬ଟି ଦୋକାନ ଘରକୁ ଲାଞ୍ଜିଗଡ଼ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଏହି ହାଟ ଜରିଆରେ ସ୍ଥାନୀୟ କୃଷକମାନଙ୍କୁ ଉନ୍ନତ ବଜାର ସୁବିଧା ଯୋଗାଇ ଦିଆଯାଇଛି। ଏଠାରେ ଚାଷୀମାନେ ନିଜର ଉତ୍ପାଦିତ କୃଷିଜାତ ସାମଗ୍ରୀକୁ ସିଧାସଳଖ ଗ୍ରାହକଙ୍କୁ ବିକ୍ରି କରିପାରିବେ। ଏଠାରେ କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀ ନୁହଁନ୍ତି, ବରଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ମଧ୍ୟ ସେମାନଙ୍କ ସାମଗ୍ରୀ ବିକ୍ରି କରିପାରିବେ। ହାଟର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ହାଟ ପରିଚାଳନା କମିଟି ଗଠନ ସହ ହାଟର ବର୍ଜ୍ୟବସ୍ତୁର ଯେଭଳି ଠିକଣା ପରିଚାଳନା ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମକୁ ଶ୍ରୀମୁଖି ଅଗସ୍ତି ପରିଚାଳନା କରିଥିବା ବେଳେ ଲାଞ୍ଜିଗଡ଼ ଯୁବକ ସଂଘ, ବିଭିନ୍ନ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟବସାୟୀ, ବୁଦ୍ଧିଜୀବୀ ଓ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

## ବିପିଏନଏସଆଇର ସ୍ୱଚ୍ଛତା ପଖୱାଡା ପାଳିତ

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନଏସଆଇ) ଇସ୍ପାତ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ସ୍ୱଚ୍ଛତା ମିଶନ ସହ ସମନ୍ୱୟ ରଖି ମାର୍ଚ୍ଚ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପଖୱାଡା ପାଳିତ ହୋଇଛି। ଏହି ଅଭିଯାନରେ ପରିଷ୍କାର ପରିଚ୍ଛନ୍ନତା ଓ ପରିବେଶଗତ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

ନିର୍ଦ୍ଦେଶକ ପ୍ରୀତମ ଏସ. ପୁରକାୟସ୍ଥଙ୍କ ନେତୃତ୍ୱରେ ବିପିଏନଏସଆଇର ଇସ୍ପାତ ଭବନ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ସହ ଏକ ସଫେଇ ଅଭିଯାନ ସହ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା। ଏହାପରେ ୟୁନିଟ୍-୪ସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ଶ୍ରମଦାନ କାର୍ଯ୍ୟକ୍ରମ, ୟୁନିଟ୍ ୪ ମାର୍କେଟରେ ଏକ ଜନସଚେତନତା ଅଭିଯାନ ଓ କର୍ମଚାରୀମାନଙ୍କୁ ସର୍ବୋତ୍ତମ ପରିଚ୍ଛନ୍ନତା ଅଭ୍ୟାସ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱଚ୍ଛତା ସେମିନାର ଅନୁଷ୍ଠିତ ହୋଇଥିଲା। ବିପିଏନଏସଆଇ ଶାସ୍ତ୍ରୀ ନଗରରେ ଏକ ବସ୍ତି ଅଞ୍ଚଳ ସଫେଇ ଅଭିଯାନ, ପୁରୀରେ ଏକ ବେଳାଭୂମି ସଫେଇ ଓ ପୁରୀସ୍ଥିତ ନରେନ୍ଦ୍ର ପୁଷ୍କରିଣୀ ଏକ ପୋଖରୀ ସଫେଇ ଅଭିଯାନ ଆୟୋଜନ କରି କାର୍ଯ୍ୟାଳୟ ପରିସର ବାହାରେ ଏହାର ପ୍ରୟାସକୁ ବିସ୍ତାର କରିଥିଲା। ଅନ୍ୟାନ୍ୟ ଉଲ୍ଲେଖନୀୟ ଘଟଣାଗୁଡ଼ିକ ମଧ୍ୟରେ ଏକ ବୃକ୍ଷରୋପଣ ଅଭିଯାନ, ସ୍କୁଲ ପିଲାମାନଙ୍କ ପାଇଁ ଏକ ଚିତ୍ରକଳା ପ୍ରତିଯୋଗିତା, ଜଳବାୟୁ ସ୍ଥିରତା ଉପରେ ଏକ ନୁକ୍କଡ ନାଟକ ଓ ୟୁନିଟ୍-୪ସ୍ଥିତ ମାଛ ମାର୍କେଟ ରେ ଏକ ପ୍ଲାଷ୍ଟିକ୍‌ବିରୋଧୀ ସଚେତନତା ଅଭିଯାନ ଅନ୍ତର୍ଭୁକ୍ତ ଥିଲା।




## ଶ୍ରୀମନ୍ଦିର ପାଇଁ ଆଜିଠୁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଚୟନ ପ୍ରକ୍ରିୟା
### ୩୨୯ ପୁଲିସ କର୍ମଚାରୀ ପହଞ୍ଚିବା ପାଇଁ ନିର୍ଦ୍ଦେଶ



**ପୁରୀ,୨।୪ (ସଂଚାର ବ୍ୟୁରୋ):** ପୁରୀ ଶ୍ରୀମନ୍ଦିର ପାଇଁ ଆଜି ଠାରୁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଚୟନ ପ୍ରକ୍ରିୟା । ୫ଟି ପର୍ଯ୍ୟାୟରେ ୧୭୨ ଅଫିସର ଓ ୧୪୯୯ ସିପାହୀ ଚୟନ ହେବେ । ଆଜି ୩୨୯ ଜଣ ପୋଲିସ କର୍ମଚାରୀ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀମନ୍ଦିରର ସୁରକ୍ଷା ଓ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସରକାର ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ସୃଷ୍ଟି କରିଛନ୍ତି ।ଏଥିପାଇଁ ଗୃହ ବିଭାଗ ପକ୍ଷରୁ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟିରେ ଜଣେ ଆଇଜି, ଡିଆଇଜି ଓ ପୁରୀ ଏସପି ସଦସ୍ୟ ରହିଛନ୍ତି । ଆଜି ଠାରୁ ୯ ତାରିଖ ପର୍ଯ୍ୟନ୍ତ ଚୟନ ପ୍ରକ୍ରିୟା ଚାଲିବ । ବିଭିନ୍ନ ରାଙ୍କରେ ୧୬୭୧ ଜଣ ମନୋନିତ ହେବେ । ପ୍ରଥମେ ସଶସ୍ତ୍ର ପୋଲିସ ବାଟାଲିୟନରେ ଅଭିଜ୍ଞତା ଥିବା ପୋଲିସ ମାନଙ୍କୁ ୩ ବର୍ଷ ପାଇଁ ଡେପୁଟେସନରେ ଅଣାଯିବ । ରାଜ୍ୟ ପୋଲିସ କ୍ୟାଡରର ଜଣେ କମାଣ୍ଡାଣ୍ଟ, ଦୁଇ ଜଣ ଡେପୁଟି କମାଡାଣ୍ଟ, ଜଣେ ଆସିଷ୍ଟାଣ୍ଟ କମାଡାଣ୍ଟ,୮ ଜଣ ଇନ୍ସପେକ୍ଟର, ୩୧ ଜଣ ସବ ଇନ୍ସପେକ୍ଟର,୨୪ ଜଣ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟର ପଦବୀରେ ନିଯୁକ୍ତ ହେବେ ।

# ଟୁଟୁ ନାୟକଙ୍କୁ ହାଇକୋର୍ଟଙ୍କ ଶକ୍ତ ଝଟକା

**ଭୁବନେଶ୍ୱର,୨।୪ (ସଂଚାର ବ୍ୟୁରୋ):** ତୁଟିଲା ଓଲିଉଡ ପ୍ରଯୋଜକ କଳି । ଭୁଲ ଦସ୍ତାବିଜ ଦେଇ ଠକିଥିବା ଟୁଟୁ ନାୟକଙ୍କୁ ହାଇକୋର୍ଟଙ୍କ ଝଟକା । ରଦ୍ଦ ହେଲା ନକଲି ଆସୋସିଏସନ ପଞ୍ଜିକରଣ । ସୂଚନା ଅନୁସାରେ, ୧୯୯୩ ମସିହାରେ ପ୍ରଯୋଜକ ମାନଙ୍କୁ ବ୍ୟବସାୟିକ ସଫଳତା ଦେବା ଉଦ୍ଦେଶ୍ୟରେ ଓଡ଼ିଶାର "ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ" ଅନୁଷ୍ଠାନ କରାଯାଇଥିଲା । ହେଲେ କିଛି ଗୋଷ୍ଠୀ ସମସ୍ତ ନିୟମ ଉଲ୍ଲଙ୍ଘନ କରି ୟୁସିସିକୁ ନିଜ ଅକ୍ତିଆରକୁ ନେବା ପାଇଁ ଓ ବଦନାମ କରିବା ପାଇଁ ବିଭ୍ରାନ୍ତିକର ମିଥ୍ୟା ଆରୋପ ଲଗାଇ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ସହ ଜାଲିଆତି ଓ ବିଶୃଙ୍ଖଳା ସୃଷ୍ଟି କରିଥିଲେ ।ଏଥିରେ ବିଫଳ ହେବାପରେ ଚଞ୍ଚକତା କରି ବିଗତ ସରକାରଙ୍କ ଅଧିନରେ କାର୍ଯ୍ୟରତ ପଦସ୍ଥ ଅଧିକାରୀଙ୍କୁ ମିଥ୍ୟା ସତ୍ୟପାଠ ଓ ଦସ୍ତାବିଜ ମାଧ୍ୟମରେ ପ୍ରଭାବିତ କରି ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ ନାମରେ ଅନ୍ୟ ଏକ ପ୍ରମାଣପତ୍ର ହାସଲ କରି ନିଜ ନିଜ ଭିତରେ କାର୍ଯ୍ୟକର୍ତ୍ତା ଚୟନ କରି ଗଣମାଧ୍ୟମରେ ପ୍ରଚାର କରି ଚାଲିଲେ ଯାହାକି ସୋସାଇଟି ନିୟମ ୧୨(ଘ)ର ଘୋର ପରିପନ୍ଥୀ। ଏଥିରେ ସଞ୍ଜୟ ନାୟକ ଓରଫ ଟୁଟୁ ନାୟକ ତାଙ୍କର କେତେଜଣ ସହଯୋଗୀ ରବିନ୍ଦ୍ର ପଣ୍ଡା, ଏନ୍ ଗଙ୍ଗାଧର ରେଡ୍ଡୀ, ସୌଭାଗ୍ୟଲକ୍ଷ୍ମୀ ଯେନା, ସ୍ମିତ ପଟ୍ଟନାୟକ ପ୍ରଭୃତି ଙ୍କୁ ଅସତ୍ ଉପାୟରେ ହାତେଇ ଥିବା ସାର୍ଟିଫିକେଟ ବଳରେ ୟୁସିସିର କାର୍ଯ୍ୟକର୍ତ୍ତା ଚୟନ କରି ନିଜକୁ ସଭାପତି ଭାବରେ ଘୋଷଣା କରିଦେଲେ ।



ଏହା ପରେ ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ, କଟକ କୁ ଏବଂ ଏହାର ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ନାମରେ ଗଣମାଧ୍ୟମରେ ଅପପ୍ରଚାର କରିବା ସଙ୍ଗେ ସଙ୍ଗେ ଆକ୍ରୋଶମୂଳକ ଭାବରେ କଳାକାରଙ୍କୁ ବାସନ୍ଦ କରି ବିଭିନ୍ନ ପ୍ରକାରର ହଟଚମଟ ସୃଷ୍ଟି କରିଥିଲେ । କେବଳ ତାଙ୍କରି ପାଇଁ ଚଳଚ୍ଚିତ୍ର ଶିଳ୍ପ ଜନମାନସରେ ଅପନିନ୍ଦିତ ହେଲା । ଏହାର ପ୍ରକୃତ ସତ୍ୟାସତ୍ୟ ପରିପ୍ରକାଶ କରିବା ଉଦ୍ଦେଶ୍ୟରେ ୟୁସିସି ତରଫରୁ ଏକ ୨୦୨୩ରେ ପ୍ରେସ ମିଟ ଡକାଯାଇଥିଲା। ଏଠାରେ ପ୍ରଯୋଜକ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲା । ପରେ ଏହି ମିଥ୍ୟା ଦସ୍ତାବିଜ ଆଧାରିତ ସାର୍ଟିଫିକେଟ ପ୍ରତିବାଦରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ନିକଟରେ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ ଏହାର କୌଣସି ସୁଫଳ ମିଳିନଥିଲା । ଶେଷରେ ନିରାଶ ହୋଇ ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସମାନ୍ୟବର ମୁଖ୍ୟ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଦୀର୍ଘ ଦିନ ଶୁଣାଣି ପରେ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠରେ ୨୩ ପୃଷ୍ଠା ସମ୍ବଳିତ ଐତିହାସିକ ରାୟରେ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ (ବିଗତ ସରକାରଙ୍କ ସମୟରେ) ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଶୈଳୀ ଓ ଅନିୟମିତତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ଓ ଭର୍ତ୍ସନା କରିବା ସହ, ସଞ୍ଜୟ ନାୟକ ଏବଂ ତାଙ୍କ ସହଯୋଗୀମାନେ ହାତେଇ ଥିବା ମିଥ୍ୟା ଦସ୍ତାବିଜ ଆଧାରିତ ସାର୍ଟିଫିକେଟକୁ ରଦ୍ଦ କରିଛନ୍ତି । ଏହାସହ ୧୯୯୩ ମସିହାରୁ ପଞ୍ଜିକୃତ ଉତ୍କଳ ସିନେ ଚାମ୍ବର ଅଫ୍ କମର୍ସ, କଟକକୁ ନ୍ୟାୟିକ ବୈଦ୍ଧତା ପ୍ରଦାନ କରିଛନ୍ତି ।

## ଯୁବକଙ୍କୁ ପିଟିପିଟି ହତ୍ୟାକରି ଘର ଆଗରେ ଫିଙ୍ଗିଦେଲେ

**ବ୍ରହ୍ମଗିରି,୨।୪(ସଂଚାର ବ୍ୟୁରୋ):** ଯୁବକଙ୍କୁ ପିଟିପିଟି ହତ୍ୟା । ହତ୍ୟା ପରେ ଘର ଆଗରେ ଫିଙ୍ଗିଦେଲେ ଦୁର୍ବୃତ୍ତ । ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ତିଆରପାରି ଗାଁରେ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ହେଲେ ନକୁଳ ସାମଲ । ନକୁଳଙ୍କର ସେହି ଗାଁର ଅନ୍ୟ ଏକ ପରିବାର ସହ ଝଗଡା ହୋଇଥିଲା । ଏହାକୁ କେନ୍ଦ୍ର କରି ନକୁଳଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ପରିବାର । ହତ୍ୟା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି । ଅଭିଯୁକ୍ତଙ୍କୁ ଗିରଫ ନକରିବା ଯାଏ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି । ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛି ବ୍ରହ୍ମଗିରି ପୋଲିସ ।

## ପ୍ରେମିକଙ୍କୁ ଅପହରଣ କରି ବନ୍ଧାହେଲେ ପ୍ରେମିକା
### ୧୦ ଲକ୍ଷ ଟଙ୍କାର ମୁଣ୍ଡ ଜାମିନ ଦାବି କରିଥିଲେ

**ଭୁବନେଶ୍ୱର,୨।୪ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ସବୁବେଳେ ଖବର ଆସେ ପ୍ରେମିକାଙ୍କୁ ଅପହରଣ କରିନେଇଛନ୍ତି ପ୍ରେମିକ। ମାତ୍ର ଆଜିର ଘଟଣା ଟିକେ ନିଆରା। ପ୍ରେମିକଙ୍କୁ ଅପହରଣ କରି ନେଇ ପ୍ରେମିକା ପୋଲିସ ହାତରେ ବନ୍ଧା ହୋଇଛନ୍ତି।



ପ୍ରେମିକାଙ୍କ ସହ ୪ ଅପହରଣକାରୀଙ୍କୁ ଧରିଛି କମିଶନରେଟ ପୋଲିସ। ପ୍ରେମିକାଙ୍କ ଘର ଝାଡ଼ଖଣ୍ଡ ହୋଇଥିବାବେଳେ ଲିଭ୍ ଇନ୍‌ରେ ରହୁଥିଲେ। ତେବେ ପ୍ରେମିକଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ ଝାରପଡ଼ାରୁ ଉଠାଇ ଆଣିଥିଲେ ପ୍ରେମିକା। ଖାଲି ଏତିକି ନୁହେଁ, ଅପହରଣ ପରେ ୧୦ ଲକ୍ଷ ଟଙ୍କାର ମୁଣ୍ଡ ଜାମିନ ବି ରଖିଥିଲେ ପ୍ରେମିକା। ଭଉଣୀଙ୍କ ପ୍ରେମିକଙ୍କୁ ଲଗାଇ ଏକ ଭଡ଼ା ଘରେ ରଖି ପ୍ରେମିକଙ୍କୁ ପ୍ରେମିକା ଜଣଙ୍କ ଅତ୍ୟାଚାର କରୁଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ଅଧିକ ତଦନ୍ତ ଜାରି କରିଛି କମିଶନରେଟ୍ ପୋଲିସ।

## ନିର୍ବାଚନ ପ୍ରକ୍ରିୟାର ଅଡିଟ୍ ଦାବିକଲା ବିଜେଡି

**ଭୁବନେଶ୍ୱର,୨।୪(ସଂଚାର ବ୍ୟୁରୋ):** ବିଜେଡି ପକ୍ଷରୁ ଗତ ନିର୍ବାଚନ ସମୟରେ କେତେକ ଅନିୟମିତତା ଅଭିଯୋଗ ଆସିଥିବା ବେଳେ ଏନେଇ ନିର୍ବାଚନ କମିସନ ରଖିଥିବା ଉତ୍ତର ସନ୍ତୋଷଜନକ ନୁହେଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ସମଗ୍ର ଦେଶର ନିର୍ବାଚନ ପ୍ରକ୍ରିୟାର ଅଡିଟ୍ ହେବାର ଆବଶ୍ୟକତା ରହିଛି ବୋଲି ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଦାବି କରିଛନ୍ତି। ଆଜି




**ନିର୍ବାଚନ କମିସନରଙ୍କ ସ୍ପଷ୍ଟୀକରଣ ସନ୍ତୋଷଜନକ ନୁହେଁ**

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଗତ ନିର୍ବାଚନ ଓ ଭୋଟ ଗଣତି ସମୟରେ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ମିଳିଥିବା ତଥ୍ୟରେ ଅନେକ ତାରତମ୍ୟ ରହିଥିବାରୁ ଏନେଇ ବିଜେଡି ପକ୍ଷରୁ ନିର୍ବାଚନ କମିସନରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଗଣତନ୍ତ୍ରରେ ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ହୋଇଥିବାରୁ ଏଥିରେ ସ୍ୱଚ୍ଛତା ଅବଶ୍ୟମ୍ଭାବୀ। ନିର୍ବାଚନ ପରେ ଜାରି ହୋଇଥିବା ସୂଚନାରେ ଫର୍ମ ୧୭-ସି ଓ ନିର୍ବାଚନ କମିସନରଙ୍କ ୱେବସାଇଟ୍‌ରେ ଫର୍ମ-୨୦ରେ ଭୋଟସଂଖ୍ୟାରେ ଯଥେଷ୍ଟ ଅସାମଞ୍ଜସ୍ୟ ଥିଲା। ତା'ଛଡ଼ା ବୁଥରେ ଲୋକସଭା ଓ ବିଧାନସଭା ଭୋଟରେ ମଧ୍ୟ ତାରତମ୍ୟ ରହିଥିଲା। ନିର୍ବାଚନ ଶେଷ ହେବା ପରେ ରାତି ୧୧.୪୫ ମିନିଟରେ ନିର୍ବାଚନ କମିସନର ଜାରି କରିଥିବା ଭୋଟ ସଂଖ୍ୟାଠାରୁ ଗଣତି ଭୋଟ କିପରି ଅଧିକ ହେଲା, ତା' ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି କମିସନର୍ ଦେଇଥିବା ଉତ୍ତରରେ କୌଣସି ପ୍ରମାଣଯୋଗ୍ୟ ତଥ୍ୟ ନାହିଁ। ତେଣୁ ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ସକାଶେ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତିଠାରୁ ଭୋଟ ଗଣତି ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାର ଅଡିଟ ପାଇଁ ବିଜେଡି ଦାବି କରିଛି। ଅନ୍ୟ ଦେଶରେ ଏହି ବ୍ୟବସ୍ଥା ଥିଲେହେଁ ଭାରତରେ ନାହିଁ। ସେହିପରି ଭିଭିପ୍ୟାଡ୍‌ରେ ଥିବା ତଥ୍ୟ ସହ ଭୋଟ୍‌ର ତାଳମେଳ ରହିବା ନିହାତି ଆବଶ୍ୟକ। ତେଣୁ ସମସ୍ତ ଭୋଟ ପାଇଁ ଏହି ବ୍ୟବସ୍ଥା ହେବା ଜରୁରୀ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ଦିନକୁ କୋଟିଏରୁ ଅଧିକ ସାଇବର ଠକେଇ

**ଭୁବନେଶ୍ୱର,୨।୪:** ସାଇବର ଠକମାନେ ପ୍ରତିଦିନ ଓଡ଼ିଶାରୁ ଏକ କୋଟି ଟଙ୍କାରୁ ଅଧିକ ଲୁଟି ନେଉଛନ୍ତି । ଚଳିତବର୍ଷ ଜାନୁୟାରୀ ପହିଲାରୁ ୧୫ ତାରିଖରେ ମଧ୍ୟରେ ହୋଇଥିବା ସାଇବର ଠକେଇକୁ ଦେଖିଲେ ଏହା ଜଳ ଜଳ ହୋଇ ଦିଶୁଛି ।

ସାଇବର ଅପରାଧ ସଂକ୍ରାନ୍ତରେ ଗୃହ ବିଭାଗର ସୂଚନା ଅନୁଯାୟୀ ଚଳିତବର୍ଷ ଜାନୁୟାରୀ ପହିଲାରୁ ୧୫ ତାରିଖ ମଧ୍ୟରେ ରାଜ୍ୟରେ ୧୮୯୩ଟି ସାଇବର ଠକେଇ ଅଭିଯୋଗ ଆସିଥିବାବେଳେ ସାଇବର ଠକମାନେ କୋଟି ଟଙ୍କା ଲୁଟି ନେଇଛନ୍ତି । ଅର୍ଥାତ୍ ଓଡ଼ିଶାର ଲୋକଙ୍କୁ ଦିନରୁ ଏକ କୋଟି ଟଙ୍କାରୁ ଅଧିକ ଠକେଇ କରୁଛନ୍ତି । ତେବେ ଠକେଇ ହୋଇଥିବା ୨୧ କୋଟି ଟଙ୍କାରୁ ପାଖପାଖି ୨୫ଲକ୍ଷ ଟଙ୍କା ଫେରସ୍ତ ଅଣାଯାଇଥିବା ବେଳେ ଏକ କୋଟି ୬୧ଲକ୍ଷ ଟଙ୍କାକୁ ଅଟକ ରଖାଯାଇଛି ।

ଗତବର୍ଷ ସାଇବର ଠକମାନେ ଓଡ଼ିଶାରୁ ପାଖାପାଖି ୩୭୬ କୋଟି ଟଙ୍କା ଠକି ନେଇଥିଲେ । ଠକେଇର ଶିକାର ହୋଇଥିବା ୩୮ହଜାରରୁ ଅଧିକ ଅଭିଯୋଗ ପାଇବାପରେ ପୁଲିସ୍ ପାକପାଖି ୪କୋଟି ଟଙ୍କା ଫେରାଇ ଆଣିବାରେ ସମର୍ଥ ହୋଇଥିବାବେଳେ ୩୭କୋଟିରୁ ଅଧିକ ଟଙ୍କାକୁ ଅଟକାଇ ଦେବାରେ ସଫଳ ହୋଇଥିଲେ।

କେବଳ ସାଇବର ଠକେଇ ନୁହେଁ ସାଇବର ଅପରାଧି ମଧ୍ୟ ରାଜ୍ୟରେ ବଢ଼ିବରେ ଲାଗିଛି । ୨୦୨୨ରେ ରାଜ୍ୟରେ ୧୯୮୩ଟି ସାଇବର ଠକେଇ ପଞ୍ଜିକୃତ ହୋଇଥିବାବେଳେ ୨୦୨୩ରେ ଏହି ସଂଖ୍ୟା ୨୩୪୮ ଏବଂ ଗତବର୍ଷ ଏହା ୨୫୦୧ରେ ପହଞ୍ଚିଥିଲା । ତେବେ ପୁଲିସ୍‌ର ପଦକ୍ଷେପ ଯୋଗୁଁ ସାଇବର ଅପରାଧରେ ଜଡିତ ଲୋକଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ପୁରୁଷଙ୍କ ସହିତ ମହିଳାମାନେ ମଧ୍ୟ ଏହି ଅପରାଧିକ ମାମଲାରେ ଗିରଫ ହେଉଛନ୍ତି। ଗତ ୩ବର୍ଷରେ ପୁଲିସ୍ ୪୧ଜଣ ମହିଳାଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ସାଇବର ଅପରାଧ ଘଟାଇବାର ପଦ୍ଧତି କ୍ରମାଗତ ଭାବେ ପରିବର୍ତ୍ତନ ହେଉଥିବାରୁ ଲୋକମାନେ ତାଙ୍କ ଅଜାଣତରେ ଏହାର ଶିକାର ହୋଇଯାଉଛନ୍ତି । ସାଇବର ଅପରାଧ ବୃଦ୍ଧି ଏକ ଜାତୀୟ ଘଟଣା ହୋଇଥିବାବେଳେ ଓଡ଼ିଶାରେ ମଧ୍ୟ ଏହା ବଢ଼ିବାରେ ଲାଗିଛି । ଏଥି ସହିତ ସୋସିଆଲ ମିଡିଆର ବହୁଳ ଅପବ୍ୟବହାର ଫଳରେ ଅଳ୍ପ ବୟସର ଯୁବକ ଯୁବତୀମାନେ ଠକାମୀର ଶିକାର ହେଉଛନ୍ତି । ସେହିଭଳି ବୟସ୍କ ଲୋକମାନେ ମଧ୍ୟ ନିଜର ଅସଚେତନତା, ନିସଙ୍ଗତା ଏବଂ ଅସହାୟତା ଯୋଗୁଁ ସାଇବର ଠକେଇର ଶିକାର ହେଉଛନ୍ତି । ଯୁବତୀମାନଙ୍କ ଅଜ୍ଞତା ବଶତଃ ସେମାନଙ୍କର ଅନ୍ତରଙ୍ଗ ମୂହୁର୍ତ୍ତର ଭିଡିଓ / ଚିତ୍ର ସାଇବର ଠକଙ୍କ ହାତରେ ପଡିବା ଫଳରେ ସେମାନେ ସାଇବର ଅପରାଧର ଶିକାର ହୋଇଯାଉଛନ୍ତି । ସରକାରୀ ରିପୋର୍ଟ ଅନୁଯାୟୀ ସାଇବର ଠକେଇ ସହିତ ତାଳ ଦେଇ ଆର୍ଥିକ ଅପରାଧ ମଧ୍ୟ ଘଟିବାରେ ଲାଗିଛି। ୨୦୨୪ ମସିହାରେ ୪୩,୭୪୦ଟି ଆର୍ଥିକ ଅପରାଧର ଅଭିଯୋଗ ହୋଇଥିବା ବେଳେ ଚଳିତବର୍ଷ ଜାନୁୟାରୀ ୧ରୁ ୧୫ ତାରିଖ ମଧ୍ୟରେ ୨୦୭୨ଟି ଆର୍ଥିକ ଅପରାଧର ଅଭିଯୋଗ ହୋଇଥିବା ବେଳେ ଏହି ସମୟରେ ୨୩ କୋଟି ଟଙ୍କାର ଠକେଇ ହୋଇଛି । (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର



# ଆଇନର ଜାଲ

ଭାରତରେ ପ୍ରଚଳିତ ଆଇନ ବ୍ୟବସ୍ଥାରେ ଅନେକ ଫାଙ୍କ ରହିଛି ଯାହାକୁ ବନ୍ଦ କରାଯିବା ଉଚିତ। ଭାରତୀୟ ଆଇନ ବ୍ୟବସ୍ଥା ଉଦାରବାଦୀ ଚିନ୍ତାଧାରା ଉପରେ ଆଧାରିତ। ମାନାବଧି ସୁରକ୍ଷାକୁ ଏହା ଗୁରୁତ୍ୱ ଦେଇ ଆସିଛି। ହଜାରେ ଦୋଷୀ ପେଉ ଛାଡ଼ ପାଇଯାଆନ୍ତୁ କିନ୍ତୁ ଜଣେ ନିର୍ଦ୍ଦେଶ ଦଣ୍ଡ ନପାଉ ଏହାର ଭାରତୀୟ ଆଇନ ବ୍ୟବସ୍ଥାର ଆଧାର। ଭାରତରେ ଜଣେ ଅଭିଯୁକ୍ତ କୋର୍ଟରେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦୋଷ ବୋଲି ବିଚାର କରାଯାଇଥାଏ। ତେଣୁ ଅନେକ ସମୟରେ ବେନିଫିଟ ଅଫ ଡାଉଟରେ ଅନେକ ଦଣ୍ଡରୁ ତ୍ରାହି ପାଇଯାଆନ୍ତି। ସେହିପରି ଅନେକ ସମୟରେ ପ୍ରଚଳିତ ଆଇନର ଦୁରୂପଯୋଗ ମଧ ହେଉଥିବାରୁ ଅଭିଯୋଗ ଆସୁଛି। ଏହା ଏକ ମାରତ୍ମକ ଘଟଣା। ସେଥିନେଇ ସୁପ୍ରିମକୋର୍ଟ ଅନେକ ଥର ଉଦବେଗ ପ୍ରକାଶ କରିବା ସହିତ ଏହାର ନିରାକରଣ ଲାଗି ପରାମର୍ଶ ଦେଇଛନ୍ତି ଯାହା ଯଥାର୍ଥ। କିଛି ବର୍ଷ ତଳେ ସୁପ୍ରିମକୋର୍ଟ ଅନସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନର ଦୁରୂପଯୋଗ ରୋକିବାକୁ ଏକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଆଇନକୁ କେତେକ ଅସ୍ତ୍ର କରୁଛନ୍ତି ଏବଂ ମିଥ୍ୟା ଅଭିଯୋଗ କରୁଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ଅଭିଯୋଗ ଆସିବା ମାତ୍ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି ଏବଂ ଜାମିନ ଖାରଜ ହେଉଛି। ଅନେକ ସମୟରେ ବିନା ଦୋଷରେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡୁଛି। ସମାଜ ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି। ଅନେକ କ୍ଷେତ୍ରରେ ସାମାଜିକ ନ୍ୟାୟ ନାମରେ ଅନ୍ୟାୟ ହେଉଛି। ଜେଲ ଯିବା ଭୟରେ ଜଣେ ସରକାରୀ ଅଧିକାରୀ ନିଜ ଅଧିନସ୍ଥ ଅନ୍ୟ ଜଣେ କର୍ମଚାରୀ ଯଦି ସେ ଏସଟି/ଏସସି ସମ୍ପ୍ରଦାୟର ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଭୟ କରୁଛନ୍ତି। ତେଣୁ ସୁପ୍ରିମକୋର୍ଟ କହିଥିଲେ ଯେ, ଅଭିଯୋଗ ଆସିବା ପରେ ତତ୍କାଳଅଭିଯୁକ୍ତଙ୍କୁ ଗିରଫ ନକରି ଜଣେ ଡିଏସପି ପାହ୍ୟାର ଅଧିକାରୀ ଏହାର ତଦନ୍ତ କରି ପ୍ରାଥମିକ ପ୍ରମାଣ ସଂଗ୍ରହ କରନ୍ତୁ। ପ୍ରାଥମିକ ପ୍ରମାଣ ମିଳିବା ପରେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ଏଥିପାଇଁ ଅତି ବେଶୀରେ ୧୫ ଦିନ ସମୟ ଦିଆଯାଉ। ଏହା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ସୁପ୍ରିମକୋର୍ଟ କାହା ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିବାକୁ କହିନଥିଲେ। କେବଳ ପ୍ରମାଣ ସଂଗ୍ରହ କରିବାକୁ କହିଥିଲେ। ଅଭିଯୋଗର ୧୫ ଦିନ ପରେ ଅଭିଯୁକ୍ତ ଗିରଫ ହେଲେ ଅଭିଯୋଗକାରୀ ଅନ୍ୟାୟର ଶିକାର ହେବେ ସେକଥା ନୁହେଁ। କିନ୍ତୁ ଆଇନର ଦୁରୂପଯୋଗ ନହେଉ, କେହି ବିନା ଦୋଷରେ ଦଣ୍ଡିତ ନହେଉ ସୁପ୍ରିମକୋର୍ଟ କେବଳ ଏହା ଚାହୁଁଥିଲେ। କିନ୍ତୁ ସୁପ୍ରିମକୋର୍ଟଙ୍କ ଏହି ରାୟ ବିରୋଧରେ ଦେଶବ୍ୟାପୀ ପ୍ରବଳ ଜନଆନ୍ଦୋଳନ ହେଲା। ଅନେକ ସ୍ଥାନରେ ହିଂସା ଯୋଗୁ ଧନଜୀବନ ହାନି ହେଲା। ଅନେକ ସରକାରୀ ସମ୍ପତ୍ତି ନଷ୍ଟ ହେଲା। ଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହେଲା। ସୁପ୍ରିମକୋର୍ଟଙ୍କ ରାୟ ବିରୋଧରେ ଏହି ଆନ୍ଦୋଳନ ସରକାରଙ୍କୁ ଏହା ଉପରେ ପୁନର୍ବିଚାର କରିବାକୁ ବାଧ କରିଥିଲା। କିଛି ବିରୋଧୀ ରାଜନୈତିକ ଦଳ ଏହାକୁ ସରକାରଙ୍କ ବିରୋଧରେ ଅସ୍ତ୍ର କଲେ। ଭୋଟ ବ୍ୟାଙ୍କ ରାଜନୀତି ବା ସନ୍ତୁଷ୍ଟିକରଣ ରାଜନୀତି ଯୋଗୁ ଏଭଳି ହେଲା। ଶେଷରେ ସରକାର ଚାପରେ ପଡ଼ି ମୁଣ୍ଡ ନୁଆଁଇଲେ ଏବଂ ଆଇନରେ ସଂଶୋଧନ କଲେ। ସୁପ୍ରିମକୋର୍ଟଙ୍କ ରାୟ ଅକାମୀ ହୋଇଗଲା। ଏବେ ଯୋ÷ତୁକ ନିରୋଧ ଆଇନର ଦୁରୂପଯୋଗ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ପରାମର୍ଶ ଦେଇଛନ୍ତି ତାହା ମୂଲ୍ୟହୀନ ହୋଇନଯିବ ବୋଲି କୁହାଯାଇପାରିବ ନାହିଁ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮ଏର ଦୁରୂପଯୋଗ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ଏହାର ନିରାକରଣ ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହି ଆଇନ ଅନୁଯାୟୀ କିଛି ମହିଳା ନିଜ ସ୍ୱାମୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ବିରୋଧରେ ମିଥ୍ୟା ଯୋ÷ତୁକ ଅଭିଯୋଗ ଆଣି ମାନସିକ ନିର୍ଯାତନା ଦେଉଥିବା ଏବଂ ବ୍ଲାକ ମେଲ କରୁଥିବା ଅଭିଯୋଗ ହେଉଛି। ନିକଟରେ ବୋଙ୍ଗାଲୁରୁର ଜଣେ ଯୁବ ଇଞ୍ଜିନିୟର ପତ୍ନୀଙ୍କ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିବା ଘଟଣା ପରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉଠାଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଆଇନ ନାଗରିକର ସୁରକ୍ଷା ଏବଂ ନ୍ୟାୟ ପାଇଁ ଉଦ୍ଦିଷ୍ଟ। କାହା ପ୍ରତି ଅନ୍ୟାୟ ହେବା ଏବଂ ବିନା ଦୋଷର କାହାରିକୁ ଦଣ୍ଡ ଆଇନର ଅଭିପ୍ରାୟ ନୁହେଁ। ଆମ ଆଇନର ଭୂଳ ଭିତ୍ତି ହେଲା ହଜାରେ ଦୋଷୀ ପଛେ ଛାଡ଼ ପାଇ ଯାଆନ୍ତୁ ଜଣେ ନିର୍ଦ୍ଦୋଷ ଯେପରି ଦଣ୍ଡ ନପାଉ। ଅନେକ ସମୟରେ ଆଇନର ଗଳାବାଟ ଦେଇ ଖସି ଯାଉଛନ୍ତି। ଆଉ ବିନା ଦୋଷରେ ବା ଅଭିଯୋଗର ପ୍ରାଥମିକ ପ୍ରମାଣ ବିନା ଅଭିଯୁକ୍ତଙ୍କୁ ଦୀର୍ଘ ଦିନ ଜେଲର କାଳ କୋଠରୀ ଭିତରେ ଦିନ କାଟିବାକୁ ପଡୁଛି। ସେଥିପାଇଁ ଜାମିନ ନିୟମରେ ସଂଶୋଧନ ଜରୁରୀ। ସେଥିପାଇଁ ଆଇନର ଦୁରୂପଯୋଗକୁ ରୋକାଯିବା ଜରୁରୀ। କେବଳ ଯୋ÷ତୁକ ନିରୋଧ ଆଇନ ବା ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ରହିଥିବା ଆଇନକୁ ଭଲଭାବେ ତର୍ଜମା କରାଯିବା ଜରୁରୀ। ସୁପ୍ରିମକୋର୍ଟ କହିଛନ୍ତି ଯେ, ଜଣେ ମହିଳା ବା ତାଙ୍କ ସମ୍ପର୍କୀୟ ଯେତେବେଳେ ଏହି ଆଇନ ଅନୁଯାୟୀ କାହା ବିରୋଧରେ ଅଭିଯୋଗ ଆଣୁଛନ୍ତି ସେତେବେଳେ ନିର୍ଦ୍ଦିଷ୍ଟ ଅଭିଯୋଗର ପ୍ରାଥମିକ ପ୍ରମାଣ ବିନା ତାଙ୍କୁ ଗିରଫ କରାଯିବା ଅନୁଚିତ। ପୋଲିସ ଅଭିଯୋଗ ଉପରେ ତତ୍କାଳ ତଦନ୍ତ କରି ଠୋସ ପ୍ରମାଣ ପାଇବା ପରେ ଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଉଦବେଗ ଆଦେ୍ଶ ଭିତ୍ତିହୀନ ନୁହେଁ। ଏହି ଆଇନର ଦୁରୂପଯୋଗ ହେଉଛଇ ବୋଲି କୋର୍ଟ ଅନୁଭବ କରିବା ପରେ ଅନେକ ମାମଲାରେ ପ୍ରକୃତ ଦୋଷୀ ମଧ ସହଜରେ ଜାମିନ ପାଇଯାଉଛନ୍ତି। ଅଭିଯୋଗକୁ ମିଥ୍ୟା ବୋଲି ପ୍ରମାଣିତ କରିବାର ସୁଯୋଗ ସୃଷ୍ଟି ହେଉଛି। ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ଏହା ଏକ ବଡ଼ ପ୍ରତିବନ୍ଧକ ଭାବେ ଠିଆ ହୋଇଛି। ତେଣୁ ପ୍ରଚଳିତ ଆଇନ ଉପରେ ଅଧିକ ତର୍ଜମା ଏବଂ ପୁନଃସମୀକ୍ଷା କରାଯିବାର ଆବଶ୍ୟକତା ରହିଛି। ଆଇନର ଦୁରୂପଯୋଗ ନିଶ୍ଚିତ ଭାବେ ଚିନ୍ତାଜନକ। କିନ୍ତୁ ସବୁ ମାମଲାରେ ଏହା ହେଉଛି ସେ କଥା ନୁହେଁ। ଯେଉଁଠି ଅଭିଯୋଗର ସତ୍ୟତାରହିଛି, ସେଠାରେ ଅଭିଯୁକ୍ତ ଯେପରି ଆଇନର ଦୁରୂପଯୋଗ ଆଳରେ ଖସି ନଯାଆନ୍ତି ସେଥିପ୍ରତି ମଧ ଦୃଷ୍ଟି ଦିଆଯିବା ଉଚିତ।

# ଝାଡ଼ଖଣ୍ଡ, ଉତ୍କଳ ଆସୋସିଏସନ ଓ ଉତ୍କଳ ଦିବସ



ଇନ୍ଦୁଭୂଷଣ ଭୂୟାଁ (ବାଦଲ)

ଓଡ଼ିଆ ଭାଷା ହେଉଛି ଆମ ପ୍ରାଣ, ଆମ ମନ ଏବଂ ଆମ ଆତ୍ମାର ଭାଷା। ଓଡ଼ିଆ ଭାଷା ପ୍ରତି ପ୍ରତିଟି ଓଡ଼ିଆଙ୍କର ଯେଉଁପରି ଆଦର ଓ ଆତ୍ମୀୟତା ତାହା ଅନ୍ୟ ଭାଷା ପ୍ରତି କଦାପି ହୋଇପାରିବ ନାହିଁ। ଉତ୍କଳ ଦିବସ ଆସିଗଲେ ଦେହ ଭିତରେ ଏକ ପ୍ରକାର ପ୍ରାଣ ଉଲ୍ଲାସ ଭରି ଯାଏ। ସବୁ ବର୍ଷ ପରି ଏ ବର୍ଷ ମଧ ଆସିଯାଇଛି ଉତ୍କଳ ଦିବସ। ଉତ୍କଳ ଦିବସ ଆସିଲେ ଏଠାକାର ଓଡ଼ିଆଏ ଉତ୍କଳ ଆସୋସିଏସନ ମୁହାଁ ହୁଅନ୍ତି। ଏଠାକାର ସାକଚୀ, ସିଦ୍ଧଗୋଡ଼ା, ବାରିଡିହ, ସୋନାରୀ, କଦମା, ବିଷ୍ଣୁପୁର, ମାନଗୋ, ଆଦିତ୍ୟପୁର ଅଞ୍ଚଳର ଲୋକ ଏ ନେଇ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ, ଅତିଥି, ଖାଦ୍ୟପେୟ, କାହା କାହାକୁ ସମ୍ମାନିତ କରାହେବ ଏ ନେଇ ନାନାଦି ପ୍ରସ୍ତୁତିରେ ଥାଆନ୍ତି। ଚଳିତ ବର୍ଷ ଅତିଥି ଭାବରେ ଡାକ୍ତର ଅଜିତ କୁମାର ମହାନ୍ତି ଯିଏ କି କିମ୍ସର ଡାଇରେକ୍ଟର ଜେନାରାଲ ଓ ସମ୍ମାନିତ ଅତିଥି ଭାବରେ ବିଖ୍ୟାତ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଜଣାଶୁଣା ଚିକିତ୍ସକ ଡାକ୍ତର ହରପ୍ରସାଦ ପଟ୍ଟନାୟକ ଏ ଦୁଇଜଣ ଭୁବନେଶ୍ୱରରୁ ଆସୁଛନ୍ତି। ଓଡ଼ିଶା ସରକାରଙ୍କ ଦ୍ୱାରା ପଠାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଯାହାକି ନୃତ୍ୟଗୀତ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ସଭାରେ ଦୁଇ ଅତିଥିଙ୍କୁ ଅଙ୍ଗବସ୍ତ୍ର ଓ ମାନପତ୍ର ଦେବା ସହ ସହରର ତିନି ବିଭୁତି କୃତୀ ଶିକ୍ଷକ ସତୀଶ ଗୁପ୍ତା, ସମାଜସେବୀ ରଣଜିତ କୁମାର ମହାନ୍ତି ଓ ବୋହୂ ପ୍ରତିଭାରେ ପ୍ରତିଭାନ୍ୱିତ ସୁପ୍ରଭା ପଣ୍ଡା ମୋହଦୟାଙ୍କୁ ଏ ବର୍ଷ ଉତ୍କଳ ଆସୋସିଏସନ ପ୍ରାଙ୍ଗଣରେ ସମ୍ମାନିତ କରାଯିବ। ସବୁବର୍ଷ ଭଳି ମହିଳା ସମିତିର କୁମୁଦିନୀ ପ୍ରଧାନ, ପ୍ରତିଭା ମହାନ୍ତି, ସଂଗୀତା ବେହେରା, ସସ୍ମିତା ପାତ୍ରଙ୍କ ନେତୃତ୍ୱରେ ମହିଳା ସମିତିର ସୁଜାତା, ପୂର୍ଣ୍ଣିମା, ଗୀତା, ସୁଶୀଳା, ମନୋରମା, ସ୍ନିଗ୍ଧା, ମାମୁନି ଓ ନିବେଦିତାଙ୍କ ପରି ସମର୍ପିତ ସଦସ୍ୟା ମାନଙ୍କ ସହଯୋଗରେ ଉତ୍କଳ ଆସୋସିଏସନର କାର୍ଯ୍ୟକ୍ରମ ଚିତ୍ତାକର୍ଷକ ହୋଇଥାଏ।

ତଥାପି ଦୁଇବର୍ଷ ବାକି ଥାଏ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାକୁ। ୧୯୩୪ ମସିହାରେ ସାକଚୀ ଠାରେ ଝାଡ଼ଖଣ୍ଡ ପ୍ରଦେଶର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ଆସୋସିଏସନ ମୁଣ୍ଡ ଟେକିଥିଲା। ସେତେବେଳକାର ସ୍ୱଳ୍ପ ବେତନ ଭୋଗୀ ଓଡ଼ିଆ ମାନଙ୍କ ସହଯୋଗରେ ଏ ଅନୁଷ୍ଠାନ ଜାମସେଦପୁର ସହରର ହୃଦୟସ୍ଥଳୀ ଠାରେ ଦଣ୍ଡାୟମାନ। ଏଠି ପ୍ରତିବର୍ଷ ଦୁର୍ଗାପୂଜା, ରଜ, ରଥଯାତ୍ରା, ସରସ୍ୱତୀ ପୂଜା, ଉତ୍କଳ ଦିବସ ବିଭିନ୍ନ ମହାପୁରୁଷ ମାନଙ୍କ ଜନ୍ମ ଜୟନ୍ତୀ ଓ ପଣା ସଂକ୍ରାନ୍ତି ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୁଏ। ଉତ୍କଳ ଆସୋସିଏସନ ସହିତ ଗୋଲମୁରୀ, ଉତ୍କଳ ସମାଜ, ଶାସ୍ତ୍ରୀ ନଗରର ବାନ୍ଧବ ସମିତି, ବାରିଡ଼ିହର ଆମ ଓଡ଼ିଶା ସଂସ୍ଥା ତରଫରୁ ଉତ୍କଳ ଦିବସ ହର୍ଷୋଲ୍ଲାସର ସହିତ ଲୌହ ନଗରୀ ପାଳନ କରେ। ଏହି ଅନୁଷ୍ଠାନକୁ ଅନେକ ଓଡ଼ିଆ ସାହିତ୍ୟିକ, କବି, ଲେଖକ, ସଂଗୀତଜ୍ଞ, ରାଜନେତା ଓ ସାମ୍ବାଦିକ ଏଠାକୁ ଆସି ଏ ସଂସ୍ଥାର ମାନ ସମ୍ମାନକୁ ଦ୍ୱିଗୁଣିତ କରିଛନ୍ତି। ପାଖାପାଖି ଦୁଇ ଏକର ଜମିର ପରିଧିରେ ବ୍ୟାପ୍ତ ଉତ୍କଳ ଆସୋସିଏସନର କାୟା। ଏହାରି ଭିତରେ ଅଛି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମନ୍ଦିର। ଗୋପବନ୍ଧୁ ସଦନ ସମ୍ମୁଖରେ ଉତ୍କଳ ଗୌରବ ଓ ଦୀନବନ୍ଧୁ ଗୋପବନ୍ଧୁଙ୍କ ମୂର୍ତ୍ତି। ଦ୍ୱିତୀୟ ମହଲାରେ ସୁଦୃଶ୍ୟ ଲାଇବ୍ରେରୀ। ହତାର ଚାରିପାଖରେ ବଉଳ ବନର ମାୟା, ଗୋଟିଏ ଜାଗାରେ ମହ ମହ କାଠ ଚମ୍ପାଫୁଲର ମାୟା ମଣିଷକୁ ଆନମନା କରେ। ଏମିତି ଏକ ପରିବେଶ ଭିତରେ



ଆମ ଉତ୍କଳ ଆସୋସିଏସନର ଅବସ୍ଥିତି। ଟ୍ରଷ୍ଟି ମନୋରଞ୍ଜନ ଦାସ, ଡାକ୍ତର ସୀମାଞ୍ଚଳ ରାଉତ, ପୃଷ୍ଠପୋଷକ ଶୁଭେନ୍ଦ୍ର କୁମାର ବେହେରା, ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଉପସଭାପତି ସଞ୍ଜୟପାତ୍ର, ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, କୋଷାଧକ୍ଷ ମନୀଷ ଦାସ, କିଶୋର ନାୟକ, ବିଶିଷ୍ଟ ରକ୍ତଦାତା ମନୋରଞ୍ଜନ ଗୌଡ଼, ଜୟପ୍ରକାଶ ଲେଙ୍କା, ନିରଞ୍ଜନ ନାୟକ, ମନୋରଞ୍ଜନ ପଶାୟତ, ଅଶୋକ ମହାପାତ୍ର, ମନୋରଞ୍ଜନ ସ୍ୱାଇଁ, ପବିତ୍ର ଜେନା, ସୌମେନ୍ଦ୍ର ଭୂୟାଁ, ବିଭୂତି ନାୟକ, ପ୍ରଶାନ୍ତ ଦାସ, ଅଶୋକ ସାମନ୍ତ, ଅଶୋକ ଭୂୟାଁ, କିଶୋର ମହାନ୍ତିଙ୍କ ସାହାଯ୍ୟ ଓ ସହଯୋଗରେ ଉତ୍କଳ ଦିବସ ବିଭାମୟ ହେବ।

ଉତ୍କଳୀୟ ଚେତନା, ଓଡ଼ିଶାଠୁ କିଛି ଦୂର ଝାଡ଼ଖଣ୍ଡର ଟାଟା ନଗରରେ ଆମେ ଉତ୍କଳ ଦିବସରେ ଦିନଟିକୁ ଅତିବାହିତ କଲାବେଳକୁ ମନ ଭିତରେ ଉଙ୍କି ମାରୁଛି ଅନେକ କଥା। ବାସ୍ତବରେ ଭାଷା ହିଁ ଗୋଟିଏ ଜାତିର ଆତ୍ମ ପରିଚୟ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ସେ ଜାତି ସେତେ ମାର୍ଜିତ ଓ ସମୃଦ୍ଧ ଯାହାକୁ ଗୁରୁତ୍ୱ ଦେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଭାଷା ବଞ୍ଚିବା ପାଇଁ ଭାଷାର ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି। ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବା ପାଇଁ ଅଗ୍ରଣୀ ଭୂମିକା ନେଇଥିଲେ ଓଡ଼ିଶାର ବରପୁତ୍ରମାନେ। ଆଜିବି ଉତ୍କଳ ଆସୋସିଏସନ ପରି ଅନେକ ରାଜ୍ୟରେ ରହିଥିବା ଓଡ଼ିଆ ସଂଗଠନମାନେ ମଧ ଏହି ଦିବସଟିକୁ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧରେ ପାଳନ କରୁଛନ୍ତି। ୧୯୦୩ରେ ପ୍ରାତଃ ସ୍ମରଣୀୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀର ମୂଳଲକ୍ଷ୍ୟ ରହିଥିଲା ସମସ୍ତ ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା। ସେହିପରି ୧୯୭୨ରେ ସ୍ୱର୍ଗତଃ ରାଜକିଶୋର ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ସ୍ଥାପିତ ଏକ ଜାତୀୟ ସ୍ତରର ଜନପ୍ରିୟ ପୁରାତନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ହେଉଛି ନୀଳଶୈଳ। ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ଶ୍ରୀଜଗନ୍ନାଥ ଚେତନା ଏବଂ ଓଡ଼ିଶାର ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ଏହା ନିରବଚ୍ଛିନ୍ନ କାର୍ଯ୍ୟରତ। ସେହିପରି ୧୯୭୦ ମସିହାରେ ଭାଷା ସାହିତ୍ୟ ଓ ସଂସ୍କୃତି ପାଇଁ କାର୍ଯ୍ୟ କରୁଥିବା ସୁପରିଚିତ ଅନୁଷ୍ଠାନ ହେଉଛି ନୀଳଚକ୍ର ଯାହାର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ବ୍ରହ୍ମାନନ୍ଦ ପଣ୍ଡା। ସେହିପରି ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଦାବୀକୁ ନିରବଚ୍ଛିନ୍ନ ଭାବେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରି ଏହାକୁ ଗୋଟିଏ ଆନ୍ଦୋଳନର ରୂପ ଦେବା ଆଶାରେ ଉତ୍କଳ ପ୍ରାଣ ସଚ୍ଚିଦାନନ୍ଦ ମିଶ୍ର ପ୍ରତିଷ୍ଠା କରିଥିଲେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ। ସେହିପରି ଶହେ ବର୍ଷରୁ ଉର୍ଦ୍ଧ୍ୱ କଟକରେ ଥିବା ଭାଷା ସାହିତ୍ୟ ଅନୁଷ୍ଠାନ ହେଉଛି ଉତ୍କଳ ସାହିତ୍ୟ ସମାଜ। ୧୯୦୩ ମସିହା ମେ ୭ ତାରିଖରେ ଏହା ଗଠନ ହୋଇଥିଲା ଓ ଏହାର ପ୍ରଥମ ସଭାପତି ଥିଲେ ମଧୁସୂଦନ ରାଓ।

ଓଡ଼ିଆଙ୍କ ଭାବଚେତନା ଓ ଭାଷା ଐତିହ୍ୟକୁ ସୁଦୃଢ଼ କରୁଥିବା ଉତ୍କଳ ଦିବସ ଏବଂ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୮୯ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହିପରି ଏକ ପବିତ୍ର ଦିନରେ ମନେ ପଡୁଛି କବି କିଶୋର ଚନ୍ଦ୍ର ଦେବଙ୍କ କବିତାର ଧାଡ଼ିଟି - "ଓଡ଼ିଆ ଆମ ମାତୃଭାଷା, ଓଡ଼ିଆ ଆମ ପ୍ରାଣ, ଓଡ଼ିଶା ଦେଶରେ ଜନ୍ମ ଆମର ଓଡ଼ିଆର କରୁ ଟାଣ। ଆସ ଆସ ଭାଇ ମନପ୍ରାଣ ଦେଇ ରଖିବା ଓଡ଼ିଆ ମାନ, କହିବା ଓଡ଼ିଆ, ପଢ଼ିବା ଓଡ଼ିଆ, ଗାଇବା ଓଡ଼ିଆ ଗାନ।'

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ବିଛାମନ୍ତ୍ର ନଜାଣି ସର୍ପଗର୍ତ୍ତରେ ହାତ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ସଂପ୍ରତି ଏ ସମୟରେ ମୋବାଇଲ ଫୋନରେ ୱାଟସପ୍ ମଞ୍ଚରେ ବହୁ ଜ୍ୟୋତିଷୀ ତାଙ୍କର ବିଶେଷ ରୋଜଗାର ପାଇ ହଟଚମଟ ଦେଖାଇ ଏକ ଏକ ରାଶିର ଭଲ ବା ମନ୍ଦ କହିବା ଦେଖାଯାଉଛି। ପ୍ରକୃତରେ ଏହାସବୁ ରାଶିର ଫଳ ମାତ୍ର। ସଂସାର ସୃଷ୍ଟି ଠାରୁ ଏ ପର୍ଯ୍ୟନ୍ତତ ବା ଫଳିତ ଜ୍ୟୋତିଷରେ ଗଣିତ ଜ୍ୟୋତିଷ ସିଦ୍ଧାନ୍ତ ରାଶି କ୍ଷେତ୍ରରେ ଗ୍ରହ ସଞ୍ଚାର ହେଉଛନ୍ତି ଏହା ଉପରେ ବିଭିନ୍ନ ପ୍ରକାରେ ଫଳାଫଳର ଅନୁମାନ କରାଯାଇ ଜ୍ୟୋତିଷୀ ବୟାନ ଦିଆଯାଇ ଆସୁଛି।

ଏ ସମୟରେ କୁମ୍ଭ ରାଶିରୁ ଶନି ମୀନ ରାଶିକୁ ସଞ୍ଚାର କଲେ ବହୁ ମାଳିକା ପ୍ରବଚକ କହି ଚାଲିଛନ୍ତି ମୀନ ଶନି ବହୁ ପ୍ରକାର ଧ୍ୱଂସ ସୃଷ୍ଟି କରିବ। ଏଣେ ଫଳିତ ଜ୍ୟୋତିଷରେ ରାଶିଫଳ ବୟାନ ବର୍ତ୍ତମାନେ ଶନିଙ୍କର ଏପରି ସ୍ଥିତି କିଛି ରାଶି ଅଭୂତପୂର୍ବ ହାନି କରାଇବ। ଶନିଙ୍କର ସପ୍ତା, ଢ଼ାୟା ଲୁହା ପାଦର ଶନି ଯୋଗୁ ରାଶି ଗୁଡ଼ିକର ଘୋର ସଂକଟ କରିବ। ଏମିତି ଏଇ ମନ୍ଥର ଗତିର ଗ୍ରହ ୩୦ ବର୍ଷର ରାଶି ଚକ୍ର ପରିକ୍ରମାରେ ପ୍ରାୟ ବ୨୭/୬ମାସ ପରେ ୧/୧ ରାଶିରେ ପ୍ରବେଶ କରି ପ୍ରାୟ ବ୨/୬ ମାସ ରହନ୍ତି। ଏକ ରାଶି ୩୦ ଅଂଶ ୩୬୦ ଅଂଶ ରାଶି ଚକ୍ରରେ ଭଗୀଦାର ବ୨/୬ ମାସ ଅର୍ଥ ୩୦ ମାସ, ଶନି ପଙ୍ଗୁଗ୍ରହ ଯୋଗୁ ୧ମାସକୁ ୧ଅଂଶ ପ୍ରାୟ ଆଗାନ୍ତି। ପୁଣି ଏ ମଧରେ ରବିଙ୍କ ଯୋଗୁଁ ଅସ୍ତ ବକ୍ରୀ ହୋଇଥାନ୍ତି। ଅଷ୍ଟବର୍ଗ ପଦ୍ଧତିରେ ପ୍ରତିଜାତକରେ ସର୍ବାଷ୍ଟକ ବର୍ଗରେ ଯଦି ଗ୍ରହର ଶୁଭବିନ୍ଦୁ ରାଶିଟିରେ ଥାଏ ବା ଶନି ଅଷ୍ଟକ ବର୍ଗରେ ଧାର୍ଯ୍ୟ ଶୁଭ ୮ ବିନ୍ଦୁରେ ୮ ବିନ୍ଦୁ ବା ସେହିପରି ୭/୬/୫/୪ ବିନ୍ଦୁ ପ୍ରାପ୍ତ ହୋଇଥାନ୍ତି। ୩ ଏକ ରାଶିରେ ୮ କକ୍ଷା ଅଛି। ଯାହା ୩ ଅଂଶ ୪୫ କଳ, ଏକକରେ ଏକ ଏକ କକ୍ଷା। ଯଦି ଏ ମଧରେ ଶୁଭ ଗ୍ରହର ଶୁଭ କକ୍ଷାରେ ଶନି ଗତି କରିବେ ତେବେ ଲୋକଟି ସମସ୍ତଙ୍କ ଠାରୁ ଅଲଗା ଶୁଭଫଳ ପାଇପାରିବେ। ଯଦି କିଛି ଶୁଭ କକ୍ଷା ଥାଏ ତେବେ ସେହି କକ୍ଷାରେ ଶନି ଭଲ ଫଳ ହିଁ ଦେଇପାରନ୍ତି। ୩ ଅଂଶ ୪୫ କକ୍ଷ ପାଇଁ ଶନି ପ୍ରାୟ ମା୩/୨୧ ଦିନ ଶୁଭ କକ୍ଷାରେ ଶୁଭ ଫଳ ଅଶୁଭ କକ୍ଷାରେ ଅଶୁଭ ଫଳ ଦେଇପାରନ୍ତି। ଏହା କେବେ ହେଲେ ସମସ୍ତଙ୍କ ପାଇଁ ଏକ ଫଳ ହୋଇନପାରେ। ୧୨ରାଶିରେ ବିଭିନ୍ନ ପ୍ରକାରେ ବିଭିନ୍ନ ଭାବ ରହିଛି। ଯାହା ଲଗ୍ନରୁ ୧୨ଶ ଭାବ ଲୋକଟିର ଜାତକରେ କେଉଁ ଭାବକୁ ଚଳନୀୟ ଶନି କେଉଁ କେଉଁ ଭାବରେ ଅଧିକାରୀ ହୋଇ ସ୍ଥିର ଭାବକୁ ଆକ୍ରାନ୍ତ କରୁଛନ୍ତି ଏହା ବ୍ୟକ୍ତିଗତ ବିଚାର।

୩୦ ବର୍ଷରେ ଶନି ୩୬୦ ଅଂଶର ଚକ୍ର ପୂର୍ଣ୍ଣ କରୁଥିବାରୁ ପ୍ରତି ବ୍ୟକ୍ତିଙ୍କର ୩୦/୬୦/୯୦/୧୨୦ ବର୍ଷରେ ଥରେ ଥରେ ଜନ୍ମ ରାଶି ଓ ଉଦ୍ଦିଷ୍ଟା ଭାବକୁ ଆସିଯାଆନ୍ତି। ପୁଣି ଶନିଙ୍କର କଣ ସବୁ ଗ୍ରହଙ୍କର ଦୃଷ୍ଟି ୭ମକୁ ଅଛି। ଶନି ଦୃଷ୍ଟିକୁ ଖରାପ କୁହାଯାଏ ଯଦି ପ୍ରତି ବ୧୫ ବର୍ଷରେ ଶନିଙ୍କ ଠାରୁ ଶନି ସ୍ୱସ୍ଥାନରୁ ୭ମରେ ରହିଥାନ୍ତି। ଏହି ସ୍ତଳରେ ୧୫/୪୫/୭୫/୧୦୫ ବର୍ଷରେ ଶନି ସ୍ଥିତ ସ୍ଥାନ ଯାହା ଜନ୍ମ ଜାତକରେ ଅଛି ସେ ସ୍ଥାନକୁ ଦୃଷ୍ଟିରେ ନିର୍ଦ୍ଦିଷ୍ଟ ବୟସ ଭୋଗ ହେଉଥିବ। ଚାଣକ୍ୟ ନୀତିରେ ଅଛି ଲାଳୟତ ପଞ୍ଚ ବର୍ଷାଣି। ଏହାର ଅର୍ଥ ଜନ୍ମ କାଳ ଶନି ଠାରୁ ୨ୟ ଘର ଗତି ଯାଏ ଜନ୍ମ ଜାତକକୁ ଲାଳନ କରିବ। ଏ ସମୟରେ ଶିଶୁର ଶରୀର ଏତେ ବିକଶିତ ହୋଇଥାଏ ମାନସ୍ତିକ ସ୍ତରରେ ତାର ବୋଧଶକ୍ତି ନଥାଏ। ଏ ସମୟରେ ତାକୁ ସ୍ନେହ ଶ୍ରଦ୍ଧା ଦେଇ ସେବା ଶୁଶ୍ରୁଷା କରି ରୋଗ ଚିକିତ୍ସା କରି ଆଗକୁ ବଢ଼ାଯାଏ। ଏହାପରେ ସେ ପାଠ ପଢ଼ିବା ପାଇଁ ବିଦ୍ୟାୟତନ ବା ଗୁରୁ ଗୃହ କୁହାଯାଏ ସାଙ୍ଗ ସାଥିଙ୍କ ସହିତ ମିଳିଥାଏ ମାନସିକ ବିକାଶ ପାଇଁ ପରିବେଶ ସୃଷ୍ଟି କରାଯାଏ। ଏହାର ଚାଣକ୍ୟ ବାଖ୍ୟା ତାୟେତ ଦଶ ବର୍ଷାଣି। ବ୫ର୍ଷରୁ ବ୧୫ର୍ଷ ୧୦ବର୍ଷ ପିଲାଟିକୁ ତାଡ଼ନା ବାରଣ ଆକଟ କରାଯାଏ। ଏ ସମୟରେ ଶନି ସ୍ୱଶନି ସ୍ଥିତିରୁ ୨ୟ୍ତ ୩ୟା ୪ର୍ଥା ୫ମ ଘରେ ଗତି କରୁଥାନ୍ତି। ଏ ସମୟ ବର୍ତ୍ତମାନ ବିପ୍ରବାଳକଙ୍କର ଉପନୟନ ବ୍ରତ ରେ ଝିଅ ମାନଙ୍କର ପ୍ରଥମର ଜୋ ଦର୍ଶନରୁ ମାସିକ ସ୍ରାବ ଆରମ୍ଭ ପୁଅ ମାନଙ୍କ ଦେହରେ ଶୁକ୍ର ଧାତୁର ସ୍ରୋତ ଦେଖାଯିବ। ଏ ସବୁ ପାଇଁ ମୁରବୀ ଗୁରୁଜନ ମାଆ ତାଙ୍କୁ କଣ କରିବା ଦରକାର କଣ ଭାବିବା ଦରକାର କଣ ଆଚରଣ ଦରକାର ବାରମ୍ବାର ବିଦ୍ୟାର ପରୀକ୍ଷା ଆଦି ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାପରେ ପ୍ରାପ୍ତେତୁ ଷୋଡ଼ଶ ବର୍ଷ ପୁତ୍ରଂ ମିତ୍ର ସଦାଚରେତ। ପୁଅ ହେଉ ବା ଝିଅ ହେଉ ତା ସହିତ ମିତ୍ରତା ଆଚରଣ ଆବଶ୍ୟକ ପଡ଼େ। ଏବେ ସାବାଳକ ସାବାଳିକା ଭୋଟ ଦେବା ଅଧିକାର ନିଜସ୍ୱ ମତ ସାବ୍ୟସ୍ତ କରିବା ଏଇ ବ ୧୫ ର୍ଷ ଠାରୁ ବ୧୮ର୍ଷ ମଧରେ ଆସୁଛି। ଯଦି ଶନି ସ୍ୱଜନ୍ମ ଜାତକରୁ ୮ମ ସ୍ଥାନରେ ହିଁ ଗତି କରୁଥାନ୍ତି। ପ୍ରତି ଗ୍ରହ ସ୍ୱଗୃହ ମିତ୍ରଗୃହ ଶତୃଗୃହ ଉଚ୍ଚସ୍ଥାନ ମୂଳତ୍ରିକୋଣ ତତ୍କାଳ ମିତ୍ର ତତ୍କାଳ ଶତୃ ସ୍ଥାନ ଅଛି। ଏହାରି ଉପରେ ଜନ୍ମ କାଳୀନ ଶନି ଠାରୁ ଶନି ଗୋଚର କରି ଯିବା ବେଳେ ସେହି ବ୍ୟକ୍ତିଙ୍କର କେବଳ ଶୁଭ ବା ଅଶୁଭ ଫଳ ଚିନ୍ତନ କରାଯାଏ।

କୁହାଯାଏ ଶନି ହଠଯୋଗୀ ଗ୍ରହ, ଶ୍ରମର ଗୁରୁ, ମନୁଷ୍ୟ ଜୀବନ କେବେ ଆରାମ ପାଇଁ ସବୁବେଳେ ଉଦ୍ଦିଷ୍ଟ ନୁହଁ। ଉଦଯୌଗ ଦ୍ୱାରା ଲକ୍ଷ୍ମୀ ଲାଭ ହୁଏ। ଶନିଙ୍କ ଅନୁକୂଳ ଓ ପ୍ରତିକୂଳ ପ୍ରଭାବ ମନୁଷ୍ୟ ପାଇଁ ଯାହା ମିଳେ ଆଳସ୍ୟ ବିଳାସମୟ ପ୍ରଭାବ ଛାଡ଼ି କେବଳ ଉଦ୍ଦିଷ୍ଟ ପରିବେଶରେ ଲାଗି ରହିଥିଲେ ହିଁ ଶୁଭ ହୁଏ। ହେଳା କଲେ ଭେଳା ବୁଡ଼େ। ପ୍ରକୃତରେ ଏ ଉକ୍ତିଟି ଶନିଙ୍କର କାର୍ଯ୍ୟକାରିତା ଉପରେ ଧାର୍ଯ୍ୟ। ଅଳସୁଆମିରୁ ନିତ୍ୟ କର୍ମରେ ଅବହେଳା, ପାଠ ପଢ଼ାରେ ଅବହେଳା, ନିତ୍ୟ ରୁଟିନ ଧାର୍ଯ୍ୟ ନକରିବା ଠିକ ସମୟରେ ଋଣଶୋଧ ନକରିବା, ଖଜଣା ପଇଠ ନକରିବା, କ୍ଷେତରେ ଚାଷ ନକରିବା ବୃଥା ସମୟ ଅପଚୟ କରିବା ବର୍ଷା ଦିନ ପୂର୍ବରୁ ଘର ଛାଆଣି ନକରିବା। ପିଲାଙ୍କୁ ଗେହ୍ଲା କରି ତାକୁ ସଂସ୍କାର ନଦେବା, ଏପରି ହେଲୁ କାମ ଶନିଙ୍କର କୋପ ଦୃଷ୍ଟିରେ ପକାଏ।

ଶନି କାଳକୋର୍ଟ ପରିଧାନକାରୀ, ଅପରାଧ କମ କରିଲେ କୋର୍ଟ ଦୌଡ଼ା ଓକିଲ ପରାମର୍ଶ ଭୋଗିବାକୁ ପଡ଼େ। ରେଳରେ ସଠିକ ଟିକେଟ ନକରି ଯାତ୍ରା କରୁଥିଲେ କାଳିଆ କୋର୍ଟ ପିନ୍ଧିବାବୁଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଚୋରମାନେ କଳାକନା ବୁଲାନ୍ତି। ନିଜର ଦ୍ରବ୍ୟ ପ୍ରତି ଉପଯୁକ୍ତ ରକ୍ଷଣା ବ୍ୟକ୍ଷଣା ବ୍ୟବସ୍ଥା ନକରିଥିଲେ ଗହଣା ପିନ୍ଧିଲେ ଦେଖେଇ ଚାଲରେ ଏଇ କଳାକନା ବୁଲାଙ୍କ ହାବୁଡ଼ରେ ପଡ଼ିବାକୁ ହୁଏ। ଯେ ପାଞ୍ଚେ ପରମନ୍ଦ ତା ମନ୍ଦ ପାଞ୍ଚନ୍ତି ଠେଙ୍ଗାବାଡ଼ି। ଯଦି କେହି ଅଭିଯୁକ୍ତ ହେଲା ପୋଲିସ ବେତମାଡ଼ ଛାଡ଼ି ମାଡ଼ ପକାନ୍ତି। ଠେଙ୍ଗା ଠେଙ୍ଗୁଣୀ ବେତ ଛାଟ ଏସବୁର ମାଲିକ ଲାଠିଆଳ ଶନିଶ୍ଚର ଦଣ୍ଡଧାରୀ। ଧନୁରା କୃତି ମଣ୍ଡଳ ଶନିଙ୍କର। ଘରେ ଯେତେ ଲୋକଥାନ୍ତୁ ନିଶେ ଅବିଶ୍ୱାସ କରିଥିଛି ବୋଲି ଆଲମାରି ବକ୍ସ କବାଟ ତାଲା ଲାଗୁଛି ତାଲାର ବାଙ୍କୁଡ଼ି ହିଁ ଧନୁରାତିବୃତି। ଅତଏବ ଶନି ହିଁ ବିଶ୍ୱାସୀ ସେ ଲୁହାର ବାଙ୍କୁଡ଼ି ଦ୍ୱାରା ଆମକୁ ସହାୟକ ହେଲେ ତାଲାକାଟି ଚୋରି ଲୁଟ କଲେ ଠେଙ୍ଗୁଣୀ ବାଲାଙ୍କର କଳା କୋର୍ଟ ବାଲାଙ୍କ ଦ୍ୱାରା ଦଣ୍ଡିତ ହୋଇପାରନ୍ତି।

ସଂକୁଚିତର ମାଲିକ ଶନି ଖର୍ଚ୍ଚକାଟ କରି ସଞ୍ଚୟ କରିଲେ ଲୋକର ଭବିଷ୍ୟତ ମଙ୍ଗଳ ହୁଏ। ଅଳ୍ପ କଥାରେ କାର୍ଯ୍ୟ ହାସଲ ପାଇଁ ଶନି ପ୍ରେରଣା ଦିଅନ୍ତି। ଅଳ୍ପକଥାରେ ବିଚାରପତିଙ୍କ ସମାନ ଅତି ଉର୍ଦ୍ଧ୍ୱରେ। ବହୁକଥକ ହରକରାର ମଜୁରୀ ଅତିକମ ଅଳ୍ପ ଗୃହର ମାଲିକ ସୁସ୍ଥ ରହନ୍ତି ମାତ୍ର ବଡ଼ ବଡ଼ ଇମାରତର ମାଲିକ ଅବଶ୍ୟ ଦୁଃଖି। ମାଣବସା ଗୁରୁବାର ଲକ୍ଷ୍ମୀ ଚରିତରେ ମହାଲକ୍ଷ୍ମୀ କାହିଁକି ଶ୍ରୀୟା ଚଣ୍ଡାଳୁଣୀଙ୍କ କୁଡ଼ିଆ ଘରକୁଗଲେ, ସାଧବ ଘର ଇମାରତକୁ ଗଲେ ନାହିଁ। ଏହାର ଅର୍ଥ ଶ୍ରୀୟା ସଂକୁଚିତରେ ଚଳିଲେ ବି କର୍ମଠ ଶୁଦ୍ଧ ପରିବେଶରେ ରହିଥିଲେ। ଯାହାର ବହୁ ଆସବାବପତ୍ର ଘରକରଣା ଘର କଠୋରୀ ସେ ସେତେ ହଇରାଣ ଶନିଙ୍କର କୋପରେ ପଡ଼ି ପାରନ୍ତି।

ଶନିଙ୍କର କେବଳ ବିଚାର ରାଶିଚକ୍ରରେ ନାହିଁ ଅନ୍ୟ ଗ୍ରହଙ୍କର ବିଚାର ଅଛି। ୧ ମାସରେ ଚନ୍ଦ୍ର ୧୨ ରାଶି ଭ୍ରମଣ କରିବାବେଳେ ଏ ବର୍ଷରେ ରବି ୧୨ ରାଶି ଭ୍ରମଣ କରନ୍ତି। ୧୨ ବର୍ଷରେ ୧୨ ଘର ବୃହସ୍ପତି ଭ୍ରମଣ କରନ୍ତି। ୧୮ ବର୍ଷରେ ରାହୁ ୧୨ ଘର ଭ୍ରମଣ କରନ୍ତି ଏପରି ମଙ୍ଗଳଙ୍କ ବିହିତ ଧାରାରେ ୧୨ ରାଶି ଭ୍ରମଣକୁ ଏକ ବର୍ଷର ରବିଙ୍କ ସହିତ ଗୋଡ଼ାଣିଆ ଶୁକ୍ର ବୁଧ ବି ୧୨ ରାଶିରେ ଭ୍ରମଣଶୀଳ। ପୃଥିବୀର ଆହ୍ନିକ ଗତିପଥ ୧୨ ଭାଗକୁ ନେଇ ଲଗ୍ନ ସ୍ଥିତି ଏହାର ବିଚାର ସବୁକ୍ଷେତ୍ରରେ କରାଯାଏ। ଶନି ଚଳନ ବେଳେ ଲଗ୍ନ ଧାର୍ଯ୍ୟ ସର୍ବତ୍ର ଏକା ହୋଇନପାରେ ଅତଏବ ସମସ୍ତଙ୍କର ଏକ ଫଳ ମିଳିବ ଏପରି ଭାବିବା କେବେ ଠିକ ନୁହଁ।

ମେଦିନୀୟ ଜ୍ୟୋତିଷରେ ବିଭିନ୍ନ ରାଶି ନକ୍ଷତ୍ର ସ୍ଥିତି ପାଇଁ ଫଳ ଅଲଗା। ଦ୍ୱିସ୍ୱରାଶି ଧନୀ, ମୀନ, ମିଥୁନ, କନ୍ୟା ଏଥିରେ ଶନି ରହିଲେ ବ୍ରାହ୍ମଣୀ ହାତରେ ଅଡ଼ା ଧରାଯାଏ ଯେ ଦୁର୍ଭିକ୍ଷ ପ୍ରଦାନକାରୀ ଶନିଙ୍କର ୩ୟ ଦୃଷ୍ଟିରେ ୭ମ ଦୃଷ୍ଟିରେ ୨ ପୃଥି ରାଶି ରହେ। ବୃଷ ଓ କନ୍ୟା ଯଦିବା ଏ ଦୁଇରାଶିଙ୍କର ମିତ୍ର ରାଶି ତଥାପି ବୃଷରୁ କନ୍ୟା ଶେଷ ଯାଏ ଖାରିଫ ଫସଲ ସମୟ ଜଳ ଅଭାବ ବା ଜଳ ବହୁଳରୁ କ୍ଷତି ହୁଏ ଯାହା ସମ୍ପୂର୍ଣ୍ଣ ମୌସୁମୀ ପ୍ରଭାବିତ ସମୟ। କୁହାଯାଏ ଆକାଶରୁ ମହରଗ। ଏହି ଆକାଶଚାରୀ ଗ୍ରହ ଠିକ୍ ବର୍ଷଣ ନକଲେ ସବୁ ଅଭାବ ଅନାଟନ ସଂସାରରେ ପଡ଼ିଥାଏ ଯହିଁରେ ସମସ୍ତଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ। ଏଥିରେ ରାଶି ଏକ ନୁହଁ ୧୨ ରାଶିର ବ୍ୟକ୍ତିମାନେ ଭୋଗିବାକୁ ବାଧ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ପ୍ରତି ବୁନ୍ଦା ମୂଲ୍ୟବାନ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଚଳିତ ବର୍ଷ ହୋଲି ପୂର୍ବରୁ ପାଗ ତୀବ୍ର ତାପମାତ୍ରା ଦେଖାଇବା ଆରମ୍ଭ କରିଛି। ତାପମାତ୍ରା ଯେତେ ବଢ଼ିବ, ପିଇବା, ଗାଧୋଇବା, ଚାଷ ଜମି ଓ କାରଖାନା ଇତ୍ୟାଦି ପାଇଁ ପାଣିର ଚାହିଦା ସେତେ ଅଧିକ ହେବ। ପୃଥିବୀରେ ଜଳର ଆବଶ୍ୟକତା ବର୍ଷା କିମ୍ବା ଗ୍ଲେସିୟର ଦ୍ୱାରା ପୂରଣ ହୁଏ। ଅନିୟନ୍ତ୍ରିତ ଗରମ ଯୋଗୁଁ ଏହି ଦୁଇ ଜଳ ଉତ୍ସର ଗଣିତ ବିଗିଡ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ ଯୋଗୁଁ ବର୍ଷା ଋତୁ ଏବେ ଅନିଶ୍ଚିତ ହୋଇପଡିଛି। ଅଧିକାଂଶ କ୍ଷୁଦ୍ର ନଦୀ ଶୁଖିଗଲେଣି। ଏହାର ସିଧାସଳଖ ପ୍ରଭାବ ପୋଖରୀ, କୂଅ, କେନାଲ ଓ ନଳକୂପ ଉପରେ ଦେଖିବାକୁ ମିଳୁଛି।

ପୋଖରୀ ଓ କୂଅ କେବଳ ଜଳ ଉତ୍ସ ନୁହେଁ ବରଂ ସାଂସ୍କୃତିକ, ସାମାଜିକ ଓ ଆଧାତ୍ମିକ ଐତିହ୍ୟର ପ୍ରତୀକ ମଧ । ଏହି ଜଳ ସଂରଚନା ପ୍ରାଚୀନ ଭାରତୀୟ ସମାଜର ଜଳ ପରିଚାଳନା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା, ଯାହା ଆମକୁ ଆମ ପୂର୍ବପୁରୁଷଙ୍କ ଜ୍ଞାନ ଏବଂ ପରିବେଶ ପ୍ରତି ସେମାନଙ୍କର ସମ୍ମାନ କୁ ମନେ ପକାଇଦିଏ। ପ୍ରତେକ ଗାଁରେ ପୋଖରୀ ହେଉଛି ଜୀବନର କେନ୍ଦ୍ର।ବର୍ଷା ଜଳ ସଂରକ୍ଷଣ, କୃଷି ଜଳସେଚନ, ଗାଈଗୋରୁଙ୍କ ଶୋଷ ମେଣ୍ଟାଇବା ଏବଂ ସାମାଜିକ ଯୋଗାଯୋଗ ପାଇଁ ଏହା ବ୍ୟବହୃତ।

ଅତ୍ୟଧିକ ଶୋଷଣ ଓ ଅପାରଗ ପରିଚାଳନା ଯୋଗୁଁ ଦେଶରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଫଳରେ ଆଗାମୀ ଦିନରେ ଦେଶକୁ ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏଭଳି ସ୍ଥିତିରେ ଆମକୁ ଏହି ଜଳ ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ହେବ। ପ୍ରସ୍ତୁତି ପାଇଁ କୌଣସି ଜଟିଳ ଫର୍ମୁଲା ନାହିଁ। ପ୍ରତି ବୁନ୍ଦା ଜଳକୁ ବଞ୍ଚାଇବା ପାଇଁ ଆମ ପୂର୍ବପୁରୁଷମାନେ ଦେଇଥିବା ମନ୍ତ୍ରଗୁଡ଼ିକୁ ପାଳନ କରିବାକୁ ପଡ଼ିବ।

ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୧୮ ପ୍ରତିଶତ ଭାରତରେ ବାସ କରୁଥିବା ବେଳେ ଦେଶରେ ମାତ୍ର ୪ ପ୍ରତିଶତ ପାନୀୟ ଜଳ ସମ୍ପଦ ଉପଲବ୍ଧ। ଜଳ ଗୁଣବତ୍ତା ସୂଚକାଙ୍କରେ ୧୨୨ଟି ଦେଶ ମଧ୍ୟରୁ ଭାରତ ୧୨୦ତମ ସ୍ଥାନରେ ରହିଛି। ଦେଶର ପ୍ରାୟ ୭୦ ପ୍ରତିଶତ ଜଳ ଉତ୍ସ ପ୍ରଦୂଷିତ। ଜଳ ସମ୍ପଦ ମନ୍ତ୍ରଣାଳୟ ଅନୁଯାୟୀ, ୨୦୫୦ ସୁଦ୍ଧା ଆମର ଜଳ ଆବଶ୍ୟକତା ୧୧୮୦ ବିଲିୟନ ଘନମିଟର ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଦେଶରେ ଜଳ ଉପଲବ୍ଧତା ୧୧୩୭ ବିଲିୟନ ଘନମିଟର। ୨୦୩୦ ସୁଦ୍ଧା ଦେଶର ୪୦ ପ୍ରତିଶତ ଲୋକ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ହେବେ। ଯଦି ଆମେ ଜୀବନ ଏବଂ କୃଷିକୁ ବଞ୍ଚାଇବାକୁ ଚାହୁଁଛନ୍ତି , ତେବେ ବର୍ଷାର ପ୍ରତ୍ୟେକ ବୁନ୍ଦାକୁ ବଞ୍ଚାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଅଭିଜ୍ଞତା ଦର୍ଶାଉଛି ଯେ ବିପୁଳ ବଜେଟ୍, ରିଲିଫ୍, ନଳକୂପ ଭଳି ଶବ୍ଦ ଜଳ ସଙ୍କଟର ସମାଧାନ ନୁହେଁ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଡ୍ୟାମ୍ ଶହେ ବର୍ଷ ବି ଚାଲୁନଥିବା ବେଳେ ଆମର ପାରମ୍ପରିକ ଜ୍ଞାନରେ ନିର୍ମିତ ଜଳ ସଂରଚନା ଅବହେଳା ସତ୍ତ୍ୱେ ଏବେ ବି ପାଣିରେ ରହିଛି।



ଆମ ଦେଶର ଭାଗ୍ୟ ହେଉଛି ଯଦି ଟିକିଏ ଅଧିକ ବର୍ଷା ହୁଏ, ତେବେ ଜଳ ନିଷ୍କାସନ କରି ସଂରକ୍ଷଣର କୌଣସି ମାଧମ ନାହିଁ ଏବଂ ଯଦି କମ୍ ବର୍ଷା ହୁଏ, ତେବେ ସେପରି କୌଣସି ସଂରକ୍ଷିତ ଭଣ୍ଡାର ନାହିଁ। ଅଳ୍ପ ବୃଷ୍ଟିପାତ ଦେଶର ବିଶାଳ ଅଞ୍ଚଳ ପାଇଁ ନୂଆ କଥା ନୁହେଁ କି ସେଠାକାର ସମାଜ ପାଇଁ କମ୍ ପାଣିରେ ବଞ୍ଚିବା କିଛି ନୂଆ କଥା ନୁହେଁ, କିନ୍ତୁ ଗତ ପାଞ୍ଚ ଦଶନ୍ଧି ମଧରେ ଆଧୁନିକତାର ଦୌଡ଼ରେ ବିଲୁପ୍ତ ହୋଇଥିବା ହଜାର ହଜାର ପୋଖରୀ ଓ ପାରମ୍ପରିକ ଜଳ ବ୍ୟବସ୍ଥା ଯୋଗୁଁ ସ୍ଥିତି ଆହୁରି ଖରାପ ହୋଇଛି। ହଜାର ହଜାର ବର୍ଷ ପୂର୍ବେ ଆମ ପୂର୍ବପୁରୁଷମାନେ ସମୟ, ପରିସ୍ଥିତି ଅନୁଯାୟୀ ବର୍ଷା ଜଳ ସଂଗ୍ରହ କରିବା ପାଇଁ ଅନେକ ପ୍ରଣାଳୀ ବିକଶିତ ଓ ସଂରକ୍ଷିତ କରିଥିଲେ। ପିଇବା ଓ ରୋଷେଇ ପାଇଁ ବ୍ୟବହୃତ ହେଉଥିବା କୂଅଟି ଏକଦା ଘର ଅଗଣାରେ ଥିଲା।ପ୍ରତେକ ଗାଁରେ ବିଭିନ୍ନ ନାମରେ ଛୋଟ ବଡ ପୋଖରୀ ଥିଲା।

ପୋଖରୀ କୂଳରେ ମନ୍ଦିର, ଘାଟ ଓ ଧର୍ମଶାଳା ରଖାଯାଇଥିଲା, ଯେଉଁଠାରେ ଲୋକମାନେ ଆଧାତ୍ମିକ ଶାନ୍ତି ପାଇବା ପାଇଁ ଆସୁଥିଲେ। ଅନେକ ସ୍ଥାନରେ ଏହି ପୋଖରୀ ଗୁଡ଼ିକ ପର୍ବପର୍ବାଣୀ ଓ ମେଳାର କେନ୍ଦ୍ର ବିନ୍ଦୁ ପାଲଟିଥିଲା। ପ୍ରାଚୀନ ଭାରତରେ ଜଳ କୁ କେବଳ ଏକ ସମ୍ପଦ ନୁହେଁ ବରଂ ଏକ ପବିତ୍ର ଉପାଦାନ ଭାବରେ ବିବେଚନା କରାଯାଉଥିଲା। ତେଣୁ ଜଳଉତ୍ସ ସଂରକ୍ଷଣ ପାଇଁ ବୈଜ୍ଞାନିକ ଓ କଳାତ୍ମକ ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା। ରାଜା, ରାଣୀ, ସମାଜସେବୀ ଓ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପରିମାଣରେ ପୋଖରୀ ଓ କୂଅ ନିର୍ମାଣ କରାଯାଇଥିଲା। ଜଳ ସଂରକ୍ଷଣ ସହିତ ସାମାଜିକ ସମୃଦ୍ଧି ଏବଂ ଆଧାତ୍ମିକ ଶାନ୍ତି କୁ ପ୍ରୋତ୍ସାହିତ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ପୁରୁଣା ପୋଖରୀ ନିକଟରେ ବସି ଧ୍ୟାନ କଲେ ସେମାନଙ୍କ ତରଙ୍ଗରେ ଇତିହାସର ଚହଲ ଅନୁଭବ କରିହୁଏ। ଗାଁ ପୋଖରୀ କୂଳରେ ବୟସ୍କମାନେ କାହାଣୀ କହୁଥିଲେ, ପିଲାମାନେ ଖେଳୁଥିଲେ ଏବଂ ମହିଳାମାନେ ପାଣି ଭରିବା ସମୟରେ ସେମାନଙ୍କ କାହାଣୀର ଗଭୀରତାରେ ହଜି ଯାଉଥିଲେ। ଏଗୁଡ଼ିକ କେବଳ ଜଳାଶୟ ନୁହେଁ, ବରଂ ସାମାଜିକ ଯୋଗାଯୋଗର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା। ଆମ ସ୍ଥାପତ୍ୟର ଏହି ଉଦାହରଣ ଆଉ ଦୃଶ୍ୟମାନ ହେଉନାହିଁ। ପାରମ୍ପରିକ ବ୍ୟବସ୍ଥାକୁ ପୁନରୁଦ୍ଧାର କରି ଏହାର ଦାୟିତ୍ୱ ସ୍ଥାନୀୟ ସମାଜକୁ ଦେବା ପାଇଁ ଆଜି ସ୍ୱତନ୍ତ୍ର ଯୋଜନା କରିବାର ଆବଶ୍ୟକତା ରହିଛି।

ଗତ ୨୦୦ ବର୍ଷ ଧରି ଆମେ ଶୁଣି ଆସୁଛୁ ଯେ ଲୋକମାନେ ଭୋକ କିମ୍ବା ପାଣି ଯୋଗୁଁ ନିଜ ପୈତୃକ ଘର ଛାଡ଼ି ପଳାଇ ଯାଉଛନ୍ତି। ସମସ୍ୟା ହେଉଛି ଆଜି ସହରରେ କରାଯାଇଥିବା ଯୋଜନାରେ ଜଳର ବ୍ୟବହାର ଓ ପ୍ରବାହକୁ କେହି ଆକଳନ କରିପାରୁନାହାନ୍ତି। ସହରର ଜଳଭଣ୍ଡାର ଓ ସର୍ବସାଧାରଣ ସ୍ଥାନରୁ କୂଅ ଗୁଡ଼ିକ ଅଦୃଶ୍ୟ ହୋଇଯାଇଛି। ଜଳ ସଙ୍କଟର ଏହି ଯୁଗରେ ଆମେ ଏହି ପାରମ୍ପରିକ ଜଳ ଉତ୍ସଗୁଡ଼ିକୁ ପୁନରୁଦ୍ଧାର କରିବା ଆବଶ୍ୟକ। ଏହା କେବଳ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହେବ ନାହିଁ, ବରଂ ବନ୍ୟା ଭଳି ସମସ୍ୟାକୁ ହ୍ରାସ କରିବାରେ ମଧ ସହାୟକ ହେବ।

**ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭**

## ମଣ୍ଡଲାରେ ହକ୍ ଫୋର୍ସ ଏବଂ ନକ୍ସଲଙ୍କ ମଧ୍ୟରେ ଏନକାଉଣ୍ଟର

# ୨ ମହିଳା ନକ୍ସଲଙ୍କ ମୃତ୍ୟୁ



**ମଣ୍ଡଲା, ୧।୪:** ବାଲାଘାଟ ଏବଂ ମଣ୍ଡଲା ସୀମାରେ ହକ୍ ଫୋର୍ସ ଏବଂ ନକ୍ସଲଙ୍କ ମଧ୍ୟରେ ଏନକାଉଣ୍ଟର ଜାରି ରହିଛି । ଏହି ଏନକାଉଣ୍ଟରରେ ଦୁଇ ଜଣ ମହିଳା ନକ୍ସଲଙ୍କ ମୃତ୍ୟୁ ଖବର ମିଳିଛି। ବାଲାଘାଟ ପୋଲିସ ଅଧୀକ୍ଷକ ନଗେନ ସାକଲେଚା ଏହା ନିଶ୍ଚିତ କରିଛନ୍ତି। ସେ କହିଛନ୍ତି, "ଏହି ଏନକାଉଣ୍ଟର ସକାଳେ ଘଟିଥିଲା ଏବଂ ସେଠାରେ ନକ୍ସଲ ଏବଂ ସୁରକ୍ଷାବାହିନୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯେଉଁଥିରେ ଦୁଇ ଜଣ ମହିଳା ନକ୍ସଲ ପ୍ରାଣ ହରାଇଥିଲେ। ଘଟଣାସ୍ଥଳରେ ଏବେ ବି ଗୁଳି ବିନିମୟ ଜାରି ରହିଛି।"ଏହି ଏନକାଉଣ୍ଟର ମଣ୍ଡଲାର ବିଛିଆ ପୋଲିସ ଷ୍ଟେସନ ଅନ୍ତର୍ଗତ ଚେହେରିଦାଦର ମୁଣ୍ଡିଦାର ଜଙ୍ଗଲରେ ଘଟିଛି। ଏହି ଏନକାଉଣ୍ଟରରେ ହକ୍ ଫୋର୍ସ ଦୁଇ ଜଣ ମହିଳା ନକ୍ସଲଙ୍କୁ ହତ୍ୟା କରିଛନ୍ତି। କୁହାଯାଉଛି ଯେ, ଏହି ଏନକାଉଣ୍ଟର ଏବେ ବି ଜାରି ରହିଛି। ପୋଲିସ୍ ଅଧୀକ୍ଷକ ରଜତ ସାକଲେଚା କହିଛନ୍ତି ଯେ, "ଏହି ଅପରେସନରେ ନକ୍ସଲଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବା ହକ୍ ଫୋର୍ସ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏକ ଏନକାଉଣ୍ଟର ଚାଲିଛି।" ମଧ୍ୟପ୍ରଦେଶ ଡିଜେପି କୈଳାଶ ମାକୱାନା ସୋସିଆଲ ମିଡିଆ Xରେ ଏନକାଉଣ୍ଟର ସମ୍ପର୍କରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି ଯେ, ଆଜି ସକାଳେ ମଣ୍ଡଲା ଜିଲ୍ଲା ବିଛିଆ ପୋଲିସ ଷ୍ଟେସନ ଅଧୀନରେ ପୋଲିସ-ନକ୍ସଲ ଏନକାଉଣ୍ଟରରେ ଦୁଇ ଜଣ ମହିଳା ନକ୍ସଲଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଗୋଟିଏ ଏସଏଲଆର ରାଇଫଲ ଏବଂ ଗୋଟିଏ ସାଧାରଣ ରାଇଫଲ, ୱେରଲେସ ସେଟ୍ ଏବଂ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ଏନକାଉଣ୍ଟର ସ୍ଥଳ ମଣ୍ଡଳ ଏବଂ ବାଲାଘାଟ ସୀମାରେ ଅଛି। ନକ୍ସଲଙ୍କ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଅଭିଯାନ ଚଳାଯାଉଛି। ଏହି କାରଣରୁ, ନକ୍ସଲ ଅଞ୍ଚଳରେ ସୁରକ୍ଷା ବାହିନୀର କାର୍ଯ୍ୟକଳାପ ବୃଦ୍ଧି ପାଉଛି। କୁହାଯାଉଛି ଯେ, ଏହି ଏନକାଉଣ୍ଟର ସ୍ଥଳରୁ ପୋଲିସ ବହୁ ସଂଖ୍ୟକ ଗୁଳି ମଧ୍ୟ ଜବତ କରିଛି। ମଧ୍ୟପ୍ରଦେଶ ଗୃହ ବିଭାଗ ଦାବି କରିଛି ଯେ, ବାଲାଘାଟ ମଣ୍ଡଳ ଏବଂ ଡିଣ୍ଡୋରି ଜଙ୍ଗଲରେ ନକ୍ସଲଙ୍କ କାର୍ଯ୍ୟକଳାପ ଜାରି ରହିଛି। ସେଥିପାଇଁ ନକ୍ସଲଙ୍କ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ କେନ୍ଦ୍ର ସରକାର ମଧ୍ୟ ଏହି ଜିଲ୍ଲାମାନଙ୍କ ପାଇଁ ଏକ ପୃଥକ ବଜେଟ୍ ଜାରି କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହା ମଧ୍ୟ କହିଛନ୍ତି ଯେ, ଖୁବ ଶୀଘ୍ର ନକ୍ସଲମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଶେଷ କରାଯିବ।

## ଗାନ୍ଧୀଙ୍କ ଅଣନାତୁଣୀ ନୀଳମବେନଙ୍କ ପରଲୋକ



**ଗାନ୍ଧୀନଗର, ୧।୪:** ମହାତ୍ମା ଗାନ୍ଧୀଙ୍କ ଅଣନାତୁଣୀ ନୀଳମବେନ ପାରିଖଙ୍କ ପରଲୋକ। ଗତକାଲି (ମଙ୍ଗଳବାର) ଗୁଜୁରାଟର ନବସାରୀରେ ୯୩ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ ମହାତ୍ମା ଗାନ୍ଧୀଙ୍କ ପୁଅ ହରିଦାସ ଗାନ୍ଧୀଙ୍କ ନାତୁଣୀ। ନୀଳାମବେନ ତାଙ୍କ ପୁଅ ଡକ୍ଟର ସମୀର ପାରିଖଙ୍କ ସହିତ ନବସାରୀ ଜିଲ୍ଲାରେ ରହୁଥିଲେ। ନବସାରୀର ରହିବା ସମୟରେ, ସେ ତାଙ୍କର ସମଗ୍ର ଜୀବନ ଦୟା, ସେବା ଏବଂ ସମାଜସେବାରେ ଉତ୍ସର୍ଗ କରିଥିଲେ । ନୀଳମବେନ ପାରିଖ ମହାତ୍ମା ଗାନ୍ଧୀଙ୍କ ପୁଅ ହରିଦାସ ଗାନ୍ଧୀଙ୍କ ବଂଶଧର ଥିଲେ । ନୀଳମବେନଙ୍କ ମାଆ ରାମିବେନ ଏବଂ ପିତା ଯୋଗେନ୍ଦ୍ରଭାଇ ପାରିଖଙ୍କ ସଂସ୍କାରରେ ପ୍ରଭାବିତ ହୋଇ, ସେ ପିଲାଟି ଦିନରୁ ଗାନ୍ଧୀବାଦୀ ମୂଲ୍ୟବୋଧକୁ ଗ୍ରହଣ କରିଥିଲେ । ସେ ମହିଳାମାନଙ୍କ କଲ୍ୟାଣ ଏବଂ ଶିକ୍ଷା ପାଇଁ ଅନେକ ପ୍ରୟାସ କରିଥିଲେ । ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡିତ ଥିଲେ ଏବଂ ମହିଳା ଶିକ୍ଷା, ଆର୍ଥିକ ସ୍ୱାବଲମ୍ବୀ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ମହିଳାମାନଙ୍କୁ ବୃତ୍ତିଗତ ତାଲିମ ପ୍ରଦାନ କରି ସେମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ ।

## ଆଇଫୋନ୍ ପାଇଁ ନାବାଳକକୁ ହତ୍ୟା କଲେ ଦୁଇସାଙ୍ଗ



**ନୂଆଦିଲ୍ଲୀ,୨।୪:** ପଞ୍ଜାବରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ରାମପୁରାର ରେଳ ଲାଇନ୍‌ରୁ ନବଜୋତ ନାମକ ଜଣେ ୧୭ ବର୍ଷୀୟ ନାବାଳକର ମୃତଦେହ ଦୁଇଟି ଭାଗରେ ଉଦ୍ଧାର କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ମୃତକଙ୍କୁ ତାଙ୍କ ନିଜ ବନ୍ଧୁ ହତ୍ୟା କରିଛନ୍ତି, ଅଭିଯୁକ୍ତଙ୍କ ବୟସ ପ୍ରାୟ ୧୬ ବର୍ଷ ଏବଂ ନାମ ଅମନଜୋତ ସିଂହ। ଏହି ହତ୍ୟା ପଛର କାରଣ ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି କାରଣ ମୃତ ନବଜୋତଙ୍କୁ କେବଳ ଏକ ଆଇଫୋନ୍ ୧୧ ପାଇଁ ହତ୍ୟା କରାଯାଇଥିଲା। ନବଜୋତଙ୍କ ହତ୍ୟାର ଗୋଟିଏ ଦିନ ପୂର୍ବରୁ ନବଜୋତଙ୍କ ଜନ୍ମଦିନ ଥିଲା ଏବଂ ସେ ତାଙ୍କ ବନ୍ଧୁଙ୍କ ସହିତ ବାହାରେ ତାଙ୍କ ଜନ୍ମଦିନ ପାଳନ କରିଥିଲେ। ନବଜୋତଙ୍କ ଜନ୍ମଦିନ ୨୪ ତାରିଖରେ ଥିଲା ଏବଂ ୨୫ ତାରିଖରେ ସେ ତାଙ୍କ ପରିବାରକୁ ଘରକୁ ଫେରି କହିଥିଲେ ଯେ ସେ ତାଙ୍କ ବନ୍ଧୁମାନଙ୍କ ସହିତ ହରିଦ୍ୱାର ଯାଉଛନ୍ତି ଏବଂ ୨ ଦିନ ପରେ ଫେରି ଆସିବେ। ତା'ପରେ କିଛି ସମୟ ପରେ ନବଜୋତ ଘରକୁ ଫୋନ୍ କରି କହିଲେ ଯେ ମୁଁ ସେଠାକୁ ଯାଉନାହିଁ, ମୁଁ ଘରକୁ ଫେରୁଛି, କିନ୍ତୁ ସେ ଫେରି ନଥିଲେ। ଏହା ପରେ, ଯେତେବେଳେ ସେ ବହୁତ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିଲେ, ତାଙ୍କ ପରିବାର ତାଙ୍କୁ ଖୋଜାଖୋଜି ଆରମ୍ଭ କଲେ। ପରେ ଜଣାପଡିଲା ଯେ ତାଙ୍କ ପୁଅକୁ ହତ୍ୟା କରାଯାଇଛି। ହତ୍ୟା ପରେ ତାଙ୍କ ମୃତଦେହକୁ ଦୁଇ ଖଣ୍ଡ କରି ରେଳ ଟ୍ରାକରେ ଫିଙ୍ଗି ଦିଆଯାଇଥିଲା। ବର୍ତ୍ତମାନ, ମୃତ ଯୁବକଙ୍କ ହତ୍ୟାକାରୀ ୧୬ ବର୍ଷୀୟ ଅମନଜୋତକୁ ଗିରଫ କରାଯାଇଛି ଏବଂ କୋର୍ଟରେ ହାଜର କରାଯିବା ପରେ, ତାଙ୍କୁ ବାଳ ସୁଧାର ଗୃହକୁ ପଠାଯିବ। ବିଶେଷ କଥା ହେଉଛି ନବଜୋତଙ୍କୁ ହତ୍ୟା କରିବା ପରେ, ଅମନଜୋତ ଜଣେ ୧୪ ବର୍ଷର ବାଳକକୁ ୧ ହଜାର ଟଙ୍କା ଲୋଭ ଦେଖାଇ ଧମକ ଦେଇ ତାଙ୍କ ମୃତଦେହକୁ ରେଳ ଟ୍ରାକରେ ଫିଙ୍ଗି ଦେଇଥିଲେ।

## ୧୫ ଥର ଓଲଟିଲା କାର, ୩ ମୃତ

**କର୍ଣ୍ଣାଟକ,୧।୪:** କର୍ଣ୍ଣାଟକର ଏନ୍‌ଏଚ୍୧୫୦-ଏ ରେ ହୃଦୟବିଦାରକ ଦୁର୍ଘଟଣା ଘଟିଛି । ଚିତ୍ରାଦୁରଗା ଜିଲ୍ଲାର ମୋନକାଲମୁରୁ ତାଲୁକର ବମ୍ମାକାନହଲ୍ଲୀ ମସଜିଦ ନିକଟରେ ଏହି ଘଟଣା ଘଟିଛି । ଏହି ଦୁର୍ଘଟଣାରେ ତିନି ଜଣ ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ ଦୁଇ ଜଣ ଶିଶୁ ମଧ୍ୟ ଅଛନ୍ତି । ଗତକାଲି ସକାଳେ ଘଟିଥିଲା ଏହି ଦୁର୍ଘଟଣା । କାରଟି ଚାଲ୍ଲାକେରରୁ ମୋଲାକାଲମୁରୁ ଦେଇ ବେଲ୍ଲାରୀ ଯାଉଥିଲା । ଏହି ମର୍ମନ୍ତୁଦ ଦୁର୍ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି ଯେଉଁଥିରେ ଦେଖାଯାଉଛି ଯେ ଏକ କାର ଡିଭାଇଡରରେ ପିଟି ହେବା ପରେ ୧୫ ଥର ଓଲଟି ପଡ଼ିଛି । ଏହି ସମୟରେ, କାରରେ ଥିବା ଲୋକମାନେ ଗାଡି ବାହାରେ ଉଡ଼ି ପଡ଼ିଥିବାର ଦେଖାଯାଇଥିଲା । ୩ ଜଣ ମୃତକଙ୍କ ମଧ୍ୟରେ ୩୫ ବର୍ଷୀୟ ମୌଲା ଅବଦୁଲ ସାମିଲ ଅଛନ୍ତି । ମୌଲା ଗାଡ଼ି ଚଳାଉଥିଲେ । ତାଙ୍କର ଦୁଇ ପୁଅ ରେହମାନ (୧୫ ବର୍ଷ) ଏବଂ ସମୀର (୧୦ ବର୍ଷ) ମଧ୍ୟ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ମୌଲାଙ୍କ ସ୍ତ୍ରୀ ସଲିମା ବେଗମ, ତାଙ୍କ ମାଆ ଫାତିମା ଏବଂ ପୁଅ ହୁସେନ ଗୁରୁତର ଆହତ ହୋଇଥିଲେ । ପୋଲିସ ତାଙ୍କୁ ବଲ୍ଲାରୀ ଭିଆଇଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରିଛି । ରାମପୁର ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଏକ ମାମଲା ରୁଜୁ କରିଛି । ପୋଲିସର ସୂଚନା ଅନୁଯାୟୀ, ପରିବାରଟି ମୂଳତଃ ୟାଡିଗରର ବାସିନ୍ଦା । ସେ ବାଙ୍ଗାଲୋରରେ କାମ କରୁଥିଲେ । ଅନ୍ୟପଟେ ଦୁର୍ଘଟଣାର ଭିଡିଓ ଏବେ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି ।

## ବିଶ୍ୱ ପାଇଁ ସୃଷ୍ଟି ହେବ କି ଆର୍ଥିକ ବିପର୍ଯ୍ୟୟ !

# ଆଜିଠୁ ଆମେରିକାର ଲାଗୁ ହେବ ନୂଆ ଟିକସ



**ୱାଶିଂଟନ,୧।୪ :** ଆଜିଠୁ ଲାଗୁ ହେବ ଆମେରିକାର ନୂଆ ଟିକସ । ଭାରତ ସମେତ ଚୀନ, କାନାଡ଼ା ଭଳି ଅନେକ ଦେଶ ପାଇଁ ଆମେରିକାର ନୂଆ ଟାରିଫ ଲାଗିବ । ଭାରତ ସମେତ ଆଉ କିଛି ଦେଶ ଆମେରିକା ନିର୍ମିତ ସାମଗ୍ରୀ ଉପରେ ଲାଗୁ କରୁଥିବା ଟିକସର ସମାନ ପରିମାଣର ଟିକସ ଲାଗୁ କରିବାକୁ ଘୋଷଣା କରିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆଜି ଆମେରିକା ମୁକ୍ତି ଦିବସ ବା ଲିବରେସନ ଡେ ଠାରୁ ଏହି ଟିକସ ଲାଗୁ ହେବ । ଆଜି ପୁଣି ଥରେ ଟାରିଫ ଘୋଷଣା କରିବେ ଡୋନାଲ୍ଡ ଟ୍ରମ୍ପ । ସେହି କ୍ଷଣ ଠାରୁ ଲାଗୁ ହେବ ନୂଆ ଟାରି ଫ୍। ଆଜି ଆମେରିକା ସମୟ ଅପରାହ୍ଣ ୪ଟା ବେଳେ ରୋଜ୍ ଗାର୍ଡେନରେ ନୂଆ ଟାରିଫ ଘୋଷଣା କରିବେ ଟ୍ରମ୍ପ। ସେହିପରି ଏପ୍ରିଲ ୩ ତାରିଖରୁ ଅଟୋ ଶିଳ୍ପ ମଧ୍ୟ ସମାନ ଦଶା ଭୋଗିବାକୁ ଯାଉଛି । ଆମଦାନୀ ବିଦେଶୀ ଗାଡ଼ି ଉପରେ ୨୫ ପ୍ରତିଶତ ଟିକସ୍ ଲଗାଇବ ଆମେରିକା। ଏହାଦ୍ୱାରା ଭାରତ ସମେତ ଚୀନ, କାନାଡ଼ା ଭଳି ଦେଶ ପ୍ରଭାବିତ ହେବେ । ତେବେ ନୂଆ ଟାରିଫ ଲାଗୁ ହେବା ପୂର୍ବରୁ ଆମେରିକାର କେତେକ ଦ୍ରବ୍ୟ ଉପରେ ଭାରତ ଟିକସ୍ କମ କରିବ ବୋଲି ଆଶା କରିଛନ୍ତି ଡୋନାଲ୍ଡ ଟ୍ରମ୍ପ । ପୂର୍ବରୁ ୟୁରୋପୀୟ ୟୁନିୟନ ୨.୫ ପ୍ରତିଶତ ଟାରିଫ ହ୍ରାସ କରିଛି । ଆମେରିକାର ନୂଆ ଟାରିଫ ଲାଗିଲେ ବଶ୍ୱକୁ ଆର୍ଥିକ ବିପର୍ଯ୍ୟୟ ମାଡ଼ି ଆସିବ ବୋଲି କୁହାଯାଉଛି । ଭାରତ ପାଇଁ ମହଙ୍ଗା ହେବ ଶକ୍ତି, ଭାରୀ ଯନ୍ତ୍ରାଂଶ ଆମଦାନୀ । ଶୁଳ୍କକୁ ନେଇ ଚିନ୍ତାରେ ନିବେଶକ। ସେୟାର ବଜାର ଧୂଳିସାତ। ୱାଲ୍ ଷ୍ଟ୍ରିଟ୍ ସହ ସମଗ୍ର ବିଶ୍ୱବଜାର ନିମ୍ନମୁଖୀ ହୋଇଛି ।

## ରୁଷରେ ରହସ୍ୟମୟ ଭୂତାଣୁ, କାଟୁ କରୁନି ଆଣ୍ଟିବାୟୋଟିକ୍ସ



**ମସ୍କୋ, ୨।୪:** ପୁଣି ଫେରିବ କି କୋଭିଡ୍ ସ୍ଥିତି । ରୁଷରେ ବ୍ୟାପିଲାଣି ରହସ୍ୟମୟ ଭୂତାଣୁ । ଯାହାର ଲକ୍ଷଣ ଠିକ୍ କୋଭିଡ ଭଳି । ସଂକ୍ରମିତଙ୍କ କିଛି ଦିନ ଅତ୍ୟଧିକ ଜ୍ୱର ପରେ ମାଂସପେଶୀରେ ଦରଜ ସହିତ କାଶ ଅନୁଭୂତ ହେଉଛି । ରୋଗୀଙ୍କ ଉପରେ କୌଣସି ଆଣ୍ଟିବାୟୋଟିକ୍ସର ପ୍ରଭାବ ପଡୁନଥିବା ଦେଖିବାକୁ ମିଳୁଛି । ତେବେ ଏହି ଭାଇରସର ସ୍ୱରୂପ ଓ ସଂକ୍ରମଣ ନେଇ ଔପଚାରିକ ଭାବେ କୌଣସି ସୂଚନା ଦିଆଯାଇନଥିବାବେଳେ ଭାଇରସ୍ ବ୍ୟାପୁଥିବା ଖବରକୁ ଅସ୍ୱିକାର କରିଛି ରୁଷ ହେଲଥ ଏଜେନ୍ସି । ତେବେ ଏହା ଏକ ସାଧାରଣ ସ୍ୱାସ୍ଥ୍ୟଗତ ସମସ୍ୟା । ଯାହା ପ୍ରତିବର୍ଷ ଥଣ୍ଡା ସମୟରେ ଦେଖିବାକୁ ମିଳେ ବୋଲି ସ୍ଥାନୀୟ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି ।

## ଦ୍ୱିତୀୟ ବିବାହ ପରେ ବି ପ୍ରଥମ ସ୍ତ୍ରୀଙ୍କୁ ଦେବାକୁ ପଡ଼ିବ ଗୁଜୁରାଣ ଭତ୍ତା



**ନୂଆଦିଲ୍ଲୀ,୨।୪:** ଛାଡପତ୍ର ପରେ ଜଣେ ମହିଳା ପରିବାର ଅଦାଲତରେ ସ୍ଥାୟୀ ଭରଣପୋଷଣ ଦାବି କରିପାରିବେ କି? ଯଦି ମହିଳା ଜଣକ ପୁନର୍ବାର ବିବାହ କରନ୍ତି, ତେବେ କ'ଣ ଭରଣପୋଷଣ ପରିବର୍ତ୍ତନ କରାଯାଇପାରିବ? ଏନେଇ ବଡ଼ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ଏହି ମାମଲା ଗୁଜୁରାଟ ହାଇକୋର୍ଟ ଦେଇ ସୁପ୍ରିମକୋର୍ଟରେ ପହଞ୍ଚିଛି। ହାଇକୋର୍ଟ ଅହମ୍ମଦାବାଦ ପରିବାର କୋର୍ଟର ନିଷ୍ପତ୍ତିକୁ ବଜାୟ ରଖିଥିଲେ, ଯେଉଁଥିରେ ତାରିଫ ରସିଭାଇ କୁରେଶୀଙ୍କୁ ଛାଡପତ୍ର ପରେ ତାଙ୍କ ପୂର୍ବତନ ପତ୍ନୀ ଆସମା ବାନୁଙ୍କୁ ୧୦ ଲକ୍ଷ ଟଙ୍କାର ସ୍ଥାୟୀ ଭରଣପୋଷଣ ରାଶି ଦେବାକୁ କୁହାଯାଇଥିଲା। ୨୦୧୯ ମସିହାରେ ଦିଆଯାଇଥିବା ଏହି ନିଷ୍ପତ୍ତିରେ, ପରିବାର ଅଦାଲତ ପତ୍ନୀଙ୍କ ଆବେଦନକୁ ଗ୍ରହଣ କରିଥିଲେ ଏବଂ ୨୦୦୯ ମସିହାର ବିବାହକୁ ଅସିଦ୍ଧ ଘୋଷଣା କରିଥିଲେ। ଏହା ବ୍ୟତୀତ, ଏକକାଳୀନ ଏବଂ ସ୍ଥାୟୀ ଭରଣପୋଷଣ ରାଶି ମଧ୍ୟ ସ୍ଥିର କରାଯାଇଥିଲା। ହାଇକୋର୍ଟରେ ସ୍ୱାମୀଙ୍କ ପକ୍ଷରୁ ଯୁକ୍ତି ଦିଆଯାଇଥିଲା ଯେ ଆଇନ ଅନୁଯାୟୀ ଜଣେ ମୁସଲିମ ପତ୍ନୀ କେବଳ ମାଜିଷ୍ଟ୍ରେଟଙ୍କ ନିକଟରେ ଭରଣପୋଷଣ ଭତ୍ତା ପାଇଁ ସିଆରପିସି ୧୨୫ ଅନୁଯାୟୀ ଆବେଦନ କରିପାରିବେ। ଏହି ଦେୟ କେବଳ ଇଦ୍ଦତ ଅବଧି (୩ ମାସ) ପାଇଁ ସ୍ୱାମୀଙ୍କୁ ଦେବାକୁ ପଡିବ।

## ଏଲ୍‌ଓସିରେ ଅନୁପ୍ରବେଶ ଉଦ୍ୟମ: ସେନା ଗୁଳିରେ ପ୍ରାୟ ୫ ଜଣ ନିହତ



**ଜମ୍ମୁ କାଶ୍ମୀର :** ଏଲ୍‌ଓସିରେ ପ୍ରବଳ ଗୁଳି ବିନିମୟ । ଜମ୍ମୁ କାଶ୍ମୀରର ପୁଞ୍ଛ ସୀମାରେ ୪-୫ ଜଣ ଅନୁପ୍ରବେଶକାରୀ ନିହତ। କ୍ରିଷ୍ଣାଘାଟି ଅଞ୍ଚଳରେ ପାକିସ୍ତାନ ଆର୍ମୀର ସହାୟତାରେ ଅନୁପ୍ରବେଶ ଉଦ୍ୟମ ହୋଇଥିଲା। ୪-୫ ଜଣ ପାକିସ୍ତାନୀ ଅନୁପ୍ରବେଶ ଉଦ୍ୟମ କରିଥିଲେ। ଅନୁପ୍ରବେଶ ଉଦ୍ୟମ ବେଳେ ପାକ୍ ସେନା ଗୁଳି ବର୍ଷା କରିଥିଲା। ଅନୁପ୍ରବେଶକାରୀ ମଧ୍ୟ ଗୁଳିମାଡ଼ କରିଥିଲେ। ଏହାର ଜବାବ ଦେଇଥିଲା ଭାରତୀୟ ସେନା। ଭାରତୀୟ ସେନାର ଗୁଳିମାଡ଼ରେ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହେବା ସହ ଅନୁପ୍ରବେଶକାରୀଙ୍କ ମୃତ୍ୟୁ ଘଟିଛି। ଭାରତ ପଟୁ କୌଣସି କ୍ଷତି ହୋଇ ନଥିବା ସୂଚନା ମିଳିଛି। ଆତଙ୍କବାଦୀଙ୍କୁ ଅନୁପ୍ରବେଶ ଉଦ୍ୟମ କରାଇ ଏଲ୍‌ଓସିରେ ସିଜ୍ ଫାୟାର ଉଲଂଘନ କରିଛି ପାକିସ୍ତାନ ସେନା। ଦୁଇ ପକ୍ଷ ମଧ୍ୟରେ ବହୁ ସମୟ ଧରି ଗୁଳି ବିନିମୟ ହୋଇଥିଲା । ମଙ୍ଗଳବାର ଦିନ ପାକିସ୍ତାନୀ ସୈନିକ ଏବଂ ଅନୁପ୍ରବେଶକାରୀମାନେ ଗୁଳି ବିନିମୟ କରିଥିଲେ । ଯାହାର ଜବାବ ଭାରତୀୟ ସେନା ଦେଇଥିଲା। ପାକିସ୍ତାନୀ ପକ୍ଷର ବହୁତ କ୍ଷୟକ୍ଷତି ହୋଇଛି ବୋଲି ଜଣା ପଡିଛି । ଏହା ପ୍ରଥମ ଥର ଯେ ପାକିସ୍ତାନ ଦ୍ୱାରା ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇଥିବା ସେନା ନିଶ୍ଚିତ କରିଛି । ଚଳିତବର୍ଷ ଫେବ୍ରୁଆରି ମାସରେ କୃଷ୍ଣା ଘାଟି ସେକ୍ଟରରେ ସମାନ ଗୁଳି ଚାଳନା ଘଟଣା ରିପୋର୍ଟ ହୋଇଥିଲା ।

## ୧୫୬ କୋଟିର ସମ୍ପତ୍ତି ଜବତ କଲା ଇଡ଼ି

**ନୂଆଦିଲ୍ଲୀ,୨।୪:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ୩୧ ମାର୍ଚ୍ଚ, ୨୦୨୫ରେ ମନି ଲଣ୍ଡରିଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଲକ୍ଷ୍ମୀ ପ୍ରିସିସନ ସ୍କ୍ରୁସ ପ୍ରାଇଭେଟ ଲିମିଟେଡର ୧୨ଟି ସ୍ଥାବର ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିଗୁଡ଼ିକର ମୋଟମୂଲ୍ୟ ୧୫୬.୩୩କୋଟିଟଙ୍କା ବୋଲି କୁହାଯାଉଛି। କାନାରା ବ୍ୟାଙ୍କ ଏବଂ ଏସ୍‌ବିଆଇରୁ କମ୍ପାନୀ ଦ୍ୱାରା ନିଆଯାଇଥିବା ୧୭୬.୭୦କୋଟି ଟଙ୍କାର ଋଣ ଖିଲାପ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଇଡି ଦ୍ୱାରା ଆଟାଚ କରାଯାଇଥିବା ସମ୍ପତ୍ତି ମଧ୍ୟରେ ଦିଲ୍ଲୀ, ମୁମ୍ବାଇ, ଗୁରୁଗ୍ରାମ ଏବଂ ରୋହତକରେ ଥିବା ୧୨ଟି ସ୍ଥାବର ସମ୍ପତ୍ତି ଅନ୍ତର୍ଭୁକ୍ତ। ଏଥିରେ ୭ଟି ବାଣିଜ୍ୟିକ ଜମି, ୪ ଏକର କୃଷି ଜମି ଏବଂ ୪ଟି ବାଣିଜ୍ୟିକ ଫ୍ଲାଟ-କମ-ଅଫିସ ଅନ୍ତର୍ଭୁକ୍ତ। ସିବିଆଇ ଦ୍ୱାରା ପଞ୍ଜିକୃତ ଏଫଆଇଆର ଆଧାରରେ ଇଡି ଏହି ତଦନ୍ତ ଆରମ୍ଭ କରିଥିଲା।

## ଭାରତ ପାଇଁ ବିପର୍ଯ୍ୟୟ ଆଣିବ ହିମାଳୟ ଭୂମିକମ୍ପ



**ନୂଆଦିଲ୍ଲୀ,୨।୪:** ଭାରତ ପାଇଁ ବିପର୍ଯ୍ୟୟ ଆଣିବ ହିମାଳୟ ଭୂମିକମ୍ପ । ଏନେଇ ସତର୍କ କରାଇଛନ୍ତି ଭୂବିଜ୍ଞାନୀ । ମିଆଁମାରରେ ଭୟାବହ ଭୂକମ୍ପ ସାରା ବିଶ୍ୱକୁ ଚକିତ କରିଦେଇଛି । ଭାରତର ଅନେକ ରାଜ୍ୟ ଭୂକଂପ ଜୋନରେ ଆସୁଥିବାରୁ ଏହାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ଯଦି ମିଆଁମାର ଭଳି ଛୋଟ ଓ କମ ଜନସଂଖ୍ୟା ରାଷ୍ଟ୍ରରେ ଏଭଳି ସ୍ଥିତି ଉପଜୁଛି ଭାରତରେ ସ୍ଥିତି କଣ ହେବ ବୋଲି ପ୍ରଶ୍ନ ଉଠିଛି । ସେହିଭଳି ଗତ ୨୮ ଦିନ ଭିତରେ ୧୪ ଥର ଭୂମିକମ୍ପ ହୋଇଛି ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୪ ରୁ ଅଧିକ ଥିଲା । ଦେଶର ଭୂତତ୍ତ୍ୱବିତମାନେ ଜାନୁଆରୀ ମାସରେ ହିଁ ଆଶଙ୍କା ପ୍ରକାଶ କରିଥିଲେ ଯେ ଆଗାମୀ ଦିନରେ ଏପରି ଭୂମିକମ୍ପର ଆଶଙ୍କା ବୃଦ୍ଧି ପାଇବ । ଯେତେବେଳେ ଉତ୍ତରକାଶୀରେ ୭ ଦିନରେ ୯ଥର ଭୂମିକମ୍ପ ରେକର୍ଡ କରାଯାଇଥିଲା । ଦେଶର ଉତ୍ତର ଭାଗ ଏବଂ ହିମାଳୟରେ ଅନୁଭୂତ ହେଉଥିବା ନିରନ୍ତର ଭୂମିକମ୍ପ କମ୍ପନ ମଧ୍ୟରେ କ'ଣ ସମ୍ପର୍କ ଅଛି? ହିମାଳୟରେ କିଛି ରହସ୍ୟମୟ ଭୂତାତ୍ତ୍ୱିକ କାର୍ଯ୍ୟକଳାପ ଘଟୁଛି କି... ? ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଭାରତରେ ବଡ଼ ଧରଣର ଭୂକଂପ ଆଶଙ୍କା ରହିଛି ।

ପୃଥିବୀର ସବୁଠାରୁ ଅଧିକ ଭୂକମ୍ପ ପ୍ରବଣ ଅଞ୍ଚଳଗୁଡ଼ିକ ମଧ୍ୟରୁ ଭାରତ ଅନ୍ୟତମ । ଭାରତୀୟ ଓ ୟୁରୋଏସିଆନ ପ୍ଲେଟ ମଧ୍ୟରେ ଧକ୍କା ହେଉଛି । ଏଥିଯୋଗୁ ହିମାଳୟ ପର୍ବତ ତଳେ ପ୍ରବଳ ଚାପ ସୃଷ୍ଟି ହେଉଛି । ଯାହାକୁ ନେଇ ହିମାଳୟରେ ଆଗାମୀ ଦିନରେ ବଡ଼ ଧରଣର ଭୂକଂପର ଆଶଙ୍କା ରହିଛି। ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୮ରୁ ଅଧିକ ରହିପାରେ । ଆଉ ଏହି ତୀବ୍ରତର ଭୂକଂପ ଭାରତ ପାଇଁ ବିପର୍ଯ୍ୟୟର କାରଣ ହେବ । ଭାରତର ପ୍ରାୟ ୫୯ ପ୍ରତିଶତ ଅଞ୍ଚଳରେ ଭୂକମ୍ପ ବିପଦ ରହିଛି। ହିମାଚଳ ପ୍ରଦେଶ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ଅଧିକ ବିପଦ ଆଶଙ୍କା ରହିଛି । ସେହିପରି ଦିଲ୍ଲୀ, ମୁମ୍ବାଇ ଓ କୋଲକାତା ବିପଦପୂର୍ଣ୍ଣ ଜୋନରେ ଅଛନ୍ତି । ଅତୀତରେ ଭାରତରେ ଏକାଧିକ ଭୂକଂପ ହୋଇଛି । ଯେମିତିକି ୧୯୦୫ରେ କାଙ୍ଗ୍ରା ଭୂକମ୍ପ, ୧୯୩୪ରେ ବିହାର ଭୂକଂପ, ୧୯୫୦ରେ ଆସାମ ଭୂକଂପ, ୨୦୦୧ରେ ଗୁଜୁରାଟରେ ବଡ଼ ଧରଣର ଭୂମିକମ୍ପ ହୋଇଥିଲା । ଭୂକଂପ ଆଶଙ୍କାକୁ ଦୃଷ୍ଟିରେ ରଖି ସୁରକ୍ଷିତ କୋଠା ନିର୍ମାଣ କରାଯାଉନାହିଁ।

## ବିଗିଡ଼ିଲା ଲାଲୁଙ୍କ ସ୍ୱାସ୍ଥ୍ୟାବସ୍ଥା, ଚିକିତ୍ସା ପାଇଁ ଦିଲ୍ଲୀ ଯିବେ



**ପାଟନା,୨।୪:** ବିହାରରୁ ଏକ ବଡ଼ ଖବର ଆସୁଛି। ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଛି। ରିପୋର୍ଟ ଅନୁଯାୟୀ, ରକ୍ତରେ ଶର୍କରା ବୃଦ୍ଧି ପାଇବା ଯୋଗୁଁ ତାଙ୍କ ଅବସ୍ଥା ଆହୁରି ଖରାପ ହୋଇଛି। ପାଟନାର ଡାକ୍ତରମାନେ ପରାମର୍ଶ ଦେଇଛନ୍ତି ଯେ ତାଙ୍କୁ ଚିକିତ୍ସା ପାଇଁ ଦିଲ୍ଲୀ ପଠାଇବାକୁ ପଡିବ, ଏପରି ପରିସ୍ଥିତିରେ ତାଙ୍କୁ ଯେକୌଣସି ସମୟରେ ଦିଲ୍ଲୀ ନିଆଯାଇପାରେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଲାଲୁ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ସେ ଅପରାହ୍ନ ୪ଟା ସୁଦ୍ଧା ଦିଲ୍ଲୀ ଯିବେ। ତାଙ୍କୁ ରାବ୍ରିଙ୍କ ବାସଭବନରେ ହିଁ ଚିକିତ୍ସା କରାଯାଉଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବା ଦେଖି ଡାକ୍ତରମାନେ ତାଙ୍କୁ ଦିଲ୍ଲୀ ନେବାକୁ ପରାମର୍ଶ ଦେଇଛନ୍ତି। ଲାଲୁ ପ୍ରସାଦ ଯାଦବ ଗତ ଦୁଇ-ତିନି ଦିନ ଧରି ଅସୁସ୍ଥ ଥିବା ସୂଚନା ମଧ୍ୟ ଆସୁଛି। ସେ ଗତ ଦୁଇ ଦିନ ଧରି ରକ୍ତରେ ଶର୍କରା ବୃଦ୍ଧି ସମସ୍ୟାରେ ପୀଡିତ ଥିଲେ। ବୁଧବାର ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯାଇଥିଲା, ଏହା ପରେ ପାଟନାର ରାବ୍ରି ବାସଭବନରେ ଡାକ୍ତରଙ୍କ ଏକ ଦଳ ତାଙ୍କ ଉପରେ ନଜର ରଖିଛନ୍ତି।

## ବାଇକ୍ ଟ୍ୟାକ୍ସି ସେବା ବନ୍ଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ




**ବେଙ୍ଗାଲୁରୁ,୨।୪:** କର୍ଣ୍ଣାଟକ ହାଇକୋର୍ଟ ବୁଧବାର ରାପିଡୋ ବାଇକ୍ ଟ୍ୟାକ୍ସି ସମେତ ଅନ୍ୟ ସମସ୍ତ ବାଇକ୍ ଟ୍ୟାକ୍ସି ଆଗ୍ରେଗେଟରମାନଙ୍କୁ ଛଅ ସପ୍ତାହ ମଧ୍ୟରେ ରାଜ୍ୟରେ ସେମାନଙ୍କର କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ବି ଶ୍ୟାମ ପ୍ରସାଦ ରାପିଡୋର ମୂଳ କମ୍ପାନୀ ରୋପିନ୍ ପରିବହନ ସେବା ପ୍ରାଇଭେଟ୍ ଲିମିଟେଡ୍ ଏବଂ ଉବର ଏବଂ ଓଲା (ଏଏନଆଇ ଟେକ୍ନୋଲୋଜି) ଭଳି ଅନ୍ୟାନ୍ୟ ଟ୍ୟାକ୍ସି ଆଗ୍ରେଗେଟରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀମାନେ ପରିବହନ ଯାନ ଭାବରେ ଏପରି ଯାନଗୁଡ଼ିକର ପଞ୍ଜିକରଣ ଅନୁମତି ଦେଇ ବାଇକ୍ ଟ୍ୟାକ୍ସିଗୁଡ଼ିକୁ ଆଇନଗତ ଭାବରେ ମାନ୍ୟତା ଦେବା ପାଇଁ ନିର୍ଦ୍ଦେଶ ମାଗିଥିଲେ। ଅନ୍ୟାନ୍ୟ ଆବେଦନ ମଧ୍ୟରେ, କୋର୍ଟଙ୍କୁ ବାଇକ୍ ଟ୍ୟାକ୍ସି ପାଇଁ ଏକ ଆଇନଗତ ଢାଞ୍ଚା କାର୍ଯ୍ୟକାରୀ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଥିଲେ। ପୂର୍ବରୁ ବାଇକ୍ ଟ୍ୟାକ୍ସି ସେବା ପ୍ରଦାନ କରୁଥିବା ରାପିଡୋ ଅତିରିକ୍ତ ଭାବରେ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ବ୍ୟବସାୟରେ ହସ୍ତକ୍ଷେପ କରିବାରୁ ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶ ମାଗିଥିଲା। ଏପ୍ରିଲ ୨୦୨୨ରେ, ଜଷ୍ଟିସ ଜ୍ୟୋତି ମିଲିମଣିଙ୍କୁ ନେଇ ଗଠିତ ଅନ୍ୟ ଏକ ଖଣ୍ଡପୀଠ ଆବେଦନକାରୀଙ୍କ ବିରୁଦ୍ଧରେ କୌଣସି ଜବରଦସ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ କର୍ତ୍ତୃପକ୍ଷଙ୍କୁ ନିଷେଧ କରି ଆବେଦନକାରୀଙ୍କୁ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଏହି ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଆଜି ପର୍ଯ୍ୟନ୍ତ ଜାରି ରହିଥିଲା, ଯାହା ରାପିଡୋ ଟ୍ୟାକ୍ସିଗୁଡ଼ିକୁ ଏହାର କାର୍ଯ୍ୟ ଜାରି ରଖିବାରେ ସକ୍ଷମ କରିଥିଲା।

ଜଷ୍ଟିସ ପ୍ରସାଦ ପ୍ରଥମେ ୨୦୨୩ ମସିହାରେ ଏହି ମାମଲାର ଶୁଣାଣି କରିଥିଲେ। ଆଜି, ସେ ଆବେଦନକାରୀଙ୍କ ଦ୍ୱାରା ଦାବି କରାଯାଇଥିବା ନିୟମାବଳୀ ଗଠନ କରିବାକୁ କୋର୍ଟ ରାଜ୍ୟକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ କିମ୍ବା ରାଜ୍ୟକୁ ପରିବହନ ନ ଥିବା ଯାନଗୁଡ଼ିକୁ ପରିବହନ ଯାନ ଭାବରେ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଦର୍ଶାଇ ଆବେଦନଗୁଡ଼ିକୁ ଖାରଜ କରିଦେଇଥିଲେ। କୋର୍ଟ ଆହୁରି କହିଛନ୍ତି ଯେ, ବାଇକ ଟ୍ୟାକ୍ସି ଏଗ୍ରିଗେଟରମାନେ ଛଅ ସପ୍ତାହ ମଧ୍ୟରେ ସମସ୍ତ କାର୍ଯ୍ୟ ବନ୍ଦ କରିବା ଉଚିତ।

# ଜେଲ୍‌ରେ ରାମାୟଣ ପଢୁଛନ୍ତି ମୁସ୍କାନ



୧୪ ଦିନ ପରେ ପ୍ରେମିକ ସାହିଲ ସହ ହେଲା ଦେଖା

**ନୂଆଦିଲ୍ଲୀ,୨।୪:** ଉତ୍ତର ପ୍ରଦେଶର ମିରଟରେ ସ୍ୱାମୀ ସୌରଭ ରାଜପୁତଙ୍କୁ ନିର୍ମମ ଭାବରେ ହତ୍ୟା କରିଥିବା ପତ୍ନୀ ମୁସ୍କାନ ଜେଲରେ ରାମାୟଣ ପଢୁଛି। ୧୪ ଦିନ ଧରି ଜେଲରେ ଥିବା ମୁସ୍କାନ ସବୁବେଳେ ଅସ୍ଥିର ରହୁଛି । ରାମାୟଣ ପଢି ସେ ନିଜ ଅସ୍ଥିରତାକୁ ଦୂର କରିବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି। ବୁଧବାର ତାକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର କରାଯାଇଥିଲା। ତା ସହିତ ପ୍ରେମିକ ସାହିଲ ମଧ୍ୟ କୋର୍ଟରେ ହାଜର ହୋଇଥିଲା। ଏହି ସମୟରେ, ଉଭୟ ପ୍ରାୟ ଅଢ଼େଇ ମିନିଟ୍ ପର୍ଯ୍ୟନ୍ତ ପରସ୍ପର ସାମ୍ନାରେ ରହିଥିଲେ। ଦୁହିଁଙ୍କ ମଧ୍ୟରେ କୌଣସି କଥାବାର୍ତ୍ତା ହୋଇନଥିଲା, କିନ୍ତୁ ଦୁହେଁ ଦୁହିଁଙ୍କୁ ଚାହିଁ ରହିଥିଲେ। ଶୁଣାଣି ସମୟରେ କୋର୍ଟ ଉଭୟଙ୍କୁ ୧୪ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଇ ଦେଇଛନ୍ତି। ଏହା ପରେ ମୁସ୍କାନକୁ ମହିଳା ବାରାକକୁ ଏବଂ ସାହିଲକୁ ପୁରୁଷ ବାରାକକୁ ପଠାଯାଇଛି। ଏବେ ସେମାନଙ୍କୁ ୧୫ ଏପ୍ରିଲରେ ପୁଣି ଥରେ କୋର୍ଟରେ ହାଜର କରାଯିବ। ସୂଚନାଯୋଗ୍ୟ, ମିରଟର ସାଂସଦ ଏବଂ ରାମାୟଣ ଧାରାବାହିକରେ ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ଅରୁଣ ଗୋଭିଲ ମିରଟ ଜେଲକୁ ଆସିଥିଲେ। ଏହି ସମୟରେ ସେ ସମସ୍ତ କଏଦୀଙ୍କୁ ଶ୍ରୀ ରାମ ଚରିତ ମାନସର ପ୍ରତିଲିପି ପ୍ରଦାନ କରିଥିଲେ। ଜେଲ୍ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ସେହି ଦିନଠାରୁ ମୁସ୍କାନ ବାରାକରେ ବସି ସବୁବେଳେ ରାମାୟଣ ପଢୁଛି। ସେପଟେ ଗିରଫ ହେବା ପୂର୍ବରୁ ସାହିଲର ଦୁଇ ଫୁଟ ଲମ୍ବା କେଶ ଥିଲା। ସେ ଖୋସା କରିଥିଲା । କିନ୍ତୁ ବୁଧବାର ସେ କୋର୍ଟରେ ହାଜର ହେବା ସମୟରେ ତାର କେଶ ଛୋଟ ଦେଖାଯାଉଥିଲା। ମୁସ୍କାନ ତାର ନୂଆ ଲୁକ୍ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଜେଲ୍ ଅଧିକାରୀଙ୍କ ଅନୁଯାୟୀ, ଦୁହେଁ ପରସ୍ପର ସହିତ କଥା ହୋଇନଥିଲେ କିନ୍ତୁ ଭିଡିଓ କନଫରେନ୍ସିଂ ସମୟରେ ବିଚାରପତିଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇଥିଲେ। ହାଜର ସମୟରେ ଜେଲ୍ ଅଧୀକ୍ଷକ ବୀରେଶ ରାଜ ଶର୍ମା ଏବଂ ସୁରକ୍ଷା ଅଧିକାରୀ କୋଠରୀରେ ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତୀତ, ମୁସ୍କାନଙ୍କ ପାଇଁ ନିଯୁକ୍ତ ସରକାରୀ ଓକିଲ ରେଖା ଜୈନଙ୍କ ସମେତ ଅନ୍ୟ ଓକିଲମାନେ ମଧ୍ୟ ଅନଲାଇନରେ ଉପସ୍ଥିତ ଥିଲେ।

## ପାକିସ୍ତାନରେ ପୁଣି ମହଙ୍ଗା ମାଡ଼

**ଇସଲାମାବାଦ,୨।୪:** ପାକିସ୍ତାନରେ ମୁଦ୍ରାସ୍ଫୀତିକୁ ନେଇ ପୁଣିଥରେ ଉତ୍ତେଜନା ପ୍ରକାଶ ପାଇଛି। ଦୋକାନୀ ଏବଂ କ୍ରେତା ଉଭୟ ମୁଦ୍ରାସ୍ଫୀତି ଯୋଗୁଁ କଷ୍ଟ ପାଉଛନ୍ତି। ରମଜାନ ସରିଗଲା କିନ୍ତୁ ସାମଗ୍ରୀର ମୂଲ୍ୟରେ କୌଣସି ହ୍ରାସ ହୋଇନାହିଁ। ବୋନ ଲେସ୍ ଚିକେନ ୧୨୦୦ ଟଙ୍କାକୁ ବୃଦ୍ଧି ପାଇଛି। ଟମାଟୋର ମୂଲ୍ୟ ୬୦ ଟଙ୍କାରୁ ୧୮୦ ଟଙ୍କାକୁ ବୃଦ୍ଧି ପାଇଛି। ସରକାରୀ ଦର ବଦଳରେ ଚିନି କିଲୋ ପିଛା ୧୮୦ ଟଙ୍କାରେ ବିକ୍ରି ହେଉଛି, ଯାହା ୧୭୦ ଟଙ୍କାରୁ ବୃଦ୍ଧି ପାଇଛି। ଜୀବନ୍ତ କୁକୁଡ଼ା ୪୯୦ ଟଙ୍କାରେ, ପିଆଜ କିଲୋ ପିଛା ୬୦ ଟଙ୍କାରେ ବିକ୍ରି ହେଉଛି, ଯାହା ୪୦ ଟଙ୍କାରୁ ବୃଦ୍ଧି ପାଇଛି, ଯେତେବେଳେ ଲଙ୍କା ଆଚାର କିଲୋ ପିଛା ୨୦୦ ଟଙ୍କାରେ ବିକ୍ରି ହେଉଛି, ଯାହା ୧୧୦ ଟଙ୍କାରୁ ବୃଦ୍ଧି ପାଇଛି। ଲେମ୍ବୁ ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି। ଏହା ସହିତ, ଫଳର ମୂଲ୍ୟରେ କୌଣସି ହ୍ରାସ ହୋଇନାହିଁ; ସେଓ କିଲୋ ପିଛା ୪୦୦ ଟଙ୍କା ଏବଂ କଦଳୀ ଡଜନ ପିଛା ୨୦୦ ଟଙ୍କାରେ ବିକ୍ରି ହେଉଛି। ରମଜାନ ଆରମ୍ଭ ହେବା ମାତ୍ରେ କରାଚୀରେ ବ୍ରଏଲର ଚିକେନର ମୂଲ୍ୟ କିଲୋଗ୍ରାମ ପିଛା ୧୨୦ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି ପାଇଲା। ଏହା ସହିତ, ବ୍ରଏଲର୍ ଚିକେନର ମୂଲ୍ୟ ପ୍ରତି କିଲୋଗ୍ରାମ ୭୨୦ ରୁ ୮୦୦ ପାକିସ୍ତାନୀ ଟଙ୍କାକୁ ବୃଦ୍ଧି ପାଇଛି।

# ୨୦୨୭ ବିଶ୍ୱକପ ଖେଳିବେ କିଙ୍ଗ୍ କୋହଲି

**ବେଙ୍ଗାଲୁରୁ, ୨।୪:** ଆଉ ଏକ ବିଶ୍ୱକପ ଜିତିବ ଭାରତ। ପଡ଼ିଆରେ କମାଲ କରିବେ କଙ୍ଗ୍ କୋହଲି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ଭାବେ ଗଣା ହେଉଥିବା ବିରାଟ କୋହଲି ଆଗାମୀ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବାକୁ ଲକ୍ଷ୍ୟ ରଖିଥିବା ସଂକେତ ଦେଇଛନ୍ତି। ବର୍ତ୍ତମାନ ତାଙ୍କ ବୟସ ୩୬ ବର୍ଷ। ୨୦୨୭ ବିଶ୍ୱକପ ଜିତିବାକୁ ଚାହାଁନ୍ତି ବୋଲି କହିଛନ୍ତି।

କୋହଲି ଏକ ସାକ୍ଷାତକାର ଅବସରରେ କହିଛନ୍ତି ଯେ, ପରବର୍ତ୍ତୀ ବିଶ୍ୱକପ୍ ଜିତିବାକୁ ଆଶା ରଖିଛି। ଆସନ୍ତା ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ରହିଛି। କୋହଲି ଟି-ଟ୍ୱେଣ୍ଟି ଫର୍ମାଟ୍‌ରୁ ଅବସର ନେଇ ସାରିଛନ୍ତି। ତେଣୁ ତାଙ୍କ ଲକ୍ଷ୍ୟ କେବଳ ୨୦୨୭ ଦିନିକିଆ ବିଶ୍ୱକପ୍ ଉପରେ। କୋହଲି ପୂର୍ବରୁ ୨୦୧୧ ଦିନିକିଆ ବିଶ୍ୱକପ୍ ଦଳର ସଦସ୍ୟ ରହିସାରିଛନ୍ତି। ୨୦୨୩ରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହେବାର ସୁଯୋଗ ରହିଥିଲା। ମାତ୍ର ଫାଇନାଲ୍‌ରେ ଅଷ୍ଟ୍ରେଲିଆ ଠାରୁ ପରାଜିତ ହେବା ସହ ଭାରତର ଆଶା ମଉଳି ଯାଇଥିଲା। କୋହଲି ଉକ୍ତ ବିଶ୍ୱକପ୍‌ରେ ମୋଟ୍ ୭୬୫ ରନ ସଂଗ୍ରହ କରିଥିଲେ। ଅବଶ୍ୟ ଏହାପରେ ଭାରତୀୟ ଦଳ ୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଓ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତି ସାରିଛି। ସୂଚନାଯୋଗ୍ୟ, ଦକ୍ଷିଣ ଆଫ୍ରିକାରେ ପରବର୍ତ୍ତୀ ୨୦୨୭ ଦିନିକିଆ ବିଶ୍ୱକପ୍ ଅନୁଷ୍ଠିତ ହେବ।



## ଫିଟ ହେବା ପରେ ବି ଖେଳିବେନି ବୁମରା



**ନୂଆଦିଲ୍ଲୀ,୨।୪:** ଜସପ୍ରିତ ବୁମରା ଆଘାତ ଯୋଗୁଁ ପଡ଼ିଆ ବାହାରେ ଅଛନ୍ତି। ସେ ଚଳିତ ବର୍ଷ ଜାନୁଆରୀରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ଭାରତର ଅଷ୍ଟ୍ରେଲିଆ ଗସ୍ତ ପରେ ବୁମରା ଏପର୍ଯ୍ୟନ୍ତ ପଡ଼ିଆକୁ ଫେରିପାରିନାହାଁନ୍ତି। ଏହି ସମୟରେ ଆଉ ଏକ ଖବର ମିଳିଛି। ଏକ ରିପୋର୍ଟ ଅନୁଯାୟୀ, ବୁମରା ଫିଟ ହୋଇଯାଇଛନ୍ତି। କିନ୍ତୁ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି, ସେ ଆଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବେ ନାହିଁ।

ବୁମରାଙ୍କ ପ୍ରତ୍ୟାବର୍ତ୍ତନ ଉପରେ ଏବେ ବି ସନ୍ଦେହ ରହିଛି। ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ବୁମରାଙ୍କୁ ତାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ଆହୁରି ଅପେକ୍ଷା କରିବାକୁ ପଡିବ। ସେ ବିସିସିଆଇ ସେଣ୍ଟର ଅଫ ଏକ୍ସଲେନ୍ସରେ ଅଛନ୍ତି ଏବଂ ତାଙ୍କ ଫିଟନେସ ଉପରେ କାମ କରୁଛନ୍ତି। ବୁମରା କ୍ଲିନିକାଲ ଫିଟ ଅଛନ୍ତି। କିନ୍ତୁ ଓ୍ୱାର୍କଲୋଡ ମ୍ୟାନେଜମେଣ୍ଟକୁ ମନେ ରଖି, ସେ ଏବେ ପଡ଼ିଆକୁ ଓହ୍ଲାଇ ପାରିବେ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ସିଡନୀ ଟେଷ୍ଟ ସମୟରେ ବୁମରାଙ୍କ ପିଠି ସମସ୍ୟା ହୋଇଥିଲା। ତାଙ୍କର ପିଠିର ତଳ ଭାଗରେ ଯନ୍ତ୍ରଣା ହେଉଥିଲା। ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ ୨୨ମାର୍ଚ୍ଚରେ ଖେଳାଯାଇଥିଲା। ମୁମ୍ବାଇ ତା'ର ପ୍ରଥମ ମ୍ୟାଚ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିଥିଲା। ଏହି ମ୍ୟାଚରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ବୁମରାଙ୍କ ବିଷୟରେ କହିବାକୁ ଗଲେ, ସେ ଏପର୍ଯ୍ୟନ୍ତ ଆଇପିଏଲରେ ଖେଳିପାରିନାହାଁନ୍ତି। ରିପୋର୍ଟ ଅନୁସାରେ, ବିସିସିଆଇର ଡାକ୍ତରୀ ଦଳ ବୁମରାଙ୍କୁ ଅଧିକ ସମୟ ଦେବାକୁ ଚାହୁଁଛି। ସେମାନେ ତାଙ୍କର ପୁଣି ଆହତ ହେବାର ଆଶଙ୍କାକୁ କମ କରିବାକୁ ଚାହୁଁଛନ୍ତି। ତେଣୁ ଏବେ ସେ ଫେରିବା ସମ୍ଭବ ନୁହେଁ।

## ଆଇପିଏଲ୍ ମଝିରୁ ଅଧିନାୟକ ବଦଳାଇବ ରାଜସ୍ଥାନ ରୟାଲ୍ସ



**ନୂଆଦିଲ୍ଲୀ, ୨।୪:** ଆଇପିଏଲ୍‌ର ୨୦୨୫ରେ ପ୍ରଥମ ଦୁଇଟି ମ୍ୟାଚ୍ ହାରିବା ପରେ ତୃତୀୟ ମ୍ୟାଚ୍‌ରେ ବିଜୟୀ ହୋଇଛି ରାଜସ୍ଥାନ ରୟାଲ୍ସ।କାର୍ଯ୍ୟକାରୀ ଅଧିନାୟକ ରିୟାନ ପରାଗଙ୍କ ନେତୃତ୍ୱରେ ଦଳ ବିଜୟୀ ହୋଇଛି। ହେଲେ ଏବେ ରାଜସ୍ଥାନ ଟିମ୍ ନିଜର ଅଧିନାୟକଙ୍କୁ ପରିବର୍ତ୍ତନ କରିବାକୁ ଯାଉଛି। ଦଳର ପ୍ରକୃତ ଅଧିନାୟକ ସଞ୍ଜୁ ସାମସନ ଫିଟ୍ ହୋଇଥିବା ନେଇ ବିସିସିଆଇ ଘୋଷଣା କରିଛି। ଫଳରେ ସଞ୍ଜୁ ସାମସନ୍ ୱିକେଟ କିପିଂ ଲାଗି ମଧ ପ୍ରସ୍ତୁତ ଥିବା କୁହାଯାଉଛି। ପରବର୍ତ୍ତୀ ମ୍ୟାଚ୍‌ରେ ଦଳର ଅଧିନାୟକ ହୋଇପାରନ୍ତି ସଞ୍ଜୁ ସାମସନ୍। କ୍ରିକବଜର ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ର ଡାକ୍ତରୀ ଦଳ ସଞ୍ଜୁ ସାମସନଙ୍କୁ ସମ୍ପୂର୍ଣ୍ଣ ଫିଟ୍ ଘୋଷଣା କରିଛି। ରାଜସ୍ଥାନ ରୟାଲ୍ସର ତୃତୀୟ ମ୍ୟାଚ୍ ପରେ ସାମସନ୍ ତାଙ୍କ ଫିଟନେସ୍ ସ୍ଥିତି ଯାଞ୍ଚ କରିବା ପାଇଁ ବେଙ୍ଗାଲୁରୁସ୍ଥିତ ସିଓଇରେ ପହଞ୍ଚିଥିଲେ। ତାଙ୍କୁ ଭଲ ଭାବରେ ପରୀକ୍ଷା କରିବା ପରେ, କେନ୍ଦ୍ରର ଡାକ୍ତରୀ ଦଳ ତାଙ୍କୁ ୱିକେଟକିପିଂ କରିବାକୁ ମଧ ଅନୁମତି ଦେଇଛନ୍ତି। ଏହା ପୂର୍ବରୁ ସଞ୍ଜୁଙ୍କୁ କେବଳ ବ୍ୟାଟିଂ କରିବାକୁ ଅନୁମତି ଦିଆଯାଇଥିଲା।

ଜାନୁଆରୀରେ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍ ସମୟରେ ସଞ୍ଜୁ ସାମସନଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଯଦିଓ ତାଙ୍କୁ ଆଇପିଏଲ୍ ଆରମ୍ଭରେ ବ୍ୟାଟିଂ କରିବାକୁ ଅନୁମତି ଦିଆଯାଇଥିଲା, କିନ୍ତୁ ତାଙ୍କ ଆଙ୍ଗୁଠିର ଅବସ୍ଥା ଯୋଗୁଁ ସେଣ୍ଟର ଅଫ୍ ଏକ୍ସଲେନ୍ସର ଡାକ୍ତରୀ ଦଳ ତାଙ୍କୁ ୱିକେଟକିପିଂ କିମ୍ବା ଫିଲ୍ଡିଂ କରିବାକୁ ବାରଣ କରିଥିଲେ। ଏପରି ପରିସ୍ଥିତିରେ, ରାଜସ୍ଥାନ ରୟାଲ୍ସ ଏହି ସିଜିନର ପ୍ରଥମ ୩ଟି ମ୍ୟାଚ୍‌ରେ ସାମସନଙ୍କୁ କେବଳ ପ୍ରଭାବଶାଳୀ ଖେଳାଳି ବା ଇମ୍ପାକ୍ଟ ପ୍ଲେୟାର ଭାବରେ ଖେଳାଉଥିଲା। ସାମସନ୍ କେବଳ ବ୍ୟାଟିଂ କରୁଥିଲେ। ସଞ୍ଜୁ ସାମସନଙ୍କ ସ୍ଥାନରେ ରିୟାନ ପରାଗ ଦଳର ନେତୃତ୍ୱ ନେଉଥିଲେ। ରିୟାନ ପରାଗଙ୍କ ନେତୃତ୍ୱରେ ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ରାଜସ୍ଥାନକୁ ବିଜୟ ମିଳିଥିଲା। ଚେନ୍ନାଇ ସୁପର କିଙ୍ଗସ୍‌କୁ ହରାଇ ଚଳିତ ଆଇପିଏଲ୍ ସିଜିନ୍‌ର ପ୍ରଥମ ବିଜୟ ହାସଲ କରିଥିଲା ରାଜସ୍ଥାନ ରୟାଲ୍ସ।ସେପଟେ ସାମସନ ଏବେ ସଂପୂର୍ଣ୍ଣ ସୁସ୍ଥ ହୋଇଥିବାରୁ ସେ ହିଁ ଦଳର ନେତୃତ୍ୱ ନେବେ। ସାମସନ ଦଳର ଅଧିନାୟକ ହେବା ପରେ ଆରଆରକୁ ଆହୁରି ସଫଳତା ମିଳିପାରେ ବୋଲି କୁହାଯାଉଛି।

## ଆଇପିଏଲ-୧୮: ଦଳ ବଦଳାଇବାକୁ ଅନୁମତି ମାଗିଲେ ଯଶସ୍ୱୀ ଜୟସୱାଲ



**ମୁମ୍ବାଇ, ୨।୪:** ୨୦୨୫ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ଯଶସ୍ୱୀ ଜୟସୱାଲ ଟୁର୍ଣ୍ଣାମେଣ୍ଟ ମଝିରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଘରୋଇ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ଦଳ ପାଇଁ ଖେଳିବାକୁ ଚାହୁଁନାହାଁନ୍ତି, ଏହି ପରିପ୍ରେକ୍ଷୀରେ ସେ ମୁମ୍ବାଇ କ୍ରିକେଟ ଆସୋସିଏସନରୁ ଏକ ଅବଜେକ୍ସନ ପ୍ରମାଣପତ୍ର (ଏନଓସି) ମାଗିଛନ୍ତି। ରିପୋର୍ଟ ଅନୁଯାୟୀ, ଜୟସୱାଲ ମଙ୍ଗଳବାର ଦିନ ଏମସିଏକୁ ଏକ ଇମେଲ୍ ଲେଖି ପରବର୍ତ୍ତୀ ସିଜିନ୍ ପାଇଁ ମୁମ୍ବାଇରୁ ଗୋଆକୁ ତାଙ୍କ କ୍ରିକେଟ୍ ରାଜ୍ୟ ଦଳକୁ ପରିବର୍ତ୍ତନ କରିବା ପାଇଁ ଏନଓସି ମାଗିଥିଲେ। " ଏନେଇ ଏମସିଏ ପକ୍ଷରୁ କୁହାଯାଇଛି ଯେ ସେ (ଯଶସ୍ୱୀ ଜୟସ୍ୱାଲ) ଆମକୁ ଏକ ନୋ-ଅବଜେକ୍ସନ ସାର୍ଟିଫିକେଟ୍ ମାଗିଛନ୍ତି। ସେ ଗୋଆ ଯିବା ପାଇଁ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ସେହି ରିପୋର୍ଟରେ ଏହା ମଧ କୁହାଯାଇଛି ଯେ ଯେତେବେଳେ ଯଶସ୍ୱୀ ଜୟସୱାଲଙ୍କ ନିକଟତର ଲୋକଙ୍କୁ ଏ ବିଷୟରେ ପଚରାଯାଇଥିଲା, ସେମାନେ ମଧ ତାଙ୍କର ଗୋଆ ଦଳକୁ ଯିବାକୁ ନିଶ୍ଚିତ କରିଥିଲେ ଏବଂ କହିଥିଲେ ଯେ ସେ ସେଠାକୁ ଯିବାକୁ ଚାହାଁନ୍ତି। ଗତ ବର୍ଷ, ବିସିସିଆଇ ସମସ୍ତ ଖେଳାଳିଙ୍କୁ ନିର୍ଦ୍ଦେଶ ଦେଇଥିଲା ଯେ ଯେଉଁମାନେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳୁ ନାହାଁନ୍ତି ସେମାନଙ୍କୁ ଘରୋଇ ମ୍ୟାଚ୍ ଖେଳିବାକୁ ପଡିବ। ଯଶସ୍ୱୀ ଜୟସୱାଲ ମଧ ମୁମ୍ବାଇ ଦଳ ପାଇଁ ଖେଳିଥିଲେ। ସେ ଜମ୍ମୁ ଏବଂ କାଶ୍ମୀର ବିପକ୍ଷରେ ଏକ ମ୍ୟାଚ୍ ଖେଳିଥିଲେ ଯେଉଁଥିରେ ସେ ପ୍ରଥମ ଏବଂ ଦ୍ୱିତୀୟ ଇନିଂସରେ ଯଥାକ୍ରମେ ୪ ଏବଂ ୨୬ ରନ୍ କରିଥିଲେ। ଯଶସ୍ୱୀ ଏକମାତ୍ର କ୍ରିକେଟର ନୁହଁନ୍ତି ଯିଏ ମୁମ୍ବାଇ ଦଳ ଛାଡି ଗୋଆ ପାଇଁ ଖେଳିବେ। ତାଙ୍କ ପୂର୍ବରୁ ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଏବଂ ସିଦ୍ଧେଶ ଲାଡ ମଧ ଗୋଆ ଦଳ ପାଇଁ ଖେଳିଛନ୍ତି। ତଥାପି, ଦୁହେଁ ଦଳ ଛାଡିବାର କାରଣ ଥିଲା କାରଣ ସେମାନଙ୍କୁ ଅଧିକ ସୁଯୋଗ ମିଳୁନଥିଲା ଯେତେବେଳେ ଜୟସୱାଲଙ୍କ କ୍ଷେତ୍ରରେ ଏହା ନୁହେଁ। ଯଶସ୍ୱୀ ଜୟସୱାଲ ୩୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୩୭୧୨ ରନ୍ କରିଛନ୍ତି, ଯେଉଁଥିରେ ତାଙ୍କର ସର୍ବାଧିକ ସ୍କୋର ୨୬୫। ଜୟସୱାଲ ପ୍ରଥମ ଶ୍ରେଣୀରେ ୧୩ ଶତକ ଏବଂ ୧୨ ଅର୍ଦ୍ଧଶତକ ହାସଲ କରିଛନ୍ତି।

## ମୁମ୍ବାଇ ଇଣ୍ଡିଆନ୍ସ ବସ୍‌ରେ ପାଣ୍ଡ୍ୟାଙ୍କ ପ୍ରେମିକା

**ନୂଆଦିଲ୍ଲୀ, ୨।୪:** ସର୍ବିୟା ଅଭିନେତ୍ରୀ ନତାଶା ଷ୍ଟାଙ୍କୋଭିକ୍‌ଙ୍କଠୁ ଅଲଗା ହେବା ପରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏବେ ଇଂଲଣ୍ଡର ଭାରତୀୟ ବଂଶୋଦ୍ଭବ ଗାୟିକା ଓ ଟିଭି ଷ୍ଟାର୍ ଯଶ୍ମିନ ୱାଲିଆଙ୍କ ସହ ସଂପର୍କ ଯୋଡ଼ିଥିବା ଚର୍ଚ୍ଚା ଜୋର୍ ଧରିଛି। ମୁମ୍ବାଇରେ ସୋମବାର କୋଲ୍‌କାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚ୍ ବିଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସର ଦଳୀୟ ବସ୍‌ରେ ଯଶ୍ମିନ ଚଢ଼ୁଥିବାର ଦେଖିବାକୁ ମିଳିଥିଲେ। ଫଳରେ ଏହି ଚର୍ଚ୍ଚାକୁ ନୂଆ ଖୋରାକ ଯୋଗାଇଥିଲା। ଏହି ମ୍ୟାଚ୍ ବେଳେ ମଧ ଯଶ୍ମିନ୍ ଷ୍ଟାଡିୟମ୍ ଷ୍ଟାଣ୍ଡରେ ରହି ହାର୍ଦ୍ଦିକଙ୍କୁ ଉତ୍ସାହିତ କରିଥିଲେ। ଏହାପୂର୍ବରୁ ଯଶ୍ମିନ ପ୍ରଥମ ଥର ଦୁବାଇରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ବେଳେ ଦେଖିବାକୁ ମିଳିଥିଲେ। ଷ୍ଟାଡିୟମ୍‌ରେ ଯଶ୍ମିନ ଏକ ଗାଢ଼ରଙ୍ଗ ସାର୍ଟ ସହ ଆଖିରେ ଚଷମା ପିନ୍ଧି ବସିଥିବାର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହା ପରେ ହାର୍ଦ୍ଦିକଙ୍କ ସହ ତାଙ୍କ ସମ୍ପର୍କ ନେଇ ଚର୍ଚ୍ଚା ବଢ଼ିଥିଲା। ଯଶ୍ମିନ ବ୍ରିଟିସ୍ ରିଏଲିଟି ସୋ' 'ଦ ଓନ୍‌ଲି ୱେ ଇଜ୍ ଏସେକ୍ସ' ଜରିଆରେ ପରିଚିତ ହୋଇଥିଲେ। ୨୦୧୭ର ହିଟ୍ ସଂଗୀତ ବମ୍ ଡିଗ୍‌ରେ ଜ୍ୟାକ୍ ନାଇଟ୍‌ଙ୍କ ସହ ଅଭିନୟ କରି ଭାରତରେ ପରିଚିତ ଚେହେରା ପାଲଟିଯାଇଥିଲେ। ବିଗ୍ ବସ୍ ୧୩ ଫାଇନାଲ୍‌ରେ ପହଞ୍ଚିଥିବା ଅସିମ ରିଆଜ୍‌ଙ୍କ ସହ ସେ 'ନାଇଟ୍‌ସ ଆଣ୍ଡ ଫାଇଟ୍‌ସ' ମ୍ୟୁଜିକ୍ ଆଲବମ୍‌ରେ ଦେଖିବାକୁ ମିଳିଥିଲେ। ସୂଚନାଯୋଗ୍ୟ ହାର୍ଦ୍ଦିକ ଓ ନତାଶା ଗତ ବର୍ଷ ଜୁଲାଇ ୨୦ରେ ଅଲଗା ହୋଇଥିଲେ।



# ଜାତୀୟ ପାରା ଫେନ୍‌ସିଂରେ ଓଡ଼ିଶାକୁ ୨୯ ପଦକ

**ରାଖାଲ, ଆଶା, ମାଳତୀ, ପୂଜାସ୍ୱିନୀ, ପବିତ୍ର, ଶୀଲା, ପ୍ରଫୁଲ୍ଲ, ରମେଶ ରାଓଙ୍କୁ ଏକାଧିକ ପଦକ**



**ଭୁବନେଶ୍ୱର, ୨।୪(ସଂଚାର ବ୍ୟୁରୋ):** ସ୍ଥାନୀୟ ନୀଳାଦ୍ରିବିହାରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ଆୟୋଜିତ ଜାତୀୟ ପାରା ଫେନ୍‌ସିଂ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୯ଟି ଲେଖାଏଁ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ୧୧ଟି ରୌପ୍ୟ ସହ ୨୯ ପଦକ ଜିତି ନେଇଛନ୍ତି। ମାର୍ଚ୍ଚ ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା ଖେଳାଳିମାନେ ହେଲେ ରାଖାଲ କୁମାର ସେଠୀ, ଆଶା ସିଂହ, ରୁଦ୍ର ନାରାୟଣ ବେହେରା, ମାଳତୀ ପନ୍ନୁରେ, ଓମ୍ ପ୍ରକାଶ ବେହେରା, ଓଡ଼ିଶା ପୁରୁଷ ଫଏଲ୍ ଦଳ (ଓମ୍ ପ୍ରକାଶ ବେହେରା, ଭି ରମେଶ ରାଓ, ରାଖାଲ କୁମାର ସେଠୀ, ପବିତ୍ର ସାହୁ) ଏବଂ ଓଡ଼ିଶା ମହିଳା ଫଏଲ୍ ଦଳ (ମାଳତୀ ପନ୍ନୁରେ, ଶୀଲା ମଣ୍ଡୀ, ପୂଜାସ୍ୱିନୀ ନାୟକ ଓ କରିମୁନ ନିଶା)। ଅନ୍ୟପକ୍ଷରେ ରୌପ୍ୟ ପଦକ ବିଜେତାଙ୍କ ମଧରେ ରହିଛନ୍ତି, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ଶୀଲା ମଣ୍ଡୀ, ମହିଳା ଇପି ଦଳ (ଶିଲା ମଣ୍ଡୀ, ପୂଜାସ୍ୱିନୀ ନାୟକ, ମାଳତି ପନ୍ନୁରେ, ମଧୁସ୍ମିତା ସାହୁ), ଭି ରମେଶ ରାଓ, ମାଳତି ପନ୍ନୁରେ, ଆଶା ସିଂହ, ପବିତ୍ର ସାହୁ, ଓମ୍ ପ୍ରକାଶ ବେହେରା, ପୁରୁଷ ଇପି ଦଳ (ଓମ୍ ପ୍ରକାଶ ନାୟକ, ଭି ରମେଶ ରାଓ, ରାଖାଲ କୁମାର ସେଠୀ, ପବିତ୍ର ସାହୁ), ମହିଳା ସାବ୍ରେ ଦଳ (ଶୀଲା ମଣ୍ଡୀ, ପୂଜାସ୍ୱିନୀ ନାୟକ, ମାଳତି ପନ୍ନୁରେ, ମଧୁସ୍ମିତା ସାହୁ)। କାଂସ୍ୟ ପଦକ ବିଜେତାମାନେ ହେଉଛନ୍ତି ପୂଜାସ୍ୱିନୀ ନାୟକ (ମହିଳା ଇପି), ଶୀଲା ମଣ୍ଡୀ (ମହିଳା ଇପି), ରାଖାଲ କୁମାର ସେଠୀ (ପୁରୁଷ ଫଏଲ୍) ପ୍ରମୁଖ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଏଜି...

ଲକ୍ଷ ୨୮ ହଜାର ଟଙ୍କା ଏହି ସମୟ ମଧ୍ୟରେ ହାସଲ ହୋଇପାରିନାହିଁ। ଲିଜଧାରୀମାନେ ଲିଜ ଡିଡ କାର୍ଯ୍ୟକାରୀ ନକରି ଏବଂ ପରିବେଶନ ମଂଜୁରୀ ବିନା ଖଣି କାର୍ଯ୍ୟ ଜାରି ରଖିଥିଲେ। ଏଥିପାଇଁ ଲିଜଧାରୀଙ୍କଠାରୁ ବେଆଇନ ଖଣି ଉତ୍ତୋଳନ ବାବଦରେ ୪କୋଟି ୩୮ ଲକ୍ଷ ଟଙ୍କା ଆଦାୟ କରାଯିବା କଥା। ସେହିଭଳି ଜିଲ୍ଲାସ୍ତରୀୟ କମିଟି ଜଙ୍ଗଲ ଜମିରେ କେନ୍ଦ୍ର ସରକାରଙ୍କ ପ୍ରାକ ଅନୁମୋଦନ ବିନା ଖଣି କାର୍ଯ୍ୟକୁ ଅନୁମତି ଦିଆଯାଇଥିଲା। ସେଠାରେ ବେଆଇନ ଭାବେ ୪.୭୭ ଘନ ମିଟର ଲଘୁ ଖଣିଜ ସମ୍ପଦର ଉତ୍ତୋଳନ କରାଯାଇଛି। ଯାହାଫଳରେ ୫୧ କୋଟି ୬୯ ଲକ୍ଷ ଟଙ୍କା ଆଦାୟ ହୋଇନପାରି ପଡି ରହିଛି।

ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ ଯୋଗୁଁ ଧର୍ମଶାଳା ତହସିଲ ଅଧିନରେ ଥିବା ଡଙ୍କାରୀ କଳା ପଥର ଖଣିରୁ ଉତ୍ତୋଳନ ହୋଇଥିବା ଅତିରିକ୍ତ ଖଣିଜ ସମ୍ପଦର ପୁନଃମୂଲ୍ୟାୟନ ହୋଇପାରିନଥିଲା। ଯାହାଦ୍ୱାରା ରାଜ୍ୟ ସରକାର ୫୮ କୋଟି ୬୩ ଲକ୍ଷ ଟଙ୍କା ରାଜସ୍ୱ ହରାଇଛନ୍ତି। ଅନୁମୋଦିତ ଖଣି ଯୋଜନା ଠାରୁ ଅଧିକ ଖଣିଜ ପଦାର୍ଥ ଖନନ ଏବଂ ତହସିଲଦାରଙ୍କ ଦ୍ୱାରା ଓ୍ୱାଇ-ଫର୍ମର ଯାଞ୍ଚ ନହେବା ଦ୍ୱାରା ଲିଜଧାରୀମାନେ ୮୦ ହଜାର ୭୨୧ ଘନ ମିଟରରୁ ଅଧିକ ପଥରର ବେଆଇନ ଉତ୍ତୋଳନ କରିଛନ୍ତି। ଖଣି ଆରମ୍ଭ ହେବା ପର୍ବରୁ ଏବଂ ଲିଜ ଅବଧି ବନ୍ଦ ହେବା ପରେ ଉତ୍ସଗୁଡିକର ମାପ ନକରାଯିବାରୁ ୮.୫୦ ଲକ୍ଷ ଘନ ମିଟର କଳା ପଥର ଚୋରୀ ହୋଇଥିଲା ଏବଂ ଏବାବଦରେ ୯୮.୩୦ କୋଟି ଟଙ୍କାର ଖଣି ରାଜସ୍ୱ ହରାଇଛନ୍ତି ସରକାର।

### ଓଏମ୍‌ବିଏଡିସି...

ପ୍ରକଳ୍ପ ଅଧାରୁ ବନ୍ଦ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାପ୍ତ ଅର୍ଥରୁ ଅନୁଗୁଳର ୧୨ଟି ଓ କୋରାପୁଟର ୧୫ଟି ଗାଁ ପାଇଁ କୌଣସି ପାନୀୟ ଜଳ ପ୍ରକଳ୍ପ ମଂଜୁର ହୋଇନାହିଁ।

ସେହିଭଳି ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନରେ ଜାଲିଆତି ହୋଇଥିଲା। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଏଜେନ୍ସିର ପ୍ରକଳ୍ପ ଅଧିକାରୀଙ୍କଠାରୁ ତଥ୍ୟ ନନେଇ ହିତାଧିକାରୀ ଚୟନ କରାଯାଇଥିବା ଦେଖିବାକୁ ମିଳିଛି। ଆବାସ କ୍ଷେତ୍ରରେ ୧୩ କୋଟି ୯୪ ଲକ୍ଷ ଟଙ୍କା ବିନିଯୋଗ ହୋଇନପାରି ପଡିରହିଥିଲା। ତେବେ ଏହି ପାଣ୍ଠିକୁ ବିଓଡିର ନିୟମକୁ ଉଲ୍ଲଂଘନ କରି ଓଏମବିଏଡିସିକୁ ଫେରାଯାଇନଥିଲା। ୨୦୧୮ ମେ' ସୁଦ୍ଧା ମନଟରିଂ ଅଭାବରୁ ୨୯ ହଜାର ୮୨୯ ପକ୍କା ଘର ମଧ୍ୟରୁ ୯୭୯ ଘର ଅସମ୍ପୂର୍ଣ୍ଣ ରହିଥିଲା। ଯୋଡାର ୧୦ଟି ସ୍ଥାନରେ କୃତ୍ରିମ ଫଟୋଗ୍ରାଫ ଆଧାରରେ ଘର ପାଇଁ ଟଙ୍କା ଦିଆଯାଇଥିଲା।

ଦକ୍ଷତା ବିକାଶ ଦିଗରେ ମଧ୍ୟ ୨୦୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୯୧ ଜଣ ପ୍ରାର୍ଥୀ ଖଣି ପ୍ରଭାବିତ ଗାଁର ନୁହଁନ୍ତି। ସେମାନଙ୍କ ପାଇଁ ୨ କୋଟି ୧୬ ଲକ୍ଷ ଟଙ୍କା ଖର୍ଚ୍ଚକୁ ନେଇ ସିଏଜି ଆପତ୍ତି ଉଠାଇଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନୁମୋଦିତ ବଜେଟର ୩୪.୯୦ ପ୍ରତିଶତ ଅର୍ଥ ୪ଟି ଖଣି ଜିଲ୍ଲାର ଖଣି ବ୍ଲକକୁ ଦିଆଯାଇଥିଲା। ବଳକା ଅଣଖଣି ବ୍ଲକକୁ ବଣ୍ଟନ କରାଯାଇଥିଲା। ପୁଷ୍ଟିକର ଖାଦ୍ୟ ଯୋଗାଣ କ୍ଷେତ୍ରରେ କେନ୍ଦୁଝର ଓ ସୁନ୍ଦରଗଡ ପାଇଁ ପ୍ରସ୍ତାବିତ ୧୪୦୮ ମେଡଲ ଅଙ୍ଗନୱାଡି ମଧ୍ୟରୁ କେବଳ ୪୮୫ ଅଙ୍ଗନୱାଡି କେନ୍ଦ୍ର ଖଣି ଖନନ ଦ୍ୱାରା ପ୍ରଭାବିତ ବ୍ଲକ ପାଇଁ ଆବଣ୍ଟିତ ହୋଇଥିବା ବେଳେ ଅବଶିଷ୍ଟ ୯୨୩ ଅଙ୍ଗନୱାଡି କେନ୍ଦ୍ର ଖଣି ଖନନ ଦ୍ୱାରା ପ୍ରଭାବିତ ହୋଇନଥିବା ବ୍ଲକକୁ ଦିଆଯାଇଥିଲା।

### ବିଲ ଆଲୋଚନା...

ବିଧାନସଭାରେ ସର୍ବସମ୍ମତ କ୍ରମେ ଏକ ପ୍ରସ୍ତାବ ଗୃହିତ ହୋଇ ରାତି ୯ଟା ସୁଦ୍ଧା ବିଧାନସଭା ସାରିବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ଓଡିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ଆଇନରେ ମଧ୍ୟ ସଂଶୋଧନ କରାଯାଇଥିଲା।

ତେବେ ପରବର୍ତ୍ତି ସମୟରେ ବିଜେଡି ସରକାର ଅମଳରେ ଦୁଇ ଥର ବିଧାନସଭା ସମୟ ସୀମା ରାତି ୯ଟା ପରେ ଏକ ମୋସନ ଜରିଆରେ ଅଳ୍ପ କିଛି ସମୟ ପାଇଁ ସଂପ୍ରସାରଣ କରାଯାଇଛି।

କିନ୍ତୁ ୨୦୦୮ ପରଠୁ ବିଲ ଦୁଇଟି ଉପରେ ଆଲୋଚନା ସରିବା ପର୍ଯ୍ୟନ୍ତ ଗୃହର ସମୟ ସୀମା ବୃଦ୍ଧି କରାଯାଇନଥିଲା। ଚର୍ଚ୍ଚା ହେଉଛି ପୂର୍ବରୁ ଜନତା ଦଳ ଓ ବିଜେଡି ସମୟରେ ବିଲ ଆଲୋଚନାର ସବୁ ରେକର୍ଡ ଭାଙ୍ଗିବାକୁ ବିଜେପି ଯୋଜନା କରିଛି। ଅବଶ୍ୟ ଗୃହ ସମୟ ସୀମା ବୃଦ୍ଧି କରିବାକୁ ପ୍ରଥମେ ବିଜେଡି ବିଧାୟକମାନେ ପ୍ରସ୍ତାବ ଦେଇଥିଲେ। ଯାହାକୁ ସରକାରୀ ଦଳ ମୋସନ ଆକାରରେ ଗୃହର ମଂଜୁରୀ ପାଇଁ ଆଗତ କରିଥିଲେ ଏବଂ ଗୃହର ମତ ନେଇ ବାଚସ୍ପତି ଗୃହର ସମୟ ସୀମା ବୃଦ୍ଧି କରିଥିଲେ।

### ସସର୍ତ୍ତ ଆଲୋଚନା...

ଆଦାବାସୀ ଅଧ୍ୟୁଷିତ ଅଞ୍ଚଳରୁ ତୁରନ୍ତ ସୁରକ୍ଷା କର୍ମୀଙ୍କୁ ଅପସାରଣ, ନୂଆ ସୈନ୍ୟ ବାହିନୀ ମୁତୟନ ଉପରେ ରୋକ, ବିଦ୍ରୋହ ବିରୋଧୀ ଅଭିଯାନକୁ ସ୍ଥଗିତ ରଖିବା ଆଦି ମଧ୍ୟ ରହିଛି।

ଅସାମ୍ବିଧାନିକ ଭାବେ ସର୍ବସାଧାରଣ ଅଞ୍ଚଳରେ ମିଲିଟାରୀ ଫୋର୍ସକୁ ମୁତୟନ କରାଯାଇଥିବା ଅଭୟ ଅଭିଯୋଗ କରିଛନ୍ତି । ଏଥିସହ ସିପିଆଇ ମାଓବାଦୀ ସାଧାରଣ ଲୋକଙ୍କ ସମର୍ଥନ ପାଇଁ ମଧ୍ୟ ଅପିଲ୍ କରିଛି। ଶାନ୍ତି ଆଲୋଚନା ପାଇଁ ଚାପ ପ୍ରୟୋଗ କରିବାକୁ ବୁଦ୍ଧିଜୀବୀ, ମାନବାଧିକ ସଂଗଠନ, ସାମ୍ବାଦିକ, ଛାତ୍ର ଏବଂ ପରିବେଶ ବିଶେଷଜ୍ଞମାନଙ୍କୁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ ଯେ ଗତ ୨୦୨୨ରେ ମଧ୍ୟ ସିପିଆଇ(ମାଓବାଦୀ) ପକ୍ଷରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ୍‌ଙ୍କୁ ଶାନ୍ତି ଆଲୋଚନା ସକାଶେ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏଥିସକାଶେ ଜେଲ୍‌ରେ ବନ୍ଦୀ ଥିବା ମାଓନେତାମାନଙ୍କୁ ମୁକ୍ତ କରିବା ସକାଶେ ସଂଗଠନ ପକ୍ଷର ସର୍ତ୍ତ ରଖାଯାଇଥିଲା। ତା'ଛଡ଼ା ବସ୍ତର ଅଞ୍ଚଳରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କୁ ମଧ୍ୟ ଅପସାରଣ କରାଯିବା ସକାଶେ ଅନ୍ୟ ଏକ ସର୍ତ୍ତ ରହିଥିଲା।

### ସହକାରୀ...

ଏକ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଭିଜିଲାନ୍ସ ଅଧିକାରୀମାନେ ଜାଲ ବିଛାଇ ଦାସ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ତାଙ୍କୁ ଗିରଫ କରିଥିଲେ। ସେ ଭୁବନେଶ୍ୱରର ଗ୍ରାମୀଣ କାର୍ଯ୍ୟ (ଜନସ୍ୱାସ୍ଥ୍ୟ) ବିଭାଗରେ କାର୍ଯ୍ୟରତ। ଭିଜିଲାନ୍ସ କର୍ମଚାରୀମାନେ ଶ୍ରୀ ଦାସଙ୍କଠାରୁ ୧ ଲକ୍ଷ ୨୬ ହଜାର ନଗଦ ଟଙ୍କା ଜବତ କରିଛନ୍ତି। ଏହାପରେ ଭିଜିଲାନ୍ସ ଟିମ୍ ତାଙ୍କ ବାସଭବନ ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ାଉ କରି ଅନୁସନ୍ଧାନ କରିଛି। ଏ ନେଇ ଅଭିଯୁକ୍ତ ଶ୍ରୀ ଦାସଙ୍କ ବିରୁଦ୍ଧରେ ଭୁବନେଶ୍ୱର ଭିଜିଲାନ୍ସ ପିଏସ୍ କେସ୍ ୫/୨୦୨୫ ୟୁ/ଏସ୍-୭ପିସି (ସଂଶୋଧନ) ଆଇନ, ୨୦୧୮ ରୁଜୁ କରାଯାଇଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

### କୋଶଳୀକୁ...

କ୍ଷମତା ଦେଇଛି। ପଶ୍ଚିମାଞ୍ଚଳ ଲୋକଙ୍କ ଆକାଂକ୍ଷା ଓ ଭାବନାକୁ ଦୃଷ୍ଟିରେ ରଖି ସରକାର ସମ୍ବଲପୁରୀ କୋଶଳୀକୁ ରାଜ୍ୟଭାଷା ମାନ୍ୟତା ଦେବା ବିଷୟରେ ବିଚାର କରିବା ଉଚିତ। ଏଥିସହ ଭାଷା ଯୁଦ୍ଧ ଓ ରାଜ୍ୟର ବିଘଟନକୁ ଏଡାଇବା ପାଇଁ ଏଭଳି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରସନ୍ନ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ମାସରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କୋଶଳ ଅଞ୍ଚଳ ଓଡ଼ିଶା ସହ ମିଶ୍ରଣକୁ ନେଇ ଏହା ଏକ୍ ଐତିହାସିକ ଭୁଲ ବୋଲି କହିଥିଲେ। ଯାହାକୁ ନେଇ ଏକ ନୂତନ ବିବାଦ ସୃଷ୍ଟି ହୋଇଥିଲା। ପଶ୍ଚିମ ଓଡିଶା ଓ କୋଶଳୀ ଭାଷା ଆଲୋଚନାର ପରିସରକୁ ଆସିଥିଲା।

ଜୟନାରାୟଣ ଅଭିଯୋଗ କରିଥିଲେ ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପଶ୍ଚିମ ଓଡ଼ିଶାକୁ ନେଇ ଗଠିତ କୋଶଳର ଲୋକମାନଙ୍କୁ ସମସ୍ତ କ୍ଷେତ୍ରରେ ଅବହେଳିତ କରାଯାଇଛି। ସରକାର କୋଶଳ ଲୋକଙ୍କୁ, ତାଙ୍କର ସମ୍ପତ୍ତି, ଖଣି, କୃଷି, ଜଙ୍ଗଲକୁ ଶୋଷଣ କରୁଛନ୍ତି। ସେମାନେ ପୂର୍ବରୁ ଅନେକ କ୍ଷେତ୍ରରେ ଶୋଷିତ ହେଉଥିଲେ ଏବଂ ଏବେ ସାଂସ୍କୃତିକ ଭାବେ ମଧ୍ୟ ଶୋଷଣ ପାଇଁ ଉଦ୍ୟମ ହେଉଛି। ତେଣୁ ସେମାନେ ଓଡ଼ିଶା ସଙ୍ଗେ ମିଶିଥିବାରୁ ଏନେଇ ଅନୁତାପ କରୁଛନ୍ତି ବୋଲି ଜୟନାରାୟଣ କହିଥିଲେ। ତାଙ୍କ ମନ୍ତବ୍ୟ ପରେ ଏହି ଭାଷା ବିବାଦ ତେଜିଥିଲା।

### ଜନତାଙ୍କୁ ...

ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କଂଗ୍ରେସ ଏହି ସଂଶୋଧିତ ବିଲ୍ ନେଇ ନାନାଦି ବିଭ୍ରାନ୍ତିକର ତଥ୍ୟ ଦେଉଥିବା ଅଭିଯୋଗ ଆଣିଛନ୍ତି।

ସେ କହିଛନ୍ତି ଯେ ଏହି ସଂଶୋଧିତ ବିଲ୍‌ରେ ସଂଖ୍ୟାଲଘୁଙ୍କ ଧର୍ମ ସହ ଜଡ଼ିତ କୌଣସି ବିଷୟରେ ହସ୍ତକ୍ଷେପ କରାଯାଇନାହିଁ। କଂଗ୍ରେସ ନିଜର ଭୋଟ୍ ବ୍ୟାଙ୍କ୍ ହାତରୁ ଚାଲିଯିବା ଭୟରେ ଏପରି ଅପପ୍ରଚାର କରୁଛି ବୋଲି ଶ୍ରୀ ଶାହ କହିଛନ୍ତି। ଏହି ସଂଶୋଧିତ ବିଲ୍ ୱାକଫ ବୋର୍ଡର ସୁପରିଚାଳନା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପଯୋଗ ପୂର୍ବକ ପରିଚାଳନା ସହ କାର୍ଯ୍ୟକଳାପରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ଶାହ ସ୍ପଷ୍ଟ କରିଛନ୍ତି। ଏଥିସହ ୱାକଫ୍ ଆଇନର ବ୍ୟାପକ ଦୁରୁପଯୋଗ ହେଉଛି ବୋଲି କହି ଶ୍ରୀ ଶାହ ଏ ସଂକ୍ରାନ୍ତ କେତେକ ତଥ୍ୟ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ଗତ ୧୯୧୩ରୁ ୨୦୧୩ ମଧ୍ୟରେ ୱାକଫ୍ ବୋର୍ଡ ପାଖରେ ମାତ୍ର ୧୮ ଲକ୍ଷ ଏକର ଜମି ଥିବା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏହା ୨ ଗୁଣାରୁ ବି ଅଧିକ ହୋଇ ୩୯ ଲକ୍ଷ ଏକରରେ ପହଞ୍ଚିଯାଇଛି। ତେଣୁ ଏହାର ଦୁରୁପଯୋଗ ହେଉନାହିଁ ବୋଲି ଯେଉଁମାନେ ଯୁକ୍ତି କରୁଛନ୍ତି, ସେମାନେ ଏଥିରୁ ବିରତ ରହିବା ଉଚିତ। ତେବେ ଏହି ବିଲ୍‌ରେ ସଂଶୋଧନକୁ କଂଗ୍ରେସର ପୂର୍ବତନ ମୁଖ୍ୟ ରାହୁଲ୍ ଗାନ୍ଧି ବିରୋଧ କରିବା ସହ ଏହା ମାଧ୍ୟମରେ ମୁସଲିମ୍ ଧର୍ମାବଲମ୍ବୀଙ୍କ ସହ ଅନ୍ୟାନ୍ୟ ଧର୍ମାବଲମ୍ବୀମାନଙ୍କୁ ଟାର୍ଗେଟ୍ କରିବା ସକାଶେ ଏନ୍‌ଡିଏ ସରକାର ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି। ଏହାଛଡ଼ା ଏଆଇଏମ୍‌ଏମ୍ ସାଂସଦ ଅସଦ୍‌ଉଦ୍ଦିନ୍ ଓୱେସୀ ଏହି ସଂଶୋଧନ ପ୍ରସ୍ତାବକୁ ବିରୋଧ କରିବା ସହ ଏପରି ବିଲ୍ ମାଧ୍ୟମରେ ମୁସଲିମ୍‌ମାନଙ୍କ ପ୍ରତି ଅନ୍ୟାୟ କରାଯିବ। ଏହି ସଂଶୋଧନକୁ ମଞ୍ଜୁରି ମିଳିଲେ, ପ୍ରାଚୀନ ମନ୍ଦିରର ସୁରକ୍ଷା ସମ୍ଭବ ହେବ, କିନ୍ତୁ ମସଜିଦ୍ ବିପଦରେ ପଡ଼ିବେ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ସଂସଦ ବାହାରେ ୱାକଫ୍ ବିଲ୍‌ରେ ଆବଶ୍ୟକ ସଂଶୋଧନ ପାଇଁ ଆରମ୍ଭ ହୋଇଥିବା ତର୍କ ପରେ କେତେକ ସ୍ଥାନରେ ମୁସଲିମ୍ ଧର୍ମାବଲମ୍ବୀମାନେ ଏହାକୁ ସ୍ୱାଗତ କରିଛନ୍ତି। ମଧ୍ୟପ୍ରଦେଶ ରାଜଧାନୀ ଭୋପାଳଠାରେ କେତେକ ମୁସଲିମ୍ ମହିଳା ଏହାକୁ ନେଇ ଉତ୍ସବ ପାଳନ କରିବା ସହ ଏଥିସକାଶେ ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଗୁଜରାଟରେ ବାୟୁସେନା ଲଢୁଆ ବିମାନ ଦୁର୍ଘଟଣଗ୍ରସ୍ତ

ଜାମନଗର,୨।୪: ଗୁଜରାଟ ଜାମନଗରରେ ବାୟୁସେନା ଲଢୁଆ ବିମାନ ଜାଗୁଆର ଦୁର୍ଘଟଣଗ୍ରସ୍ତ ହୋଇଛି। ରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଦୁର୍ଘଟଣା ସୁବରଡ଼ା ଗାଁ'ରେ ନିକଟରେ ଘଟିଛି। ଯେଉଁଠାରେ ଜାଗୁଆର ବିମାନ ଛିନ୍ନଛତ୍ର ହୋଇ ସମଗ୍ର ଅଂଚଳରେ ପଡିଛି ଏବଂ ସବୁଆଡେ ଧୂଆ ଧୂଆ ହୋଇ ଯାଇଥିଲା। ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ପାଇଲଟ୍ ଆହତ ଅବସ୍ଥାରେ ତଳେ ପଡ଼ିଛନ୍ତି ଏବଂ ତାଙ୍କ ଚାରିପାଖରେ ଲୋକଙ୍କ ଭିଡ଼ ଜମିଛି। ଏହା ସହିତ, ବିମାନର ଖଣ୍ଡଗୁଡ଼ିକ ଚାରିଆଡ଼େ ବିଛାଡ଼ି ପଡ଼ିଛି ଏବଂ ନିଆଁ ଲାଗିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପାଇଲଟଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଥିଲା। ବାୟୁସେନାର ଉଚ୍ଚ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର କାରଣ ଖୋଜିବା ଆରମ୍ଭ କରିଛନ୍ତି।

## ପୁନମ ଗୁପ୍ତା ହେଲେ ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ଣ୍ଣର

ମୁମ୍ବାଇ,୨।୪: ଡ.ପୁନମ ଗୁପ୍ତାଙ୍କୁ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡେପୁଟି ଗଭର୍ଣ୍ଣର ନିଯୁକ୍ତ କରିଛନ୍ତି। ଡ. ଗୁପ୍ତା ଦେଶର ପ୍ରତିଷ୍ଠିତ ଗବେଷଣା ସଂସ୍ଥା ନ୍ୟାସନାଲ କାଉନସିଲ ଅଫ ଆପ୍ଲାଏଡ ଇକୋନମିକ ରିସର୍ଚ୍ଚ (ଏନସିଏଇଆର)ର ମହାନିର୍ଦ୍ଦେଶକ ଅଛନ୍ତି। ଆରବିଆଇ ଡେପୁଟି ଗଭର୍ଣ୍ଣର ରୂପେ ଡ.ଗୁପ୍ତାଙ୍କ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବେ। ମାଇକେଲ ଦେବବ୍ରତ ପାତ୍ର ଗତ ଜାନୁୟାରୀରେ ପଦ ଛାଡିବା ପରେ ଡ. ଗୁପ୍ତାଙ୍କୁ ଡେପୁଟି ଗଭର୍ଣ୍ଣର ଭାବେ ଏହି ପଦବୀ ଦିଆଯାଇଛି। ସୂତ୍ର ଅନୁସାରେ କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି (ଏସିସି) ଆରବିଆଇ ଡେପୁଟି ଗଭର୍ଣ୍ଣର ଭାବେ ଡ. ଗୁପ୍ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି। ଡ.ଗୁପ୍ତା କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୩ ବର୍ଷ ନିମନ୍ତେ ତାଙ୍କ ନିଯୁକ୍ତିକୁ ଏସିସି ମଞ୍ଜୁର କରିଛନ୍ତି।

## ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ସିପିଆଇ ପକ୍ଷରୁ ଦାବି ପତ୍ରପ୍ରଦାନ

**ବାରିପଦା,୨।୪(ସଂଚାର ବ୍ୟୁରୋ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମୟୂରଭଞ୍ଜ ପକ୍ଷରୁ ଆଜି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ହରିଶ ଚନ୍ଦ୍ର ପଣ୍ଡାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଆଠ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡ଼ିକୁ ମଧ୍ୟରେ ଜନବିରୋଧୀ ପ୍ରି ପେଡ ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରିବା, ଆଗାମୀ ଦିନରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବନ୍ଦ କରିବା, ନିର୍ବାଚନ ପ୍ରତିଶୃତି ଅନୁଯାୟୀ ପ୍ରତ୍ୟେକ ବିଦ୍ୟୁତ ଉପଭୋକ୍ତାଙ୍କୁ ମାସିକ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଣ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ମାଗଣାରେ ବିଦ୍ୟୁତ ଯୋଗଣ, ଓଡ଼ିଆ ଭାଷାରେ ବିଦ୍ୟୁତ ବିଲ୍ ପ୍ରଦାନ କରିବା, ଓ ଇ ଆର ସି ଓ ଟାଟା ପାୱାରର ଶୋଷଣ ଏବଂ ଜୁଲୁମ ବନ୍ଦ ସହ ବିଦ୍ୟୁତ ଘରୋଇକରଣରୁ ନିବୃତ ରହିବା, ବାହାର ରାଜ୍ୟରୁ କର୍ମଚାରୀମାନଙ୍କୁ ନିୟୋଜିତ ନ କରି ଓଡ଼ିଶାର ଯୁବକ ଯୁବତୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବା, ବାହାର ରାଜ୍ୟର ଠିକାଦାର ଏବଂ ବିଜିନେସ ଏସୋସିଏଟମାନଙ୍କୁ କାମ ନ ଦେଇ ଆମ ରାଜ୍ୟର ଠିକାଦାର ଏବଂ ବିଜିନେସ ଏସୋସିଏଟମାନଙ୍କୁ କାର୍ଯ୍ୟାଦେଶ ଦେବା।




# ଚଳିତ ମାସରେ ଲଞ୍ଚ ହେବ ୩ ଦମ୍‌ଦାର କାର୍

## ଭୋଗ୍ସ୍ୱାଗନ ଟିଗୁଆନ ଆର୍, ସ୍କୋଡା କୋଡିୟାକ, ଏମଜି ସାଇବରଷ୍ଟର

**ନୂଆଦିଲ୍ଲୀ, ୨।୪:** ୨୦୨୫ ଏପ୍ରିଲ୍ ମାସଟି କାର୍ ପ୍ରେମୀଙ୍କ ପାଇଁ ବହୁତ ସ୍ୱତନ୍ତ୍ର ହେବାକୁ ଯାଉଛି। କାରଣ ଏହି ସମୟରେ ବଜାରରେ ଅନେକ ନୂଆ ଏବଂ ଆଡଭାନ୍ସ ଟେକ୍ନୋଲୋଜି ସହିତ ଲେସ୍ କାର୍ ଆସିବାକୁ ଯାଉଛି। ଏହି ମାସରେ, ଭାରତରେ କିଛି ପ୍ରିମିୟମ୍ ଏସୟୁଭି ଏବଂ ଏକ ଦମଦାର ଇଲେକ୍ଟ୍ରିକ୍ ସ୍ପୋର୍ଟସ୍ କାର ମଧ ଲଞ୍ଚ ହେବ। ଏହି କାରଗୁଡ଼ିକରେ ନୂଆ ଫିଚର୍ସ, ଦମଦାର ପରଫରମାନ୍ସ ଏବଂ ଜବରଦସ୍ତ ଡିଜାଇନ୍ ଦେଖିବାକୁ ମିଳିବ। ତେବେ ଆସନ୍ତୁ ଏହି ଆଗାମୀ ୩ଟି କାର ବିଷୟରେ ବିସ୍ତୃତ ଭାବରେ ଜାଣିବା।

ଭୋଗ୍ସ୍ୱାଗନ ଖୁବ୍‌ଶୀଘ୍ର ଭାରତରେ ଏହାର ନ୍ୟୁ ଜେନେରେସନର ଟିଗୁଆନ୍ ଲଞ୍ଚ କରିବାକୁ ଯାଉଛି। ଏହା ଏକ ଟପ୍ ଏବଂ ଗ୍ଲୋବାଲ ମଡେଲ୍ ହେବ, ଯାହାକୁ ସୀମିତ ସଂଖ୍ୟାରେ ଭାରତରେ ଇମ୍ପୋର୍ଟ କରାଯିବ। ପ୍ରାରମ୍ଭିକ ବ୍ୟାଚ୍‌ରେ ଏହାର କେବଳ ୩୦୦ ୟୁନିଟ୍ ଉପଲବ୍ଧ ହେବ। ଭୋଗ୍ସ୍ୱାଗନ ଟିଗୁଆନ ଆର୍‌ଏକ ଦମଦାର ଏବଂ ପାୱାରଫୁଲ ଏସୟୁଭି ହେବ, ଯାହା ସ୍ପୋର୍ଟି ଲୁକ୍ ଏବଂ ଲଗଜରୀ ଫିଚର୍ସ ସହିତ ଆସିବ। ଏଥିରେ ଏକ ୨.୦-ଲିଟର ଟର୍ବୋଚାର୍ଜଡ୍ ପେଟ୍ରୋଲ ଇଞ୍ଜିନ୍ ମିଳିବ, ଯାହା ପ୍ରାୟ ୩୨୦ଏଚପି




ପାୱାର ଜେନେରେଟ୍ କରିବ। ଏହି କାରରେ ୭-ସ୍ପିଡ୍ ଡୁଆଲ୍-କ୍ଲଚ୍ ଅଟୋମେଟିକ୍ ଗିଅରବକ୍ସ ରହିବ, ଯାହା ସୁଗମ ଏବଂ ଫାଷ୍ଟ ଡ୍ରାଇଭିଂ ଏକ୍ସପେରିଏନ୍ସ ଦେବ। ଏଥିରେ ଏକ ଅଲ୍-ହ୍ୱିଲ୍ ଡ୍ରାଇଭ୍ (ଏଡବ୍ଲ୍ୟୁଡି) ସିଷ୍ଟମ୍ ଦିଆଯାଇଛି, ଯାହା ଏହାକୁ ସମସ୍ତ ପ୍ରକାରର ରାସ୍ତାରେ ଭଲ ପରଫରମାନ୍ସ ପ୍ରଦାନ କରିବାକୁ ସକ୍ଷମ କରିବ।

ସ୍କୋଡା କୋଡିଆକ୍ ଭାରତୀୟ ବଜାରରେ ଏକ ପ୍ରିମିୟମ୍ ଏବଂ ଆଡଭାନ୍ସ ଏସୟୁଭି ଭାବରେ ପ୍ରବେଶ କରିବ। ଯାହା ପୂର୍ବ ଅପେକ୍ଷା ବଡ଼, ଷ୍ଟାଇଲିସ୍ ଏବଂ ଅଧିକ ଫିଚର୍ସଯୁକ୍ତ ହେବ। ଏହା ସହିତ, ଏକ ୨.୦-ଲିଟର ଟର୍ବୋଚାର୍ଜଡ୍ ପେଟ୍ରୋଲ ଇଞ୍ଜିନ୍ ଯୋଗାଇ ଦିଆଯିବ, ଯାହା ପ୍ରାୟ ୧୯୦ଏଚପି ପାୱାର ପ୍ରଦାନ କରେ। ଏହା ଏକ ୭-ସ୍ପିଡ୍ ଡୁଆଲ୍-କ୍ଲଚ୍ ଅଟୋମେଟିକ୍ ଗିଅରବକ୍ସ ଏବଂ ଅଲ୍-ହ୍ୱିଲ୍ ଡ୍ରାଇଭ୍ (ଏଡବ୍ଲ୍ୟୁଡି) ସିଷ୍ଟମ୍ ସହିତ ଲେସ୍ ହେବ, ଯାହା ଏହାକୁ ସମସ୍ତ ପ୍ରକାରର ଭୂମିରେ ଦମଦାର ପରଫରମାନ୍ସ ଦେବା ପାଇଁ ସକ୍ଷମ କରିବ।

ଏମଜି ସାଇବରଷ୍ଟର୍ ଏକ ଫ୍ୟୁଚରିଷ୍ଟିକ୍ ଇଲେକ୍ଟ୍ରିକ୍ ସ୍ପୋର୍ଟସ୍ କାର ଭାବରେ ଭାରତୀୟ ବଜାରକୁ ଆସିବାକୁ ଯାଉଛି। ଏହା ସମ୍ପୂର୍ଣ୍ଣ ଭାବରେ ଇଲେକ୍ଟ୍ରିକ୍ ହେବ ଏବଂ ଏଥିରେ ସୁପରକାର୍ ପରି ଷ୍ଟାଇଲିଂ ରହିବ। ଏହି କାରରେ ୫୧୦ଏଚପି ପାୱାର ଏବଂ ୭୨୫ଏନଏମ ଟର୍କ ରହିବ, ଯାହା ହାଇ-ପରଫରମାନ୍ସ ଡ୍ରାଇଭିଂ ଏକ୍ସପେରିଏନ୍ସ ଦେବ। ସାଇବରଷ୍ଟରରେ ଏକ ହାଇ-କାପାସିଟି ଲିଥିୟମ-ଆୟନ ବ୍ୟାଟେରୀ ରହିବା, ଯାହା ଥରେ ଫୁଲ୍ ଚାର୍ଜ ହେବା ପରେ ପ୍ରାୟ ୫୮୦ କିଲୋମିଟର ରେଞ୍ଜ ଦେବ। ପରଫରମାନ୍ସ ଦୃଷ୍ଟିରୁ, ଏହି କାରଟି ମାତ୍ର ୩ ସେକେଣ୍ଡରେ ୦-୧୦୦ କିମି/ଘଣ୍ଟା ବେଗରେ ଗତି କରିପାରିବ। ଯାହା ଏହାକୁ ଭାରତର ଦ୍ରୁତତମ ଇଲେକ୍ଟ୍ରିକ୍ କାର ମଧ୍ୟରୁ ଗୋଟିଏ କରିଥାଏ।



## ଆଜିର ସୁନା ଦର

ଚମକୁଛି ସୁନା, ବଢୁଛି ଦର। ବିଶ୍ୱ ବଜାରରେ ଅସ୍ଥିରତା ଓ ଅନିଶ୍ଚିତତା ମଧ୍ୟରେ ସୁନାର ଚମକ ବଢ଼ିଚାଲିଛି। ଯଦି ସୁନା କିଣିବାକୁ ଯାଉଛନ୍ତି ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୨ ହଜାର ୮୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୫ ହଜାର ୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨ ହଜାର ୮୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୫, ୧୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୫,୧୦୦ ଟଙ୍କା ଓ ୯୨, ୮୪୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୫, ୨୫୦ ଟଙ୍କା ଓ ୯୨, ୯୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୫,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୨, ୮୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୫, ୧୦୦ ଓ ୯୨,୮୪୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୫,୦୦୦ ଟଙ୍କା ହୋଇଛି।

# ଷ୍ଟକ୍ ମାର୍କେଟ୍‌ରେ ଶୁଳ୍କ ଭୟରେ ପ୍ରତିଫଳ



**ନିବେଶକ ହରାଇଲେ ୩ ଲକ୍ଷ କୋଟି**

**ମୁମ୍ବାଇ,୨।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାକାଲି ବିଶ୍ୱର ସବୁ ଦେଶ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ଏହାକୁ ନେଇ ନିବେଶକମାନେ ବେଶ୍ ଭୟଭୀତ ହୋଇପଡ଼ିଛନ୍ତି। ଶୁଳ୍କରେ ପ୍ରଭାବିତ ହେବାକୁ ଥିବା କ୍ଷେତ୍ରର ସେୟାରକୁ ସେମାନେ ବିକ୍ରି କରିବାରୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୩୯୦ ପଏଣ୍ଟ ହ୍ରାସ ପାଇ ୭୬,୦୨୪ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି, ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୩୫୩ ପଏଣ୍ଟ ହ୍ରାସ ପାଇ ୨୩,୧୬୫ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ୩ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ସେୟାର ବଜାରରେ ରିଅଲ ଇଷ୍ଟେଟ୍, ଆଇଟି ଓ ଆର୍ଥିକ ସେବା କ୍ଷେତ୍ର ଉପରେ ଅଧିକ ଚାପ ସୃଷ୍ଟି ହୋଇଥିଲା। ଏହି କ୍ଷେତ୍ରଗୁଡ଼ିକର ସୂଚୀରେ ୨.୪୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଛି। ନିଫ୍ଟିରେ ଏଚ୍‌ସିଏଲ୍ ଟେକ୍, ଭାରତ ଇଲେକ୍ଟ୍ରୋନିକ୍ସ, ବଜାଜ ଫିନ୍‌ସର୍ଭ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ହିଣ୍ଡାଲ୍‌କୋର ସେୟାର ମୂଲ୍ୟ କମ୍ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଇଣ୍ଡସଇଣ୍ଡ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ସନ୍‌ଫାର୍ମା, ଏଚ୍‌ସିଏଲ୍ ଟେକ୍, ଇନ୍‌ଫୋସିସ୍ ଓ ବଜାଜ ଫିନ୍‌ସର୍ଭର ସେୟାର ମୂଲ୍ୟ ହ୍ରାସ ପାଇଛି।

# ୬୦୦ କର୍ମଚାରୀଙ୍କ ଚାକିରି ନେଲା ଜମାଟୋ

**ଗୁରୁଗ୍ରାମ,୨।୪:** ବର୍ଷ ତଳେ ଚାକିରି ଦେଇଥିଲା, ବର୍ଷେ ପୂରିବା ପରେ ଛଟେଇ କରିଦେଲା। ଭାରତର ଅଗ୍ରଣୀ ଫୁଡ୍ ଡେଲିଭରୀ କମ୍ପାନୀ ଜୋମାଟୋ କଷ୍ଟମର ସପୋର୍ଟ ଦାୟିତ୍ୱରେ ଥିବା ପ୍ରାୟ ୬୦୦ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରିଦେଇଛି। ଏହି କର୍ମଚାରୀମାନେ ଗତ ବର୍ଷ ଜୋମାଟୋ ଆସୋସିଏଟ୍ ଆକ୍ସିଲେରେଟର ପ୍ରୋଗ୍ରାମ (ଜାପ୍) ଅଧୀନରେ ନିଯୁକ୍ତ ହୋଇଥିଲେ। କମ୍ପାନୀର ମୁଖ୍ୟ ଖାଦ୍ୟ ବିତରଣ ବ୍ୟବସାୟରେ(ଫୁଡ ଡେଲିଭରି ବିଜ୍‌ନେଶ) ମନ୍ଥର ରହିଛି। ତା ସହିତ କମ୍ପାନୀ ଖର୍ଚ୍ଚ ହ୍ରାସ ଓ ସ୍ୱୟଂଚାଳିତତା ବ୍ୟବସ୍ଥା ଉପରେ ବଢୁଥିବା ନିର୍ଭରଶୀଳତାକୁ ଲକ୍ଷ୍ୟ ରଖି ଏହି ଛଟେଇ କରିଛି। ଜୋମାଟୋ ପାଇଁ ବର୍ତ୍ତମାନ ଏହାର ପ୍ରତିଦ୍ୱନ୍ଦ୍ୱୀ ବ୍ଲିଙ୍କିଟ୍ ଏକ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଏଥିରେ କମ୍ପାନୀର ଅଧିକ କ୍ଷତି ହେଉଛି। କମ୍ପାନୀଟି ଜାପ ପ୍ରୋଗ୍ରାମ ଅଧୀନରେ ପ୍ରାୟ ୧,୫୦୦୦ ଗ୍ରାହକ ସହାୟତା କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା, ଯାହାର ଲକ୍ଷ୍ୟ ଥିଲା ସେମାନଙ୍କୁ ଗୋଟିଏ ବର୍ଷ ମଧ୍ୟରେ ବିକ୍ରୟ, କାର୍ଯ୍ୟ, ଯୋଗାଣ




ଶୃଙ୍ଖଳା ଏବଂ ଅନ୍ୟାନ୍ୟ ବିଭାଗରେ ବିଭିନ୍ନ ଭୂମିକାରେ ନିଯୁକ୍ତି ଦେବା। ହେଲେ ଏହି କର୍ମଚାରୀମାନଙ୍କ ମଧ୍ୟରୁ ଅନେକଙ୍କର ନିଯୁକ୍ତି ଚୁକ୍ତିକୁ ରିନ୍ୟୁ୍ୟ ନ କରି ଛଟେଇ କରିଦେଇଛି। ସବୁଠାରୁ ବଡ଼ କଥା ହେଲା ପ୍ରଭାବିତ କର୍ମଚାରୀମାନଙ୍କୁ ପୂର୍ବରୁ କୌଣସି ନୋଟିସ୍ ନ ଦେଇ କମ୍ପାନୀ ସେମାନଙ୍କୁ ଛଟେଇ କରିଛି। ହେଲେ କ୍ଷତିପୂରଣ ବାବଦକୁ ଗୋଟିଏ ମାସର ଦରମା ଦେଇ କର୍ତ୍ତବ୍ୟ ପୂରା କରିଦେଇଛି କମ୍ପାନୀ। ସେପଟେ ଏଭଳି ଛଟେଇକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଜଣେ କର୍ମଚାରୀ। ନାଁ ଗୋପନ ରଖିବା ସର୍ତ୍ତରେ, କର୍ମଚାରୀ କହିଛନ୍ତି ଯେ ଜାପ୍ କାର୍ଯ୍ୟକ୍ରମ ଅଧୀନରେ ନିଯୁକ୍ତ ପାଇଥିବା ଅଧିକାଂଶ କର୍ମଚାରୀଙ୍କୁ କୌଣସି ସ୍ପଷ୍ଟ କାରଣ ବିନା ବହିଷ୍କାର କରାଯାଇଛି। କର୍ମଚାରୀ ବଦଳରେ ଏଆଇ ବ୍ୟବହାର କରି କମ୍ପାନୀ କାମ ସହଜ କରିବାକୁ ଚାହିଁଛି ବୋଲି କର୍ମଚାରୀ ଅଭିଯୋଗ କରିଛି। ଜମାଟୋ କମ୍ପାନୀ ନୁଗେଟ ନାମକ ଏକ ଏଆଇ ଲଞ୍ଚ କରିଛି। ଏକ AI-ଚାଳିତ ଗ୍ରାହକ ସହାୟତା ପ୍ଲାଟଫର୍ମ, ଯାହା ବର୍ତ୍ତମାନ ଜମାଟୋଟ, ବ୍ଲିଙ୍କିଟ୍ ଏବଂ ହାଇପରପ୍ୟୋର ପାଇଁ ପ୍ରତି ମାସରେ ଲକ୍ଷ ଲକ୍ଷ ଗ୍ରାହକ ସପୋର୍ଟ ଯୋଗଯୋଗ ପରିଚାଳନା କରୁଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୯୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୯୬ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଭାରତରେ ୯୦ ଲକ୍ଷରୁ ଅଧିକ ଆକାଉଣ୍ଟ ବନ୍ଦ କଲା ମେଟା

**ନୂଆଦିଲ୍ଲୀ, ୨।୪:** ଭାରତରେ ହ୍ୱାଟ୍ସଆପ୍ ଅନେକ ଆକାଉଣ୍ଟକୁ ବ୍ୟାନ୍ କରିଦେଇଛି। ହ୍ୱାଟ୍ସଆପ୍ ୨୦୨୫ ଏପ୍ରିଲ ୧ ଏନେଇ ସୂଚନା ଦେଇଛନ୍ତି। ଫେବୃଆରୀ ୨୦୨୫ରେ ଭାରତର ୯.୭ ମିଲିୟନ ଅର୍ଥାତ୍ ୯୦ ଲକ୍ଷରୁ ଅଧିକ ଆକାଉଣ୍ଟକୁ ବ୍ୟାନ୍ କରାଯାଇଛି। ଏହି ନିଷ୍ପତ୍ତିର କାରଣ ଦର୍ଶାଇ କମ୍ପାନୀ କହିଛି ଯେ, ହ୍ୱାଟ୍ସଆପ୍ ବ୍ୟବହାରର ନିୟମ ଉଲ୍ଲଂଘନ କରୁଥିବା ଆକାଉଣ୍ଟଗୁଡ଼ିକୁ ଭାରତରେ ବନ୍ଦ କରିଦିଆଯାଇଛି। କହିରଖୁ କି, କମ୍ପାନୀ ୧.୪ ମିଲିୟନରୁ ଅଧିକ ଆକାଉଣ୍ଟକୁ ବ୍ୟାନ କରିଛି ଯାହା ବିଷୟରେ କୌଣସି ବ୍ୟବହାରକାରୀ ଅଭିଯୋଗ ମଧ୍ୟ କରି ନଥିଲେ। ଭାରତରେ ହ୍ୱାଟ୍ସଆପର ୫୦୦ ମିଲିୟନରୁ ୟୁଜର ଅଛନ୍ତି। କମ୍ପାନୀ କହିଛି, ଏଆଇ-ଚାଳିତ ମଡ୍‌ରେସନ ଏବଂ ଉନ୍ନତ ରିପୋର୍ଟିଂ ଉପକରଣରେ ନିବେଶ କରାଯାଉଥିବାରୁ ଭାରତରେ ଏହି ୯ ଲକ୍ଷ ୭୦ ହଜାର ଆକାଉଣ୍ଟଗୁଡ଼ିକୁ ବ୍ୟାନ୍ କରାଯାଇଛି। ହ୍ୱାଟ୍ସଆପ୍ ପକ୍ଷରୁ ସୂଚନା ଦେଇ ଜଣେ ମୁଖପାତ୍ର କହିଛନ୍ତି ଯେ, ହ୍ୱାଟ୍ସଆପ୍ ବହୁ ବର୍ଷ ଧରି ନିରନ୍ତର ଭାବରେ AI ବା କୃତ୍ରିମ ବୁଦ୍ଧିମତ୍ତା ଉପରେ କାମ କରିଆସୁଛି। ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ଆମ ପ୍ଲାଟଫର୍ମରେ ସମସ୍ତ ୟୁଜରଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାକୁ ନିରନ୍ତର ଚେଷ୍ଟା କରୁଛନ୍ତି। ଲୋକଙ୍କ ସୁରକ୍ଷାକୁ ବିପଦରେ ପକାଇଥିବା ଭୁଲ ଜିନିଷଗୁଡ଼ିକୁ ରୋକିବା ପାଇଁ ହ୍ୱାଟ୍ସଆପ୍ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହ୍ୱାଟ୍ସଆପ୍ ଆହୁରି କହିଛି ଯେ, ଆଇଟି ନିୟମ ୨୦୨୧ ଅନୁଯାୟୀ, କମ୍ପାନୀ ପ୍ରାୟତଃ ସେହି ଆକାଉଣ୍ଟଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଯାହା ୟୁଜରମାନେ ନିଜେ ରିପୋର୍ଟ କରିଥିଲେ। କମ୍ପାନୀ ଏହା ମଧ୍ୟ କହିଛି ଯେ, ହ୍ୱାଟ୍ସଆପ୍‌ରେ ଏକ ସ୍ୱୟଂଚାଳିତ ଚିହ୍ନଟ ବ୍ୟବସ୍ଥା ଅଛି, ଯାହା ସନ୍ଦେହଜନକ କାର୍ଯ୍ୟକଳାପକୁ ଚିହ୍ନଟ କରେ।

# ପୁନମ ଗୁପ୍ତା ହେବେ ଆର୍‌ବିଆଇ ଡେପୁଟି ଗଭର୍ଣ୍ଣର



**ନୂଆଦିଲ୍ଲୀ,୨।୪:** ଆର୍‌ବିଆଇର ଡେପୁଟି ଗଭର୍ଣ୍ଣର ହେବାକୁ ଯାଉଛନ୍ତି ଜଣେ ମହିଳା। ନ୍ୟାଶନାଲ କାଉନସିଲ ଅଫ ଆପ୍ଲାଏଡ ଇକୋନୋମିକ ରିସର୍ଚ୍ଚ (ଏନ୍‌ସିଏଇଆର୍)ର ମହାନିର୍ଦ୍ଦେଶକ ପୁନମ ଗୁପ୍ତା ଡେପୁଟି ଗଭର୍ଣ୍ଣର ଭାବେ ନିଯୁକ୍ତି ହୋଇଛନ୍ତି। ତାଙ୍କୁ ତିନି ବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତିକୁ ଅନୁମୋଦନ ମିଳିଛି। ଜାନୁଆରୀରେ ମାଇକେଲ ଦେବବ୍ରତ ପାତ୍ର ଇସ୍ତଫା ଦେବା ପରେ ଆର୍‌ବିଆଇରେ ଡେପୁଟି ଗଭର୍ଣ୍ଣର ପଦବୀ ଖାଲି ପଡ଼ିଥିଲା। ଜାତୀୟ ଗଣମାଧ୍ୟମ ସୂଚନା ଅନୁସାରେ କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ଗୁପ୍ତାଙ୍କ ଦାୟିତ୍ୱ ଗ୍ରହଣ କରିବା ତାରିଖରୁ ତିନି ବର୍ଷ ପାଇଁ ଆରବିଆଇରେ ଡେପୁଟି ଗଭର୍ଣ୍ଣର ଭାବରେ ନିଯୁକ୍ତିକୁ ଅନୁମୋଦନ କରିଛି। ବର୍ତ୍ତମାନ, ଗୁପ୍ତା ଏନ୍‌ସିଏଇଆର୍‌ର ମହାନିର୍ଦ୍ଦେଶକ ଅଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଏବଂ ଷୋଡ଼ଶ ଅର୍ଥ କମିଶନର ପରାମର୍ଶଦାତା ପରିଷଦର ସଂଯୋଜକ ମଧ୍ୟ। ପ୍ରାୟ ଦୁଇ ଦଶନ୍ଧି ଧରି ୱାଶିଂଟନରେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କରେ ବରିଷ୍ଠ ପଦବୀରେ କାର୍ଯ୍ୟ କରିବା ପରେ ସେ ୨୦୨୧ ମସିହାରେ ଏନ୍‌ସିଏଇଆର୍ ରେ ଯୋଗ ଦେଇଥିଲେ।

# ଜିଓକୁ ଟାୱାର ସମେତ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇଦେଲା ବିଏସଏନଏଲ

**ନୂଆଦିଲ୍ଲୀ, ୨।୪:** ବିଏସ୍‌ଏନ୍‌ଏଲ୍‌ର ଅବହେଳା ପାଇଁ କ୍ଷତି ସହିଲେ କେନ୍ଦ୍ର ସରକାର। ଦେଶରେ ଟେଲିକମ ସେବା ଆରମ୍ଭ କରିବାକୁ ଜିଓକୁ ଟାୱାର ସମେତ ସମସ୍ତ ଭିତ୍ତିଭୂମି ଯୋଗାଇ ଦେଲା ବିଏସଏନଏଲ। ହେଲେ ବଦଳରେ ଯେଉଁ ଟଙ୍କା ଆଦାୟ କରିବା କଥା ତାହା ଆଦାୟ ହେଲାନି। ଫଳରେ କେନ୍ଦ୍ର ସରକାରଙ୍କ ରାଜସ୍ୱକୁ ୧୭୫୭.୫୬ କୋଟି ଟଙ୍କା କ୍ଷତି ହୋଇଛି।




ବିଏସଏନଏଲ୍‌ର ଅବହେଳା ଯୋଗୁ କ୍ଷତି ସହିଲେ କେନ୍ଦ୍ର ସରକାର। ଘରୋଇ କମ୍ପାନୀ ଜିଓ ବିଏସଏନଏଲ୍‌ର ଭିତ୍ତିଭୂମି ବ୍ୟବହାର କରି ଟେଲିକମ ସେବା ଯୋଗାଇବାରେ ଦେଶରେ ନମ୍ବର ୱାନ ହେଇଗଲା। ହେଲେ ବଦଳରେ ବିଏସଏନଏଲ ଜିଓ ପାଖରୁ ଯେଉଁ ଦେୟ ଆଦାୟ କରିବା କଥା ତାହା କଲାନି। ଫଳରେ କେନ୍ଦ୍ର ସରକାରଙ୍କୁ ୧୭୫୭.୫୬ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ବା CAG ରିପୋର୍ଟରେ ଏହାର ଖୁଲାସା ହୋଇଛି। ସିଏଜେ ରିପୋର୍ଟ ଅନୁସାରେ BSNL ୨୦୧୪ ରୁ ଜିଓ ଠାରୁ କୌଣସି ଦେୟ ଆଦାୟ କରି ନାହିଁ। କେବଳ ସେତିକି ନୁହେଁ, ଟେଲିକମ୍ ଭିତ୍ତିଭୂମି ପ୍ରଦାନକାରୀ ବା ଟିଆଇପି ଗୁଡିକୁ ପ୍ରଦାନ କରାଯାଇଥିବା ରାଜସ୍ୱ ଅଂଶରୁ ଲାଇସେନ୍ସ ଶୁଳ୍କର କିଛି ଅଂଶ କାଟିବାରେ ବିଫଳ ହେବାରୁ ବିଏସଏନଏଲକୁ ୩୮.୩୬ କୋଟି ଟଙ୍କାର କ୍ଷତି ହୋଇଛି।ଏଥିସହିତ ରିଲାଏନ୍ସ ଜିଓ ଇନ୍‌ଫୋକମ ଲିମିଟେଡ୍ ସହିତ ମାଷ୍ଟର ସର୍ଭିସ୍ ଏଗ୍ରୀମେଣ୍ଟ ଲାଗୁ କରିବାର BSNL ବିଫଳ ହୋଇଥିଲା। BSNL ଟାୱାର ଓ ଅନ୍ୟାନ୍ୟ ଭିତ୍ତିଭୂମିକୁ ଘରୋଇ କମ୍ପାନୀ ଦ୍ୱାରା ଅତିରିକ୍ତ ବ୍ୟବହାର ପାଇଁ ବି କୌଣସି ବିଲ୍ ସଂଗ୍ରହ କରାଯାଇ ନଥିଲା। ଏଥିପାଇଁ ସରକାର ଦୂରସଂଚାର କମ୍ପାନୀକୁ ୨୯ କୋଟି ଟଙ୍କାର ଜିଏସ୍‌ଟି କ୍ଷତି ସହିବାକୁ ପଡ଼ିଛି ବୋଲି ମନି ଭାସ୍କର ଡଟ୍ କମ୍‌ରେ ଖବର ପ୍ରକାଶ ପାଇଛି। ଦେଶରେ ଜିଓର ସର୍ବାଧିକ ୪୬.୫୧ କୋଟି ଉପଭୋକ୍ତା ଅଛନ୍ତି। ଡିସେମ୍ବର ମାସ ପାଇଁ TRAI ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଦେଶରେ ଜିଓର ସର୍ବାଧିକ ୪୬.୫୧ କୋଟି ଉପଭୋକ୍ତା ଅଛନ୍ତି। ଏହା ପଛକୁ ଦ୍ୱିତୀୟରେ ରହିଛି ଏୟାରଟେଲ। କମ୍ପାନୀର ଭାରତରେ ୩୮.୫୩ କୋଟି ଗ୍ରାହକ ଥିବା ବେଳେ ତୃତୀୟ ସ୍ଥାନରେ ଥିବା ଭୋଡାଫୋନ ଆଇଡିଆର ଗ୍ରାହକ ସଂଖ୍ୟା ୨୦.୭୨ କୋଟି ଏବଂ ବିଏସଏନଏଲର ୯.୧୭ କୋଟି ଗ୍ରାହକ ରହିଛନ୍ତି। ଦେଶରେ ସାଟେଲାଇଟ୍ ଇଣ୍ଟରନେଟ୍ ଯୋଗାଇବା ପାଇଁ ଷ୍ଟାରଲିଙ୍କ ସହିତ ହାତ ମିଳାଇଲା ଜିଓ ଗତ ମାସରେ, ରିଲାଏନ୍ସ ଜିଓ ସାଟେଲାଇଟ୍ ଇଣ୍ଟରନେଟ୍ ଯୋଗାଇବା ପାଇଁ ଏଲୋନ୍ ମସ୍କଙ୍କ କମ୍ପାନୀ ଷ୍ଟାରଲିଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା। ଷ୍ଟାରଲିଙ୍କ୍ ୧୦୦ରୁ ଅଧିକ ଦେଶରେ ସାଟେଲାଇଟ୍ ମାଧ୍ୟମରେ ଇଣ୍ଟରନେଟ୍ ଯୋଗାଇଥାଏ। ଏହାର ପୃଥିବୀର ନିମ୍ନ କକ୍ଷପଥରେ ୭ ହଜାରରୁ ଅଧିକ ସାଟେଲାଇଟ୍ ସହିତ ସବୁଠାରୁ ବଡ଼ ସାଟେଲାଇଟ୍ ନେଟୱାର୍କ ଅଛି। ଷ୍ଟାରଲିଙ୍କ୍ ଇଣ୍ଟରନେଟ୍ ମାଧ୍ୟମରେ ଷ୍ଟ୍ରିମିଂ, ଅନଲାଇନ୍ ଗେମିଂ, ଭିଡିଓ କଲ୍ ସହଜରେ କରାଯାଇପାରିବ।

# ବିଦେଶରୁ ଭାରତୀୟ ପଠାଇଲେ ୧୨୯.୪ ବିଲିଅନ୍

**ମୁମ୍ବାଇ,୨।୪:** ବିଦେଶରେ ବସବାସ କରୁଥିବା ଭାରତୀୟମାନେ ୨୦୨୪ ମସିହାରେ ଦେଶକୁ ୧୨୯.୪ ବିଲିଅନ ଡଲାର ପ୍ରେରଣ କରିଛନ୍ତି। ଡିସେମ୍ବର ତ୍ରୟମାସରେ ସେମାନେ ୩୬ ବିଲିଅନ ଡଲାର ପଠାଇଛନ୍ତି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାଯାଇଛି। କ୍ରମାଗତଭାବେ ତୃତୀୟବର୍ଷ ପାଇଁ ଭାରତ ରିମିଟାନ୍ସ ବାବଦରେ ୧୦୦ ବିଲିଅନ ଡଲାରରୁ ଅଧିକ ରାଶି ପାଇଛି।୨୫ ବର୍ଷ ଧରି ରିମିଟାନ୍ସ କ୍ଷେତ୍ରରେ ଭାରତ ଅଗ୍ରଣୀ ସ୍ଥାନ ହାସଲ କରିଆସୁଛି। ଗତ ଶତାବ୍ଦୀର ନବେ ଦଶକରେ ସୂଚନା ପ୍ରଯୁକ୍ତି କ୍ଷେତ୍ରର



ସଂପ୍ରସାରଣ ପରେ ବିଦେଶରୁ ଭାରତକୁ ରିମିଟାନ୍ସ ବାବଦ ରାଶି ବଢ଼ିବାରେ ଲାଗିଛି। ୨୦୦୮ ମସିହାରୁ ଭାରତ ଏ କ୍ଷେତ୍ରରେ ଲଗାତାର ଶୀର୍ଷ ସ୍ଥାନରେ ରହିଆସିଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି।

ଭାରତୀୟମାନେ ପୂର୍ବରୁ ଉପସାଗରୀୟ ଦେଶଗୁଡ଼ିକରେ ଅଧିକ ମାତ୍ରାରେ କାମ କରୁଥିଲେ। କିନ୍ତୁ ଦେଶର ଉଚ୍ଚଶିକ୍ଷିତ ଏବଂ କୁଶଳୀ ବ୍ୟକ୍ତିମାନେ ଗତ କିଛି ଦଶନ୍ଧି ହେଲା ଉତ୍ତର ଆମେରିକା ଓ ୟୁରୋପର ବିଭିନ୍ନ ଦେଶରେ ଚାକିରି ଓ ବସବାସ କରୁଛନ୍ତି। ବିଦେଶକୁ ଯାଇ କାର୍ଯ୍ୟ କରୁଥିବା ଭାରତୀୟଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ୧୯୯୦ ମସିହାରେ ଏମାନଙ୍କ ସଂଖ୍ୟା ୬.୬ ନିୟୁତ ଥିବାବେଳେ ୨୦୨୪ରେ ୧୮.୫ ନିୟୁତରେ ପହଞ୍ଚିଛି। ସବୁଦେଶର ଉକ୍ତ ବର୍ଗର ବ୍ୟକ୍ତିଙ୍କ ସଂଖ୍ୟାକୁ ବିଚାରକୁ ନେଲେ ବିଶ୍ୱରେ ଭାରତୀୟ ପ୍ରବାସୀଙ୍କ ସଂଖ୍ୟା ୧୯୯୦ରେ ୪.୩ ପ୍ରତିଶତ ରହିଥିବାବେଳେ ୨୦୨୪ରେ ୬ ପ୍ରତିଶତରୁ ଅଧିକ ହୋଇଛି। ବିଦେଶରେ ଚାକିରି କରିଥିବା ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଅଧା ଉପସାଗରୀୟ ଦେଶଗୁଡ଼ିକରେ ରହୁଛନ୍ତି। ୨୦୨୪ରେ ରିମିଟାନ୍ସ କ୍ଷେତ୍ରରେ ମେକ୍ସିକୋ ୬୮ ବିଲିଅନ ଡଲାର ସହିତ ଦ୍ୱିତୀୟ ସ୍ଥାନରେ ଏବଂ ଚୀନ ୪୮ ବିଲିଅନ ଡଲାର ସହିତ ତୃତୀୟ ସ୍ଥାନରେ ରହିଛି। ୨୦୨୯ ମସିହା ବେଳକୁ ଭାରତର ରିମିଟାନ୍ସ ୧୬୦ ବିଲିଅନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ମହାସମାରୋହରେ ପାଳିତ




**ନବରଙ୍ଗପୁର,୨।୪ (ସଂଚାର ବ୍ୟୁରୋ):** ଗତ କାଲି ତା ୧.୪.୨୦୨୫ ରିଖ ସନ୍ଧ୍ୟା ୭.୦୦ ଘ ସମୟରେ ସ୍ଥାନୀୟ ଶାସ୍ତ୍ରୀ ଭବନ (ଟାଉନ ହଲ) ଠାରେ ଜିଲ୍ଲା ସ୍ତରୀୟ ୯୦ ତମ ଓଡ଼ିଶା ଦିବସ ମହାସମାରୋହରେ ପାଳନ ହୋଇଯାଇଛି। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସ ପାଳନ ମହାସମାରୋହରେ ମୁଖ୍ୟ ଅତିଥି ରୂପେ ଗୌରୀ ଶଙ୍କର ମାଝୀ ମାନ୍ୟବର ବିଧାୟକ, ନବରଙ୍ଗପୁର, ବିଶିଷ୍ଟ ଅତିଥି ରୂପେ ମନୋହର ରନ୍ଧାରୀ ମାନ୍ୟବର ବିଧାୟକ ଡାବୁ ଗାଁ ଓ ସମ୍ମାନୀତ ଅତିଥି ରୂପେ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା, ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍ ଏବଂ ମୁଖ୍ୟବନ୍ଧୁ ତ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।ଅତିଥିଗଣ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶା ର ବରପୁତ୍ରମାନଙ୍କର ନିସ୍ୱାର୍ଥପର ତ୍ୟାଗ, ବଳିଦାନ ଓ ଉଦ୍ୟମ ସମ୍ପର୍କରେ ସ୍ମୃତି ଚାରଣ ସହ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ତଥା ଓଡ଼ିଆଙ୍କ ସ୍ୱାଭିମାନ ଓ ଅସ୍ମିତାକୁ ପାଥେୟ କରି ସ୍ୱପ୍ନର ଓଡ଼ିଶାକୁ ସାକାର କରିବାରେ ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।ଓଡ଼ିଶା ର ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଚଳଣି, ସାହିତ୍ୟ, ଅସ୍ମିତା କୁ ବଜାୟ ରଖିବାକୁ ଉଦ୍ୟମ ଜାରି ରଖିବା ସହ ଏହାର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତେ ଚେଷ୍ଟା କରିବାକୁ ମତ ପ୍ରକାଶ ପାଇଥିଲା। ଏହି ଦିବସ ପାଳନ ଅବସରରେ ସକାଳ ୫.୦୦ ଘ ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରରେ ଉତ୍କଳ ବନ୍ଦନା ତଥା ଦେଶାତ୍ମବୋଧକ ସଙ୍ଗୀତ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପରିବେଷଣ ହୋଇଥିଲା।ସକାଳ ୭.୦୦ ମି ସମୟରେ ସହରରେ ଅବସ୍ଥାପିତ ୧୩ ଗୋଟି ଓଡ଼ିଶା ର ବରପୁତ୍ର ଏବଂ ମହାପୁରୁଷ ପ୍ରତିମୂର୍ତ୍ତି ଠାରେ ନିକଟସ୍ଥ ସହରରେ ଉତ୍କଳ ଓ ବିଭାଗୀୟ ଅଧିକାରୀ ଙ୍କ ଗହଣରେ ପୁଷ୍ପମାଲ୍ୟ ଅର୍ପଣ ଓ ପୁଷ୍ପପୂଜା କରାଯାଇଥିଲା।ସ୍ଥାନୀୟ ଆମ୍ବେଦକର ଛକ ନିକଟସ୍ଥ ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳମଣି ଗୋପବନ୍ଧୁ ଦାସ, ବି ଆର୍ ଆମ୍ବେଦକର, ଡ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ଠାରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଛାତ୍ର, ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ସରକାରୀ ଅଧିକାରୀଙ୍କ ଗହଣରେ ପୁଷ୍ପମାଲ୍ୟ ଓ ପୁଷ୍ପପୂଜା କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମ ଟାଉନ ହଲ ଠାରେ ପ୍ରଦୀପ ପ୍ରଜ୍ୱଳନ, ସଭାକାର୍ଯ୍ୟ ପରେ ହାଇସ୍କୁଲ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ପ୍ରତିଯୋଗିତାର ଉତ୍ତିର୍ଣ୍ଣ ପ୍ରତିଯୋଗୀ ତଥା ଖେଟି, ପିଠା ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ଗଣ ସାର୍ଟିଫିକେଟ, ଟ୍ରଫି ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ବିଦ୍ୟାଳୟ, ଅନ୍ୱେଷା କଳାକେନ୍ଦ୍ର, ପୁରୁଷୋତ୍ତମ କଳାକେନ୍ଦ୍ର ଦ୍ୱାରା ଓଡିଶୀ ନୃତ୍ୟ, ଢେମସା, ସମ୍ବଲପୁରୀ, ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।ଯୁଗଳ କିଶୋର ତ୍ରିପାଠୀ ଙ୍କ ସଙ୍ଗୀତ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭ ରେ 'ବନ୍ଦେ ଉତ୍କଳ ଜନନୀ' ଗୀତ ଗାନ କରିଥିଲେ।ଏହି ଅବସରରେ ୩୧ ଓ ୧ ତାରିଖ ରାତ୍ରି ସମୟରେ ଜିଲ୍ଲା ର କୁଞ୍ଜ ଓ ସହରାଞ୍ଚଳ ବିଭିନ୍ନ ସରକାରୀ, ବେସରକାରୀ କୋଠା ମାନଙ୍କରେ ଲିଟ୍ଲ ଲାଇଟ୍ ଦ୍ୱାରା ସୁସଜ୍ଜିତ କରାଯାଇଥିଲା। ସ୍ୱାଗତ ଭାଷଣ ସହ ସଭା କାର୍ଯ୍ୟକ୍ରମ ର ପରିଚାଳନା ଓ ଆୟୋଜନ କରିଥିଲେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ସଞ୍ଚାଳନ କରିଥିଲେ।ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ସଭାରେ ବିଭିନ୍ନ ସ୍କୁଲ ର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, କଳାକାର ଅନୁଷ୍ଠାନ ର କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲରେ ଅବକାରୀ ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ଼ର ଚଢ଼ାଉ, ୮୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**କନ୍ଧମାଳ,୨।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଅବକାରୀ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗୋଛପଡ଼ା ଥାନା ଅନ୍ତର୍ଗତ କଞ୍ଚାମାଇ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ଚଢ଼ାଉ କରିଛନ୍ତି। ଚଢାଉ କରି ଜଙ୍ଗଲରେ ରଖା ଯାଇଥିବା ୩୪ଟି ଗଞ୍ଜେଇ ଭର୍ତ୍ତି ଜରି ଅଖା ବସ୍ତା ଜବତ କରିଛନ୍ତି। ଏହି ୩୪ ବସ୍ତାରୁ ୮ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ମୂଲ୍ୟ ୮୫ ଲକ୍ଷ୍ୟ ଟଙ୍କା ଗଞ୍ଜେଇର ମୂଲ୍ୟ ଥିବା ଜଣା ପଡ଼ିଛି।ସୂଚନା ମୁତାବକ, କନ୍ଧମାଳ ଜିଲ୍ଲା ଅବକାରୀ ସ୍ୱତନ୍ତ୍ର ସ୍କ୍ୱାର୍ଡ ଟିମ୍ ଗୋଛାପଡା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ରଖାଯାଇଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଖବର ପାଇ ଅବକାରୀ ଅଧିକ୍ଷକ ସୁଶାନୁ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ସ୍ୱତନ୍ତ୍ର ଟିମ୍‌ର ଇନସ୍ପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବାଲିଗୁଡା ଅବକାରୀ ଟିମ୍ ସହ ଏକ ୨୦ ଜଣିଆ ଟିମ୍ ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢାଉ କରି ଜଙ୍ଗଲ ମଧ୍ୟରେ ଡାଳ ଘୋଡାଇ ବିକ୍ରି ପାଇଁ ରଖା ଯାଇଥିବା ସମସ୍ତ ଗଞ୍ଜେଇ ଜବତ କରିଛି ଅବକାରୀ ଟିମ୍। ଜଙ୍ଗଲରୁ ମୋଟ ୩୪ଟି ଜରି ଅଖା ବସ୍ତା ଜବତ ହୋଇଛି। ଯେଉଁଥିରେ ୮ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ରହିଥିବା ସୂଚନା ମିଳିଛି।



## ଦିଲ୍ଲୀରେ ସର୍ବଭାରତୀୟ କନଭେନସନ୍




**କଟକ,୨।୪(ସଂଚାର ବ୍ୟୁରୋ):** ଦେଶର ବିଶିଷ୍ଟ ପୂର୍ବତନ ନ୍ୟାୟାଧିଶ, ଆଇନଜୀବୀ ଓ ବିଶିଷ୍ଟ ନାଗରିକମାନଙ୍କର ଏକ ସର୍ବଭାରତୀୟ କନ୍‌ଭେନ୍‌ସନ୍ ନୁଆଦିଲ୍ଲୀ ଗାଲିବ୍ ଇନ୍‌ଷ୍ଟିଚ୍ୟୁଟ ଠାରେ ଗତ କାଲି ଅନୁଷ୍ଠିତ ହୋଇ ସେଣ୍ଟର ଫର ପ୍ରୋଟେକ୍‌ସନ୍ ଅଫ ଡେମୋକ୍ରାଟିକ ରାଇଟ ଆଣ୍ଡ ସିକୁଲାରିଜମ୍ (ସି. ପି.ଡି.ଆର୍.ଏସ୍)ନାମକ ସର୍ବଭାରତୀୟ ମଞ୍ଚ ଗଠିତ ହେବା ସଙ୍ଗେ ସଙ୍ଗେ ଦେଶର ସାଧାରଣ ଲୋକଙ୍କ ଗଣତାନ୍ତ୍ରୀକ ଅଧିକାର, କଥା କହିବାର ଅଧିକାର ଓ ଧର୍ମନିରପେକ୍ଷତାର ଦୃତ ଅବକ୍ଷୟ ହେଉଥିବାରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ସପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି.ଏନ୍. ଶ୍ରୀକୃଷ୍ଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କନ୍‌ଭେନ୍‌ସନ୍‌ରେ ସୁପ୍ରୀମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧରେ ସୁପ୍ରୀମକୋର୍ଟର ସୁନାମଧନ୍ୟ ବରିଷ୍ଠ ଆଇନୀଜୀବୀ ପ୍ରଶାନ୍ତ ଭୂଷଣ ଓ ଡ. ଆଦିତ୍ୟ ସୋନ୍ଧି, ବରିଷ୍ଠ ସାମ୍ବାଦିକ ପ୍ରନଞ୍ଜୟ ଗୁହା ଠାକୁରତା, ବିଶିଷ୍ଟ ସାମାଜିକ କର୍ମୀ ଗୌହର ରାଜା, ବୈଜ୍ଞାନିକ ଜୋସେଫ୍ ମାଥ୍ୟୁ, ସାମାଜିକ କର୍ମୀ ଅନିଲ ନୋରୀୟା, ଦ୍ୱାରୀକାନାଥ ରଥ ଓ କେ.ଶ୍ରୀଧର ପ୍ରମୁଖ ବକ୍ତବ୍ୟ ରଖି ଦେଶରେ ଆଜି ଯେପରି ସରକାରୀ ପ୍ରୋତ୍ସାହନ ରେ ମାନବିକାଧିକାରର ହନନ ଚାଲିଛି ଓ ଧର୍ମନିରପେକ୍ଷତାର ସର୍ବାତ୍ମକ ଉଲଙ୍ଘନ ଚାଲିଛି ସେଥିପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଦେଶରେ ପୋଲିସ ହାଜତରେ ମୃତ୍ୟୁ, ମିଛ ଏନ୍‌କାଉଣ୍ଟର, ଜେଲ ଭିତରେ ଅତ୍ୟାଚାର, ବିଭିନ୍ନ ଦମନକାରୀ ଆଇନ ଲାଗୁକରି ପ୍ରତିବାଦକାରୀମାନଙ୍କୁ ମାସ ମାସ ଧରି କାରାକୋଠରୀରେ ନିକ୍ଷେପ କରିବା, ନାରୀ ଓ ଶିଶୁମାନଙ୍କ ଉପରେ କ୍ରମବର୍ଦ୍ଧମାନ ଅତ୍ୟାଚାର ଓ ସର୍ବୋପରୀ ବିଭିନ୍ନ ପ୍ରକଳ୍ପ ନାମରେ ଗରୀବ, ଦଳିତ ଓ ଆଦିବାସୀମାନଙ୍କୁ ସେମାନଙ୍କ ଭିଟାମାଟି ଓ ଚାଷଜମୀରୁ ଉଚ୍ଛେଦ କରିବା ଅଦି ଘୃଣ୍ୟତମ ଅତ୍ୟାଚାର ଗୁଡିକ ମାତ୍ରାଧିକ ଭାବେ ବୃଦ୍ଧି ପାଇବା ନେଇ କନ୍‌ଭେନ୍‌ସନ୍‌ରେ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର କ୍ଷୋଭପ୍ରକାଶ କରିଥିଲେ। ଏହି ପରିସ୍ଥିତିରେ ଆଗାମୀ ଦିନରେ ଏହା ବିରୋଧରେ ବ୍ୟାପକ ଗଣତାନ୍ତ୍ରୀକ ଗଣଆନ୍ଦୋଳନ ଗଢିତୋଳିବା ପାଇଁ ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ କରିଥିଲେ। ଓଡ଼ିଶାରୁ ବିଶ୍ୱାବସୁ ଦାସ, ପୂର୍ଣ୍ଣ ଚନ୍ଦ୍ର ବେହେରା ଓ ରାଜେନ୍ଦ୍ର ବର୍ମ୍ମା ଙ୍କ ନେତୃତ୍ୱରେ ମାନବାଧିକାର ଓ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା କ୍ଷେତ୍ରରେ କାମ କରୁଥିବା ପ୍ରତିନିଧି ମାନେ ଏହି କନଭେନସନ ରେ ଯୋଗ ଦେଇଥିଲେ।

## ଗୋଚାଲାଣ ଅଭିଯୋଗରେ ୯ ଜଣ ଗିରଫ



**ବୋରିଗୁମ୍ମା,୨।୪(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ପୁଲିସ୍ ଗୋଚାଲାଣ ଅଭିଯୋଗ ରେ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ଏଥି ସହ ୧୬ଟି ଗୋରୁ, ୧୨ଟି ବାଇକ୍ ଓ ଗୋଟିଏ ଆର୍ଟିକା କାର୍ ଜବତ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ ମାନେ ହେଲେ ଚନ୍ଦ୍ର ମୁଦୁଲି, ତ୍ରିପତି ନାଗ, ଇଶ୍ୱର କାତ୍ରାକା, ଦେବାସନ୍ ମାଛ, ଲାଇବନ ହରିଜନ, ଡମ୍ବୁ ହରିଜନ, ପଦଲାମ ହରିଜନ, ଉର୍ଦ୍ଧ୍ୱବ ଜାନୀ ଏବଂ ଗୋବିନ୍ଦ ହରିଜନ। ବୋରିଗୁମ୍ମା ଥାନା କେସ୍ ନଂ ୬୩/୨୫ ଅନୁସାରେ ମାମଲା ରୁଜୁ କରା ଯାଇଛି ତଥା ଭାରତୀୟ ନ୍ୟାୟବିଧି ସଂହିତାର ଧାରା ୩୦୩(୨)/୩୧୭(୨)/୩(୫), ପ୍ରାଣୀ ନିଷ୍ଠୁରତା ଆଇନ୍ କ୍ଲ.ଙ୍ଗ ଧାରା ୧୧(୧)(ବ)(ର)(ସ) ତଥା ଓଡ଼ିଶା ଗୋହତ୍ୟା ନିରୋଧ ଆଇନ୍ ର ଧାରା ୩ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ଜଣା ପଡ଼ିଛି। ପ୍ରକାଶ ଥାଉ କି, ବୋରିଗୁମ୍ମା ଥାନା ନିକଟ ଦେଇ ପ୍ରତି ଦିନ ଶହ ଶହ ଅବାଧ ଭାବେ ଗୋରୁ ଚାଲାଣ ଜାରି ରହିଛି।ଦୀର୍ଘ ଦିନ ପରେ ପୁଲିସ୍ ସକ୍ରିୟ ହେବା ଦେଖା ଦେଇଛି। ସୋମବାର ସନ୍ଧ୍ୟାରେ ଫୁଂଫୁ ଗାଁ ସିଆଡିମାଳ ନିକଟରେ ଚାଲିଥିବା ବେଆଇନ୍ ଗୋରୁ ହାଟ ଉପରେ ବୋରିଗୁମ୍ମା ଏସ୍ଡିପିଓ ସତ୍ୟବ୍ରତ ଲେଙ୍କା ଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା।ଏନେଇ ବୋରିଗୁମ୍ମା ଥାନା ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ଜବତ ଗୋରୁ ମାନଙ୍କୁ ଆଉଁଳି ସ୍ଥିତ ଗୋଶାଳାରେ ରଖା ଯାଇଛି।ଏସ.ଆଇ. ରଚିତା ମାଡକାମୀ ତଦନ୍ତକାରୀ ଅଧିକାରୀ ଅଧିକ ତଦନ୍ତ କରିଥିବା ଜଣାଯାଇଛି।

## ମହୁଲ ଫୁଲର ଅଭାବୀ ବିକ୍ରି



**ସୁବର୍ଣ୍ଣପୁର,୨।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ମହୁଲ ଫୁଲର ଅଭାବୀ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ସର୍ବନିମ୍ନ ସହାୟକ ଦର ଧାର୍ଯ୍ୟ କରାଯାଇଥିବା ୭୨ଟି ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ମହୁଲ ରହିଛି। ପଂଚାୟତ ପକ୍ଷରୁ ମହୁଲ ଫୁଲର ସର୍ବନିମ୍ନ ସହାୟକ ଦର କେଜି ପ୍ରତି ୨୫ ଟଙ୍କା ଧାର୍ଯ୍ୟ କରାଯାଇଛି। ମାତ୍ର ସୁବର୍ଣ୍ଣପୁର ଜିଲ୍ଲାରେ ଏହାର ବଜାର ଅଭାବରୁ ମାତ୍ର ୧୦ ରୁ ୧୫ ଟଙ୍କାରେ କେଜି ପିଛା ବିକ୍ରି ହେଉଛି। ପର୍ଯ୍ୟାପ୍ତ ଗୋଦାମ ଓ ଆବଶ୍ୟକ ଭିତିଭୂମିର ଅଭାବ ଯୋଗୁଁ ଲୋକେ ମହୁଲକୁ ମହଜୁଦ ରଖିପାରୁ ନାହାନ୍ତି। ସରକାରଙ୍କ ନିୟମ ଅନୁଯାୟୀ ମହିଳା ଏସଏଚଜିଙ୍କୁ ଏହାର କ୍ରୟ ଦାୟିତ୍ୱ ଦିଆଯିବାକୁ ଥିଲେ ମଧ୍ୟ ଦଲାଲ ଓ ଅବକାରୀ ବିଭାଗର ମସୁଧା ଯୋଗୁଁ ଏହା କାର୍ଯ୍ୟକାରୀ ହେଉନି। ଦଲାଲଙ୍କ ଗୋଦାମରେ ଅବକାରୀ ବିଭାଗର ପକ୍ଷରୁ ଚଢ଼ାଉ କରାଯାଉ ନାହିଁ। ଓଲଟା ସେମାନଙ୍କ ଠାରୁ ହାତଗୁଞ୍ଜା ନେଇ ଦେଶୀ ମଦଭାଟିକୁ ସୁହାଇଲା ଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗରିବ ଲୋକଙ୍କ ପାଇଁ ମହୁଲ ସଂଗ୍ରହ ଜୀବନ ଜୀବିକା ପାଲଟିଥିବା ବେଳେ ଦଲାଲଙ୍କ ଯୋଗୁଁ ଉପଯୁକ୍ତ ମୂଲ୍ୟ ପାଉ ନାହାନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ଦିନକୁ ଦିନ ମଦଭାଟି ସଂଖ୍ୟା ବୃଦ୍ଧି ପାଇବା ସହିତ ମଦରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି। ଜିଲ୍ଲାର ଉଲୁଣ୍ଡା, ବୀରମହାରାଜପୁର, ତରଭା, ସୋନପୁର ଅଞ୍ଚଳରେ ଥିବା ଗାଁ ମାନଙ୍କରୁ ଲୋକ ମାନେ ମହୁଲ ସଂଗ୍ରହ କରିଥାନ୍ତି। ଗ୍ରାମାଚଂଳରେ ମଦଭାଟି ମାଲିକମାନେ କିଛି ଲୋକଙ୍କୁ ରଖି ଆଗୁଆ କମ୍ ଦରରେ ମହୁଲ କିଣି ଗଚ୍ଛିତ ରଖୁଛନ୍ତି। ମହୁଲ କ୍ରୟ ଓ ବିକ୍ରୟ ଉପରେ ଜିଲ୍ଲାର ସମସ୍ତ ପଂଚାୟତର ଜନପ୍ରତିନିଧି ଓ କିଛି ସରକାରୀ କର୍ମଚାରୀଙ୍କୁ ନେଇ କମିଟି ହେବାକୁ ଥିବାବେଳେ ଏଥିରେ ମଧ୍ୟ ବ୍ୟତିକ୍ରମ ଦେଖାଦେଇଛି।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

**ସୁନ୍ଦରଗଡ଼,୨।୪(ସଂଚାର ବ୍ୟୁରୋ):** ବୁଧବାର ସକାଳ ୮ ଟା ସମୟରେ ଲେଫ୍ରିପଡଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ସର୍ଗିପାଲିରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଲେଫ୍ରିପଡଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆତଶି ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟା ଅଞ୍ଜଳି ଘୋଷ, ସର୍ଗିପାଲି ଜମିଦାର ପ୍ରତାପ ନାରାୟଣ ସିଂ ଯୋଗଦାନ କରିଥିଲେ। ପ୍ରଥମେ ସମସ୍ତ ଅତିଥି ମାନଙ୍କୁ ଭଜନ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଅତି ଉତ୍ସାହର ସହିତ ସ୍ୱାଗତ କରାଯାଇଥିଲା। ପୁରୋହିତ ଗତିକୃଷ୍ଣ କର ୬ ଜଣ ଶିଶୁ ମାନଙ୍କୁ ଖଡ଼ିଛୁଆଁ କରି ପୂଜା ଅର୍ଚ୍ଚନା କରିଥିଲେ। ପରେ ଅତିଥି ମାନଙ୍କ ଦ୍ୱାରା ସମସ୍ତ ଶିଶୁ ମାନଙ୍କୁ ଗୋଟିଏ ଲେଖାଏଁ ସ୍କୁଲ ବ୍ୟାଗ କିଟ୍ ପ୍ରଦାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଟେଲ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ବଲ୍ଲଭ କୁସୁମ ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ଶ୍ରୀ ସିଂ ଙ୍କ ବକ୍ତବ୍ୟରେ ସରକାରଙ୍କ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ମାନଙ୍କ ପ୍ରତି ଏକ ଭଲ ପଦକ୍ଷେପ, ଯଦ୍ୱାରା ଛାତ୍ର ଛାତ୍ରୀ ମାନେ ଉତ୍ସାହିତ ହୋଇ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇ ଅଧୟନ କରିବେ। ଦିଆମୁଣ୍ଡା କ୍ଲଷ୍ଟର ଆଞ୍ଚଳିକ ସଂଯୋଜକ ବୀର କିଶୋର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁରସିଙ୍ଗ ୟୁପି ସ୍କୁଲରେ ପ୍ରବେଶ ଉତ୍ସବ



**ନର୍ଲା,୨।୪(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ମୁର୍ସିଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଗ୍ରାମର ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ବିଦ୍ୟାଳୟକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇ ହୋମ ଯଜ୍ଞ କରାଯାଇଥିଲା। ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ଫାଟକରେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ଶ୍ରେଣୀ କକ୍ଷକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ନୂଆ କରି ପାଠ ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ଅପ୍ରେଲ ୨ରେ 'ଶିଶୁ ବାଟିକା' ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି ଓଡ଼ିଶା ସରକାର। ଏହିସହ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ମଧ ଆୟୋଜିତ ହେଉଛି।

## ଓଡ଼ିଶା ଦିବସ ଅନୁଷ୍ଠିତ




**ହିଞ୍ଜିଳିକାଟୁ,୨।୪ (ସଂଚାର ବ୍ୟୁରୋ):** ସ୍ଥାନୀୟ ଆର.ଏମ.ସି ଛକ ଠାରେ ଓଡ଼ିଆ ଭାଷା ସାହିତ୍ୟ ସମିତି, ଓଡ଼ିଶା ତରଫରୁ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟା ସୁଶ୍ରୀ ଲିଜାରାଣୀ ସାହୁଙ୍କ ସଂଯୋଜନାରେ ଆଗାମୀ ଓଡ଼ିଶା ସତ୍ରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରଥମରୁ ଦଶମ ଶ୍ରେଣୀର ବିଦ୍ୟାର୍ଥୀ ମାନେ 'ମୋ ସ୍ୱପ୍ନର ଓଡ଼ିଶା' ଶୀର୍ଷକରେ ଆଲୋଚନା କରିଥିଲେ। ସେହିପରି ଅନୁଷ୍ଠାନର ଉପ-ସଭାନେତ୍ରୀ ରୀତାଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ସତ୍ରରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ଡଃ. ହୃଷିକେଶ ପଣ୍ଡା, ସମ୍ମାନୀତ ଅତିଥି ଭାବରେ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରସ୍ୱତୀ ସେଠୀ ଏବଂ ହିଞ୍ଜିଳିକାଟୁ ପୌର ପରିଷଦ ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଆକାଶ ପଟ୍ଟନାୟକ ବନ୍ଦେ ଉତ୍କଳ ଜନନୀକୁ ଅମର୍ଯ୍ୟାଦିତ କରିଥିବା ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଏକ ସାର୍ବଜନୀନ ନିନ୍ଦା ପ୍ରସ୍ତାବ ଆଗତ କରିବା ସହ ଓଡ଼ିଆ ଏବଂ ଓଡ଼ିଶା ବିରୋଧୀ ମାନସିକତାକୁ ତୀବ୍ର ଭର୍ତ୍ସନା କରିଥିଲେ। ବିଭାଜନକାରୀ ଶକ୍ତି ମାନଙ୍କୁ ନିୟନ୍ତ୍ରିତ କରି ପୂର୍ବଜଙ୍କ ତ୍ୟାଗ ସିକ୍ତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶକୁ ଭାଙ୍ଗିବାକୁ ବିରତ ରହିବାକୁ କହିଥିଲେ। ଅନ୍ତିମ ସତ୍ରରେ ଅନୁଷ୍ଠାନର ଉପ ସଭାପତି ବ୍ରହ୍ମକୁମାର ନିତ୍ୟାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବରେ ବରିଷ୍ଠ ସାମ୍ବାଦିକ ଦ୍ୱିତିକୃଷ୍ଣ ସାବତ, ଅବସରପ୍ରାପ୍ତ ଅଧ୍ୟକ୍ଷ ଅରବିନ୍ଦ ପଣ୍ଡା ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଶିକ୍ଷକ ତଥା ସାହିତ୍ୟିକ ଦେବବ୍ରତ ପଟ୍ଟନାୟକ କବିତା ଗୁଡ଼ିକୁ ସଂଯୋଜନା କରିଥିଲେ। ସମିତିର ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଚିନ୍ମୟ ପୋଲାଇ ମଞ୍ଚ ସଞ୍ଚାଳନ କରିଥିଲେ।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଶିଶୁବାଟିକାର ଶୁଭାରମ୍ଭ

**ହିଞ୍ଜିଳିକାଟୁ,୨।୪ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ କଞ୍ଚୁରୁ ପି. ଏମଶ୍ରୀ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ବୁଧବାର ଦିନ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଳିତ ହେବା ସହ ଶିଶୁବାଟିକାର ଶୁଭାରମ୍ଭ ହୋଇଯାଇଛି।ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଏଲ୍.ଗୌରୀ ଆଚାରୀଙ୍କ ସଭାପତିତ୍ୱ ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ, ବ୍ରହ୍ମପୁରର ଅଧକ୍ଷ ମହନ୍ତ ଡଃ.ହରିହର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଦନ ମୋହନ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଜୟସେନ ମହାନ୍ତି ଆଦି ଯୋଗ ଦେଇ ଶିକ୍ଷାର ମାନଦଣ୍ଡ ସମୃଦ୍ଧିରେ ସରକାରଙ୍କ ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବେ ସହାୟକ ହେବ ବୋଲି ଦୃଢ଼ ମତ ପୋଷଣ କରିଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ନବାଗତ ଶିଶୁମାନେ ମନଭରି ଉପଭୋଗ କରିଥିଲେ।ଶିକ୍ଷକ ଚିନ୍ମୟ ପୋଲାଇ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ପର୍ବ ପାଳିତ

**ଦଶରଥପୁର,୨।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଆଜି ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟପ୍ରକାଶ ନାୟକ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଖଗେଶ୍ୱର ସାହୁ, ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟତ୍ରୀ ସ୍ନେହାଞ୍ଜଳି ଯେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ଯୋଗଦେଇ ଆଜି ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀରେ ନାମ ଲେଖାଇ ଥିବା କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ, ଚନ୍ଦନ ଓ ଫୁଲ ତୋଡ଼ା ଦେଇ ସ୍ୱାଗତ କରିବା ସହ ସେମାନଙ୍କୁ ଲଡ୍ଡୁ ଏବଂ ମିଷ୍ଟାନ୍ନ ଖାଇବା ପାଇଁ ଦେଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ଭବାନୀପାଟଣା,୨।୪(ସଂଚାର ବ୍ୟୁରୋ):** କୋକସରା ବ୍ଲକ କାଉଡୋଳା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୁଦ୍ରାକ୍ଷର ନାଏକ ଙ୍କୁ ବୁଧବାର ସ୍କୁଲ ପରିସରରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ସୀତାକାନ୍ତ ପଣ୍ଡା ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ଜବାହାର ଉଚ୍ଚ ବିଦ୍ୟାଳୟ କୋକସରା ର ପ୍ରଧାନ ଶିକ୍ଷକ ସୁଧିର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କାଉଡୋଳା ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ଭବାନୀଶଙ୍କର ଠାକୁର, ସୁଶାନ୍ତ କୁମାର ସାହୁ , କେନ୍ଦୁଡଙ୍ଗରି ହାଇସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ନିଳୀମା ନାଏକ , ମାଝିଗୁଡ଼ା ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଦିର୍ଘ ୩୭ ବର୍ଷ ଧରି ଶିକ୍ଷା ର ଆଲୋକ ବର୍ତ୍ତିକା ଜାଳିଥିବା ନିଷ୍ଠାପର, ମେଳାପୀ, ଛାତ୍ର ବତ୍ସଳ ଶିକ୍ଷକ ଙ୍କ ସ୍କୁଲ ପାଇଁ ଅବଦାନ କୁ ମନେ ପକାଇବା ସହ ତାଙ୍କ ଅବସର ଜୀବନ ର ମଙ୍ଗଳକାମନା କରିଥିଲେ। କାର୍ଯ୍ୟକ୍ରମ କୁ କାଉଡୋଳା ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶ୍ରୀକାନ୍ତ ଖମାରି, ଉପେନ୍ଦ୍ର ଅଗସ୍ତି ସମେତ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ

**କଳିଙ୍ଗନଗର,୨।୪(ସଂଚାର ବ୍ୟୁରୋ):** ଆଜି ଦାନଗଦୀ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ନୂତନ ପିଲାଙ୍କୁ ଖଡ଼ି ଛୁଆଁ ହୋଇଛି, ବିଦ୍ୟାଳୟ ମାନଙ୍କରେ ସେଫି ପଏଣ୍ଟ ହେବା ସହ ସୁନ୍ଦର ଭାବେ ସାଜସଜ୍ଜା ହୋଇଥିଲା, ମାରୁଟିକର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ହୋଇଯାଇଛି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ଗେଡିଙ୍କର ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ନୂତନ ଶିଶୁ ମାନଙ୍କୁ ବିଦ୍ୟାଳୟକୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରି ମିଷ୍ଟାନ ଖୁଆଇ ଖଡ଼ି ଛୁଆଁ ଯାଇଥିଲା, ଶିଶୁ ବାଟିକା ର ଶୁଭାରମ୍ଭ ସହ ସଭିଏଁ କିପରି ବିଦ୍ୟାଳୟ ପ୍ରତିଦିନ ଆସିବେ ସେ ବିଷୟରେ ସଚେତନତା କରାଯାଇଥିଲା, ଏହି ଉତ୍ସବରେ ବିଦ୍ୟାଳୟର କନିଷ୍ଠ ଶିକ୍ଷୟତ୍ରୀ ପ୍ରୀତିମୟୀ ଦାସ ଓ ନିହାରିକା ନାୟକ ସହଯୋଗ କରିଥିଲେ, ଏହି ଉତ୍ସବରେ ଅଭିଭାବକ ଓ ଶିଶୁ ମାନେ ଯୋଗ ଦେଇ ବହୁତ ଆନନ୍ଦିତ ହୋଇଥିଲେ ।

## ଠାକୁରାଣୀ ଯାତ୍ରାଞ୍ଚଳ ବୁଲି ସମୀକ୍ଷା କଲେ ମେୟର ଓ କମିଶନର



**ବ୍ରହ୍ମପୁର,୨।୪(ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ବ୍ରହ୍ମପୁରର ମା ବୁଢ଼ୀ ଠାକୁରାଣୀ ଯାତ୍ରାକୁ ନେଇ ପ୍ରସ୍ତୁତି ଜୋରଦାର ଚାଲିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ମା'ଙ୍କ ଆଗମନ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ବିଶେଷ କରି ବ୍ରହ୍ମପୁର ମହାନଗର ନିଗମ ପୂର୍ବରୁ ପ୍ରସ୍ତୁତିକୁ ଖୁବ୍ ଗୁରୁତ୍ୱ ଦେଇଛି। ଗୁରୁବାର ମଧ୍ୟରାତ୍ରରେ ମୁଖ୍ୟ ମନ୍ଦିରରୁ ବିରାଟ ପଟୁଆରରେ ବାହାରି ମା ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଆସ୍ଥାୟୀ ମଣ୍ଡପ ବା ବାପ ଘରକୁ ଯିବେ। ଏହା ପୂର୍ବରୁ ବିଏମସି ମେୟର ସଂଘମିତ୍ରା ଦଳେଇ ଏବଂ କମିଶନର ଭବାନୀ ଶଙ୍କର ମିଶ୍ର ବୁଧବାର ସନ୍ଧ୍ୟାରେ ଯାତ୍ରାଞ୍ଚଳ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଯାତ୍ରା ଅଂଚଳରେ ପାନୀୟ ଜଳ ଠାରୁ ଆରମ୍ଭ କରି ପରିମଳ ବ୍ୟବସ୍ଥାର ତଦାରଖ କରିଥିଲେ ଉଭୟ ମେୟର ଓ କମିଶନର। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଟି କିଶୋର ପାତ୍ର,ଯାତ୍ରାର ମୁଖ୍ୟ ପରିଚାଳକ ପି. ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ସମେତ ସିଟି ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



**ବେତନଟୀ,୨।୪(ସଂଚାର ବ୍ୟୁରୋ):** ରାଜ୍ୟସରକାର ଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସାରା ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଓ ଶିଶୁବାଟିକା କାର୍ଯ୍ୟକ୍ରମର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଯାଇଛି।ଏହି କାର୍ଯ୍ୟକ୍ରମ ଓଡିଶାର ପ୍ରତ୍ୟେକ ଜିଲ୍ଲା ର ବ୍ଲକସ୍ତରୀୟ ଭାବେ ପାଳିତ କରାଯାଉଛି। ସେହିପରି ବେତନଟୀ ବ୍ଲକ ଅଧିନ ସଠିଲୋ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ପ୍ରବେଶିକା ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମର ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆଗାମୀ ଚାରି ଦିନ ଧରି ଚାଲୁରହିବା ନେଇ ସୂଚନା ମିଳିଛି। ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଲବ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ସମ୍ମାନୀୟ ଅତିଥି ଭାବେ ବେତନଟୀ ୩୫ ଜୋନ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସଠିଲୋ ସମିତି ସଭ୍ୟ କିଶୋର ନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୋପାଳ ସେନାପତି, ଅପର୍ଣ୍ଣା ସାହୁ, ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ଯୁବନେତା ଚନ୍ଦ୍ରଶେଖର ବେରା, ଶିକ୍ଷୟତ୍ରୀ ରଶ୍ମିତା ଭୂୟାଁ ଉପସ୍ଥିତ ରହି ଅନୁଷ୍ଠାନିକ ଭାବେ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ।






# କେତେ ବିପଜ୍ଜନକ ବୋତଲ ପାଣି !



ର୍ଘକାଳୀନ ଯାତ୍ରାରେ ବା ଭୀଷଣ ଖରା ବେଳେ ଶୋଷ ଲାଗିଲେ ଆଖପାଖ ଦୋକାନରେ ସହଜରେ ମିଳୁଥିବା ସିଲ୍‌ମରା ପାଣି ବୋତଲ କିଣି ପିଇଦେଲେ ତୃଷା ମେଣ୍ଟିବା ସହ ଶରୀରର ଆର୍ଦ୍ରତା ଠିକ୍ ହୋଇଯାଇଥାଏ। ମାତ୍ର ଖାଲି ଆଖିକୁ କାଚକେନ୍ଦୁ ପରି ସ୍ୱଚ୍ଛ ଦେଖାଯାଉଥିବା ପ୍ଲାଷ୍ଟିକ୍ ବୋତଲ ପାଣିରେ କ'ଣ ସବୁ ଲୁଚି ରହିଛି, ତାହା ଜାଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ। ପ୍ରକୃତରେ ସେହି ନିର୍ମଳ ଦେଖାଯାଉଥିବା ଜଳ ଭିତରେ ଅନେକ ବିପଦ ଛପି ରହିଥାଏ, ଯାହା ବିଭିନ୍ନ ଦିଗରୁ ଆମ ସ୍ୱାସ୍ଥ୍ୟ ପାଇଁ ଭୀଷଣ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ସେହି ସିଲ୍‌ମରା ବୋତଲ ପାଣିର କିଛି ନକାରାତ୍ମକ ପ୍ରଭାବ ବାବଦରେ ଆଲୋଚନା କରିବା।

ସବୁଠୁ ଚିନ୍ତାଜନକ ହେଲା, ବୋତଲ ପାଣିରେ ଭରି ରହିଥିବା ବିପଜ୍ଜନକ ରାସାୟନିକ ପଦାର୍ଥ। ଜଳକୁ ସୁରକ୍ଷିତ ରଖୁଥିବା ସେହି ପ୍ଲାଷ୍ଟିକ୍ ବୋତଲଗୁଡ଼ିକ ସାଧାରଣତଃ ପଲିଇଥିଲିନ୍ ଟେରିଅଫ୍‌ଥାଲେଟ୍ (ପିଇଟି ବା ପେଟ୍) ନାମକ ପଦାର୍ଥରେ ନିର୍ମିତ। ତାପମାତ୍ରା ବଢ଼ିଲେ ପେଟ୍‌ରୁ ଆଣ୍ଟିମନି ଓ ଅଫ୍‌ଥାଲେଟ୍ ପରି ରାସାୟନିକ ନିର୍ଗତ ହୋଇ ବୋତଲ ଭିତର ପାଣିରେ ମିଶିଥାଏ। ଏହି ରାସାୟନିକ ପଦାର୍ଥଗୁଡ଼ିକ ଆମ ଅନ୍ତଃସ୍ରାବୀ କ୍ରିୟାରେ ବାଧା ଉପୁଜାଇବା ସହ ନାନା ପ୍ରକାର ପ୍ରଜନନ ସମସ୍ୟା ଆଣିଥାନ୍ତି। ସେହିପରି ନାମୀଦାମୀ ପାଣି ବୋତଲରେ ମଧ ଅଗଣିତ ଅଣୁପ୍ଲାଷ୍ଟିକ ରହିଥାଏ। ଏହି ଅଣୁପ୍ଲାଷ୍ଟିକ୍ ଟୁକୁଡ଼ାଗୁଡ଼ିକ ଶରୀରରେ ପ୍ରଦାହ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଆଣିଥାଏ। ପ୍ରାକୃତିକ କଳ ପାଣିରେ ରହିଥିବା କ୍ୟାଲସିଅମ୍ ଓ ମାଗ୍ନେସିଅମ୍ ପରି ଅନେକ ଉପକାରୀ ଖଣିଜ ଏହି ବୋତଲପାଣିରେ ନଥାଏ। କାରଣ ବୋତଲ ପାଣିକୁ ମାତ୍ରାଧିକ ପରିସ୍ରବଣ କରାଯାଉଥିବାରୁ ସେଥିରୁ ଏହି ସବୁ ଖଣିଜ ପଦାର୍ଥ ଛାଣି ହୋଇ ରହିଯାଇଥାଏ। ତେଣୁ ବୋତଲପାଣି ଅପେକ୍ଷା କଳପାଣି ଅଧିକ ସ୍ୱାସ୍ଥ୍ୟାନୁକୂଳ। ବିଭିନ୍ନ କମ୍ପାନିର ଏହି ବୋତଲ ପାଣି ଯେତେ ପରିଷ୍କୃତ ଓ ଜୀବାଣୁମୁକ୍ତ ବୋଲି ଦାବି କରାଯାଉଥିଲେ ହେଁ ସେଥିରେ ଅନେକ ସଂକ୍ରମଣକାରୀ ବୀଜାଣୁ ରହିଥିବା ପରୀକ୍ଷାନିରୀକ୍ଷାରୁ ଜଣାପଡ଼ିଛି। ତେଣୁ ତାହା ଶରୀରକୁ ଯାଇ ପାକସ୍ଥଳୀ ସଂକ୍ରମଣ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ସର୍ବୋପରି ପ୍ଲାଷ୍ଟିକ୍ ବୋତଲ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଅନ୍ୟତମ ପ୍ରମୁଖ କାରଣ ସାଜୁଛି। ବୋତଲ ନିର୍ମାଣ ପ୍ରକ୍ରିୟାରେ ବାୟୁମଣ୍ଡଳକୁ ଅଙ୍ଗାର ନିର୍ଗମନ ବଢ଼ିଥାଏ। ସେହିପରି ବର୍ଜ୍ୟ ବୋତଲଗୁଡ଼ିକ ବିଘଟିତ ହେବାକୁ ଶହଶହ ବର୍ଷ ଲାଗୁଥିବାରୁ ତାହା ଜମା ହୋଇ କଳ୍ପନାତୀତ ପରିବେଶ ପ୍ରଦୂଷଣ ସୃଷ୍ଟି କରିଥାଏ।

**ବୋତଲ ପାଣି ଜୀବାଣୁମୁକ୍ତ ବୋଲି ଦାବି କରାଯାଉଥିଲେ ହେଁ ସେଥିରେ ଅନେକ ସଂକ୍ରମଣକାରୀ ବୀଜାଣୁ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି।**

# ବ୍ରଣର ଘରୋଇ ଉପଚାର

ଚର୍ମରେ ଥିବା ଛିଦ୍ର ବା ଲୋମକୂପ ଅତ୍ୟଧିକ ତୈଳ, ମୃତ ଜୀବକୋଷ ଓ ବୀଜାଣୁ ଦ୍ୱାରା ଭର୍ତ୍ତି ହୋଇଗଲେ ଆମ ଶରୀରର ରୋଗପ୍ରତିରୋଧକ ପ୍ରଣାଳୀ ସେହି ସ୍ଥାନର ସଂକ୍ରମଣ ସହ ଲଢ଼ିବା ପାଇଁ ସେଠାକୁ ଗୁଡ଼ାଏ ଶ୍ୱେତ ରକ୍ତ କଣିକା ପଠାଇଥାଏ। ଏହି ପ୍ରତିକ୍ରିୟା ଯୋଗୁଁ ସଂପୃକ୍ତ ଚର୍ମ ଲାଲ୍ ପଡ଼ିଯାଏ ଓ ଫୁଲିଯାଏ। ବେଳେ ବେଳେ ତାହା ଯନ୍ତ୍ରଣାଦାୟକ ହୋଇଥାଏ। ଏହାକୁ ଆମେ ବ୍ରଣ କହିଥାଉ। ବ୍ରଣର ମୁକାବିଲା ପାଇଁ କିଛି ଘରୋଇ ଉପଚାର ବାବଦରେ ଜାଣିବା।

- ଲାଲ୍ ପଡ଼ିଥିବା ସ୍ଥାନରେ ୫ରୁ ୧୦ ମିନିଟ୍ ବରଫ ମାଲିସ୍ କଲେ ଆରାମ ମିଳିପାରିବ। ଏହା ପ୍ରଦାହ କମାଇ ଠୁଳ ହୋଇଥିବା ରକ୍ତକଣିକାଗୁଡ଼ିକୁ ପତଳା କରିବା ସହ ସେଠାକୁ ରକ୍ତ ପ୍ରବାହ ମଧ ସୁଗମ କରିଦେଇଥାଏ। ଫଳରେ ଫୁଲା ସମେତ ଲାଲ୍ ରଙ୍ଗ ମଧ ଅପସରିଯାଏ।
- ବ୍ରଣ ଉପରେ ଘି'କୁଆଁରୀର ବହଳ ରସର ଏକ ପତଳା ପ୍ରଲେପ ବୋଳି ୨୦ ମିନିଟ୍ ଛାଡ଼ିଦେଲେ ଉପଶମ ମିଳିପାରିବ।
- ଗ୍ରିନ୍ ଟି' ବ୍ରଣ କମାଇବାରେ ସହାୟକ ହୋଇପାରିବ। ଗ୍ରିନ୍ ଟି'ର ଆଣ୍ଟିଅକ୍ସିଡାଣ୍ଟ୍ ଓ ଆଣ୍ଟିଇନ୍‌ଫ୍ଲାମାଟୋରି ଗୁଣ ଲାଲ ଦାଗ ଦୂର କରି ତ୍ୱଚାକୁ ନରମ କରିଦେଇଥାଏ। ଓଟ୍ ବା ଯଅର ଏକ ଆସ୍ତରଣକୁ ଉପଶମ ଲାଗି ବ୍ୟବହାର କରିହେବ। ତାହାର ମଧ ଆଣ୍ଟି ଇନ୍‌ଫ୍ଲାମାଟୋରି ଗୁଣ ରହିଛି।
- ବ୍ରଣ ଉପରେ ମହୁର ଏକ ପ୍ରଲେପ ଲଗାଇଲେ ମଧ ଅନୁରୂପ ଫଳ ମିଳିପାରିବ। ତାହାର ବୀଜାଣୁବିରୋଧୀ ଗୁଣ ବ୍ରଣ ଦୂର କରିଥାଏ।
- ବ୍ରଣ ସ୍ଥାନରେ ୧୦ରୁ ୧୫ ମିନିଟ୍ ପତଳା କାକୁଡ଼ି ଖଣ୍ଡ ଲଗାଇଲେ ଆରାମ ମିଳିଥାଏ। କାକୁଡ଼ିର ଜଳୀୟ ଅଂଶ ଓ ଭିଟାମିନ୍ ସି' ତ୍ୱଚାକୁ ଆର୍ଦ୍ର କରିବା ସହ ପ୍ରଦାହ ସହ ଲାଲ୍ ରଙ୍ଗ ଦୂରେଇଦେଇଥାଏ।



# ଚର୍ମର ସୁରକ୍ଷା କବଚର ଯତ୍ନ



ଆମ ଚର୍ମର ବାହ୍ୟ ଆବରଣକୁ 'ଷ୍ଟ୍ରାଟମ୍ କର୍ଣ୍ଣିଅମ୍' କୁହାଯାଏ, ଯାହା ବିଭିନ୍ନ ବୀଜାଣୁ, ପ୍ରଦୂଷକ, ଧୂଳି ଓ ବିଷାକ୍ତ ପଦାର୍ଥ ଠାରୁ ଚର୍ମକୁ ସୁରକ୍ଷା ଯୋଗାଇଥାଏ। ଏହା ମଧ ଜଳୀୟକଣାକୁ ଧରିରଖିବା ସହ ତ୍ୱଚାକୁ ଶୁଷ୍କ ହେବାକୁ ନଦେଇ ତାହାକୁ ସୁସ୍ଥ ତଥା ଦୀର୍ଘଜୀବୀ କରିଥାଏ। ତେଣୁ ଏକ ସୁନ୍ଦର ତଥା ସୁସ୍ଥ ତ୍ୱଚା ପାଇଁ 'ଷ୍ଟ୍ରାଟମ୍ କର୍ଣ୍ଣିଅମ୍' ବା 'ଚର୍ମ ପ୍ରତିବନ୍ଧକ'ର ଯତ୍ନ ନେବା ନିହାତି ଜରୁରି। ତାହାର କିଛି ସହଜ ଉପାୟ ବାବଦରେ ଜାଣିବା।

ମୁଖମଣ୍ଡଳ ଚର୍ମକୁ ସଫା କରିବା ଲାଗି ମଧମ ଧରଣର ତଥା ସଲ୍‌ଫେଟ୍ ରହିତ ଫେସ୍‌ୱାସ୍ ବ୍ୟବହାର କରିବା ଉଚିତ, ଯାହା ଚର୍ମର ପ୍ରାକୃତିକ ତୈଳ କ୍ଷରଣରେ ବାଧା ଉପୁଜାଇବ ନାହିଁ। ନଖଉଷୁମ ପାଣିରେ ସକାଳେ ଥରେ ଓ ରାତିରେ ଶୋଇବା ପୂର୍ବରୁ ଥରେ- ଏମିତି ଦିନକୁ ଦୁଇଥର ମୁହଁ ଧୋଇଲେ ଭଲ। ମୁହଁ ଧୋଇଲା ପରେ ବା ଚର୍ମ ଶୁଖିଲା ଲାଗିଲେ ନିଜ ଚର୍ମକୁ ସୁହାଇଲା ଭଳି ମଏଶ୍ଚରାଇଜର୍ ମାଲିସ୍ କରିବା ଉଚିତ। ମଏଶ୍ଚରାଇଜର୍ କିଣିବା ବେଳେ ସେଥିରେ ହାୟାଲୁରୋନିକ୍ ଅମ୍ଳ, ଗ୍ଲିସେରିନ୍ ଓ ସିରାମିଆଡ୍‌ସ ପରି 'ଚର୍ମ ପ୍ରତିବନ୍ଧକ'କୁ ସଶକ୍ତ କରୁଥିବା ଉପାଦାନର ଉପସ୍ଥିତି ସୁନିଶ୍ଚିତ କରନ୍ତୁ। ଚର୍ମକୁ ପରିଷ୍କାର କରିବା ଲାଗି ସପ୍ତାହକୁ ଥରେ କିମ୍ବା ସର୍ବାଧିକ ଦୁଇ ଥର ଏକ୍ସଫୋଲିଏସନ୍ କଲେ ଭଲ। ମାତ୍ରାଧିକ ଏକ୍ସପୋଲିଏସନ୍ ଚର୍ମ ପ୍ରତିବନ୍ଧକରେ କ୍ଷତି ପହଞ୍ଚାଇଥାଏ। ସେହିପରି ପ୍ରତ୍ୟହ ସନ୍‌ସ୍କ୍ରିନ୍ ଲେପନ କରିବା ଭଲ। ଖରାରେ ବାହାରେ ବୁଲିବା ବେଳେ କି ସନ୍ତରଣ ପରେ କି ଝାଳ ବାହାରିବା ପରେ ପ୍ରତି ଦୁଇଘଣ୍ଟାରେ ଥରେ ସନ୍‌ସ୍କ୍ରିନ୍ ଲଗାଇଲେ ସୂର୍ଯ୍ୟର କ୍ଷତିକାରଣ ଅତିବାଇଗଣୀ ରଶ୍ମିରୁ ତ୍ୱଚାକୁ ସୁରକ୍ଷା ମିଳିପାରିବ। ସେହିପରି ଭିଟାମିନ୍ ସି, ଭିଟାମିନ୍ ଇ ଓ ନିଆସିନାମାଇଡ୍ ପରି ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ କ୍ରିମ୍ ଲଗାଇବା ଦ୍ୱାରା 'ଚର୍ମ ପ୍ରତିବନ୍ଧକ'କୁ ନଷ୍ଟ କରିଦେଉଥିବା ଫ୍ରି-ରାଡିକାଲ୍ କବଳରୁ ତ୍ୱଚାକୁ ସୁରକ୍ଷିତ ରଖିହେବ। ଅପରପକ୍ଷେ, କୌଣସି ପ୍ରକାର ଆଲ୍‌କୋହୋଲ୍ ସଂପନ୍ନ କି ସୁଗନ୍ଧଯୁକ୍ତ କି ତୀବ୍ର ପ୍ରିଜର୍ଭେଟିଭ୍ ପଦାର୍ଥ ଥିବା ମଲମ ଚର୍ମରେ ମାରିବା ଅନୁଚିତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ଚର୍ବିଳାମ୍ଳ, ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟପୂର୍ଣ୍ଣ ଚର୍ବିଳ ମାଛ, ପନିପରିବା, ଫଳମୂଳ ଓ ଶୁଷ୍କ ଫଳ ଆଦି ସାମିଲ ଥିବା ସନ୍ତୁଳିତ ଆହାର ଭୋଜନ କରିବା। ସେହିପରି ଦିନକୁ ଅତି କମ୍‌ରେ ୮ କପ୍ ପାଣି ଗ୍ରହଣ କରି ଚର୍ମକୁ ସର୍ବଦା ଆର୍ଦ୍ର ରଖିବା ଦରକାର। ଅଧିକ ଗରମ ପାଣିରେ ଗାଧୋଇବା ବଦଳରେ ଉଷୁମ ପାଣିରେ ଗାଧାନ୍ତୁ, କାରଣ ଗରମ ପାଣି ଚର୍ମର ବାହ୍ୟସ୍ତରକୁ କ୍ଷତିଗ୍ରସ୍ତ କରିଦେଇଥାଏ। ୧୦ରୁ ୧୫ ମିନିଟ୍ ଯାଏ ନଖଉଷୁମ ପାଣିରେ ଗାଧୋଇଲେ ଚଳିବ।

# ଶହେ କୋଟି ଯୁବା ହରାଇପାରନ୍ତି ଶ୍ରବଣଶକ୍ତି !

ବିଶ୍ୱବ୍ୟାପୀ ସମ୍ପ୍ରତି ଯୁବପିଢ଼ିଙ୍କର ଶ୍ରବଣଶକ୍ତି ହାନି ଆଶଙ୍କା ଚିନ୍ତାର ବିଷୟ ହୋଇଛି। ଏକ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ଧାରା ଜାରି ରହିଲେ ୨୦୫୦ ମସିହା ସୁଦ୍ଧା ବିଶ୍ୱର ଶହେ କୋଟି ୧୨ରୁ ୩୫ ବର୍ଷ ବୟସର କିଶୋର ଓ ଯୁବା ଶ୍ରବଣ ଶକ୍ତି ହରାଇବେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଶଙ୍କା ବ୍ୟକ୍ତ କରିବା ସହ ସତର୍କ କରାଇଦେଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର 'ନିରାପଦ ଶ୍ରବଣ' ମାର୍ଗଦର୍ଶିକା ଅନୁଯାୟୀ, ଉପରୋକ୍ତ ସଂକଟଜନକ ସ୍ଥିତି ବିଶେଷ କରି ଯୁବପିଢ଼ିଙ୍କ ଦ୍ୱାରା ବହୁଳ ଭାବରେ ଇଅରଫୋନ୍ ଓ ଇଅରବଡ୍‌ର ବ୍ୟବହାର ସାଙ୍ଗକୁ ଅନ୍ୟାନ୍ୟ ବ୍ୟକ୍ତିଗତ ଯନ୍ତ୍ରରୁ ଅତ୍ୟୁଚ୍ଚ ଧ୍ୱନି ଶ୍ରବଣ ଯୋଗୁଁ ଉପୁଜିଥିବା ଜଣାଯାଇଛି। ବର୍ତ୍ତମାନ ଏହି ବୟସର ୫୦ କୋଟି ଲୋକଙ୍କର ଶ୍ରବଣଶକ୍ତିରେ ହ୍ରାସ ଦେଖାଦେଇଥିବା ଆକଳନ କରାଯାଉଥିବା ବେଳେ ସେମାନଙ୍କ ଭିତରୁ ୨୫ ପ୍ରତିଶତଙ୍କର ଶ୍ରବଣଶକ୍ତି ହ୍ରାସ ଅତ୍ୟୁଚ୍ଚ ଭଲ୍ୟୁମ୍‌ରେ ଗୀତ ଶୁଣିବା ଯୋଗୁଁ ହୋଇଥିବା ସ୍ପଷ୍ଟ ହୋଇଛି। ପୁଣି ସେମାନଙ୍କ ଭିତରୁ ୫୦ ପ୍ରତିଶତଙ୍କର ଶ୍ରବଣଶକ୍ତି ହ୍ରାସ କେବଳ କ୍ଲବ୍, ସିନେମା ହଲ୍ ଓ ଫିଟ୍‌ନେସ୍ କେନ୍ଦ୍ରମାନଙ୍କରେ ଉଚ୍ଚ ଧ୍ୱନିର ସଂଗୀତ ଶୁଣିବା ଯୋଗୁଁ ହୋଇଛି। ସାଧାରଣତଃ ମନୁଷ୍ୟର କାନ ୨୦ ଡେସିବଲ୍‌ରୁ ୩୦ ଡେସିବଲ୍ ତୀବ୍ରତା ବିଶିଷ୍ଟ ଧ୍ୱନି ଗ୍ରହଣ କଲେ ଶ୍ରବଣଶକ୍ତି ନିରାପଦ ରହିଥାଏ। ତେବେ ସାମୟିକ ଭାବେ ୭୫ ଡେସିବଲ୍‌ରୁ ୧୩୦ ଡେସିବଲ୍ ତୀବ୍ରତା ଯାଏ ଶବ୍ଦ କାନରେ ବାଜିଲେ ସେଭଳି କିଛି ଗୁରୁତର କ୍ଷତି ହେବନାହିଁ। ମାତ୍ର ଯୁବପିଢ଼ି ତାହାଠାରୁ ଅଧିକ ତୀବ୍ରତାର ଶବ୍ଦ ଶୁଣିବାକୁ ପସନ୍ଦ କରି ଏପରି ବିପଦକୁ ଆମନ୍ତ୍ରଣ କରି ଚାଲିଛନ୍ତି। ଦୀର୍ଘ ସମୟ ଧରି ଉଚ୍ଚ ତୀବ୍ରତାର ଶବ୍ଦ ଶୁଣିବା ଦ୍ୱାରା କାନ ଭିତରେ ଥିବା ସମ୍ବେଦନଶୀଳ କୋଷଗୁଡ଼ିକ ନଷ୍ଟ ହୋଇଯାଇଥାଏ, ଯାହାର ଆଉ ପୁନଃମରାମତି ସମ୍ଭବ ନୁହେଁ, କାରଣ ସେଥିପାଇଁ କୌଣସି ପ୍ରକାର ଭେଷଜ ଚିକିତ୍ସା କି ଅସ୍ତ୍ରୋପଚାର ବିକଳ୍ପ ଉପଲବ୍ଧ ନାହିଁ। ତେଣୁ ସ୍ୱୟଂକୃତ ଶ୍ରବଣଶକ୍ତି ହ୍ରାସକୁ ରୋକିବା ପାଇଁ ନିରାପଦ ତୀବ୍ରତା ସୀମା ଭିତରେ ଗୀତ ଶୁଣିବା ସହ ଆବଶ୍ୟକ ହେଲେ ଖୁବ୍ କମ୍ ସମୟ ପାଇଁ ୭୫ରୁ ୧୨୫ ଡେସିବଲ୍ ତୀବ୍ରତାର ଧ୍ୱନି ଗ୍ରହଣ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ କରିଛି।



# ବଢୁଛି ଶୈଶବ ମେଦବହୁଳତା



ଦିନକୁ ଦିନ ସାରା ବିଶ୍ୱରେ ମେଦବହୁଳ ଶିଶୁଙ୍କ ସଂଖ୍ୟା ବଢ଼ି ଚାଲିଛି। ଭବିଷ୍ୟତରେ ଏହାର ପରିଣତି ସାଂଘାତିକ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କ କରାଇ ଦେଇଛି। ଏକ ପରିସଂଖ୍ୟାନ ଅନୁଯାୟୀ, ୨୦୨୨ ସୁଦ୍ଧା ସମଗ୍ର ବିଶ୍ୱରେ ୧୬ କୋଟି ଲୋକ ମେଦବହୁଳତାର ପରିଣାମ ସ୍ୱରୂପ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରି ଘାଣ୍ଟି ହେଉଥିବା ବେଳେ ୩୯ କୋଟିରୁ ଅଧିକ ୫ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋରଙ୍କ ଠାରେ ମେଦବହୁଳତା ଦେଖାଯାଇଛି। ଏଥିପାଇଁ ମୁଖ୍ୟତଃ ମଧୁମିଶ୍ରିତ ପାନୀୟ ସେବନ, ଫାଷ୍ଟଫୁଡ୍ ଭୋଜନ, ଟିଭି ବା ଫୋନ୍ ପରଦା ଆଗରେ ମାତ୍ରାଧିକ ସମୟ କାଟିବା ଓ ଶାରୀରିକ ପରିଶ୍ରମ ନ କରିବା ଆଦି କାରଣ ଦାୟୀ।

ପ୍ରଖ୍ୟାତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ, ବିଶେଷ କରି ଶୈଶବାବସ୍ଥାରୁ କେତେକ ପଦକ୍ଷେପ ଆରମ୍ଭ କରିବା ଉଚିତ। ସେଥିପାଇଁ ପିଲାଙ୍କୁ ପ୍ରଥମେ ନାନା ଜାତିର ପୋଷକପୂର୍ଣ୍ଣ ଖାଦ୍ୟ ଖାଇବାକୁ ପ୍ରୋତ୍ସାହିତ କରିବା ଦରକାର। ମାତ୍ରାଧିକ ଶର୍କରା ଥିବା ଖାଦ୍ୟ ବଦଳରେ ଫଳମୂଳ, ପନିପରିବା ଓ ସଂପୂର୍ଣ୍ଣ ଶସ୍ୟଯୁକ୍ତ ଖାଦ୍ୟ ଚୟନ ଜରୁରି। ସେହିପରି ସେମାନଙ୍କୁ ଦୈନିକ ନିୟମିତ ଅତି କମ୍‌ରେ ୬୦ ମିନିଟ୍ ପାଇଁ କିଛି ନା କିଛି ଶାରୀରିକ ପରିଶ୍ରମ କି ବ୍ୟାୟାମ ଅଭ୍ୟାସ କରାଇବା ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ ପିଲାମାନଙ୍କୁ ସେଥି ପ୍ରତି ଆକର୍ଷିତ କରିବା ଲାଗି ପରିବାରର ଅନ୍ୟ ସଦସ୍ୟମାନେ ସେଥିରେ ସାମିଲ ହେଲେ ଭଲ। ସେହିପରି ପିଲାଙ୍କ ସୁସ୍ଥ ଶରୀର ପାଇଁ ଏକ ସମର୍ଥନଶୀଳ ପରିବେଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଥିପାଇଁ ଶିଶୁମାନଙ୍କ ପାଇଁ ଆହରଣକ୍ଷମ ବାସ୍ତବ ଲକ୍ଷ୍ୟ ଧାର୍ଯ୍ୟ କରି ଯେତେ ଗୌଣ ହେଉ ପଛକେ ସେମାନଙ୍କର ଯାବତୀୟ ସଫଳତାରେ ଖୁସି ମନାଇ ସେମାନଙ୍କୁ ଉତ୍ସାହିତ କରିବା ଉଚିତ। ଏଥି ସହିତ ଶୈଶବାବସ୍ଥାରେ ଶିଶୁର ଶାରୀରିକ ଓଜନ ଅପେକ୍ଷା ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱ ଦେବା ଦରକାର। ସେଥିପାଇଁ ସମଗ୍ର ପରିବାର ସୁସ୍ଥ ଅଭ୍ୟାସମାନ ଗ୍ରହଣ କରି ନିଜେ ଉଦାହରଣ ସାଜିଲେ ପିଲାମାନେ ପ୍ରୋତ୍ସାହିତ ହେବେ। ସର୍ବୋପରି ଶୈଶବ ମେଦବହୁଳତାର ମୁକାବିଲା ପାଇଁ ଏକ ମୁଖ୍ୟ ଅସ୍ତ୍ର ହେଉଛି ନିଜେ ଶିଶୁ ଓ ଅଭିଭାବକ ଏ ଦିଗରେ ସଚେତନ ହେବା।

# ଆତ ଖାଇଲେ ଦୂର ହୁଏ ଶ୍ୱାସ ରୋଗ

ଆତ ଖାଇବାକୁ ଭାରି ସ୍ୱାଦିଷ୍ଟ ଲାଗିଥାଏ। ଏଥିରେ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଓ ଫାଇବର ସହିତ ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ମଧ ରହିଛି। ଏହାକୁ ଖାଇଲେ ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଏପରିକି ଆୟୁର୍ବେଦରେ ଆତ ପତ୍ରକୁ ମଧ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ଆତରେ ଭିଟାମିନ 'ବି୬' ରହିଛି। ଏହାକୁ ଖାଇଲେ ଶ୍ୱାସ ରୋଗ ଭଲ ହୋଇଥାଏ। ଏଥିରେ ଥିବା ପୋଟାସିୟମ୍, ମ୍ୟାଗ୍ନେସିୟମ୍ ହୃଦଜନିତ ବିଭିନ୍ନ ସମସ୍ୟାରୁ ରକ୍ଷା କରିଥାଏ। ଏଥିପାଇଁ ହୃଦରୋଗୀଙ୍କୁ ନିୟମିତ ଆତ ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଆତରେ ଭିଟାମିନ ଏ, ଭିଟାମିନ ସି ଓ ରିବୋଫ୍ଲାବିନ୍ ପରି ପୋଷକତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ। ଏଥିରେ ଥିବା କପର୍ ଓ ଆଇରନ୍ ଗର୍ଭବତୀଙ୍କ ପାଇଁ ବେଶ ଭଲ। ଗର୍ଭାବସ୍ଥାରେ ଆତ ଖାଇଲେ ଗର୍ଭଜନିତ କଷ୍ଟ ଅନେକାଂଶରେ ଦୂର ହୋଇଥାଏ। ଆତରେ ଥିବା ଫାଇବର କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିଥାଏ ଏବଂ ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ। ଏଥିରେ ଆଇରନ ଓ କପର ଥିବା ଯୋଗୁ ଏହା ରକ୍ତହୀନତା ସମସ୍ୟାକୁ ଦୂର କରିଥାଏ। ଆତ ଖାଇଲେ ବ୍ଲଡ ପ୍ରେସର କମ୍ ହୋଇଥାଏ।



# ଗଞ୍ଜେଇ ସେବନ ବି କର୍କଟର କାରଣ



ଯେଉଁମାନେ ପ୍ରଚୁର ପରିମାଣର ଗଞ୍ଜେଇ ସେବନ କରିଥା'ନ୍ତି, ସେମାନଙ୍କର ମସ୍ତକ ଓ ଗଳା କର୍କଟ ହେବାର ଆଶଙ୍କା ତିନିଗୁଣ ଅଧିକ ବୋଲି ଉତ୍ତର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଏକ ଅନୁଧାନରୁ ଜଣାପଡ଼ିଛି। ଆମେରିକାର ପାଖାପାଖି ୪୦ ଲକ୍ଷ ପ୍ରାପ୍ତବୟସ୍କଙ୍କର ୨୦ ବର୍ଷର ଡାକ୍ତରୀ ରିପୋର୍ଟକୁ ଅନୁଧାନ କରି ଗବେଷକମାନେ ଏ ନିର୍ଯ୍ୟାସରେ ପହଞ୍ଚିଛନ୍ତି। ମସ୍ତକ ଓ ଗଳା କର୍କଟ କହିଲେ ସାଧାରଣତଃ ପାଟି, ତଣ୍ଟି, ଶ୍ୱାସନଳୀ ଓ ଲାଳଗ୍ରନ୍ଥିରେ ହୋଇଥିବା ଟ୍ୟୁମର୍‌କୁ ବୁଝାଯାଏ। 'ଆମେରିକାନ୍ କ୍ୟାନ୍‌ସର୍ ସୋସାଇଟି'ର ତଥ୍ୟ ଅନୁସାରେ, ପ୍ରତିବର୍ଷ ୫୮ ହଜାର ଆମେରିକୀୟ ମସ୍ତକ ଓ ଗଳା କର୍କଟରେ ଆକ୍ରାନ୍ତ ହେବା ସହ ସେମାନଙ୍କ ଭିତରୁ ପ୍ରାୟ ୧୨ ହଜାରଙ୍କର ମୃତ୍ୟୁ ଘଟିଥାଏ। ଗଞ୍ଜେଇକୁ ଧୂଆଁ ରୂପରେ ସେବନ କରିବା ମନୁଷ୍ୟ ଜୀବକୋଷ ପାଇଁ ଆଦୌ ବିପଦମୁକ୍ତ ନୁହେଁ। ବିଡ଼ି ବା ସିଗାରେଟ୍ ଧୂଆଁ ଯୋଗୁଁ ମସ୍ତକ ଓ ଗଳା କର୍କଟ ଆଶଙ୍କା ବଢ଼ିଥାଏ ବୋଲି ପୂର୍ବରୁ ଜଣାଥିଲା। ତେବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଗବେଷକମାନଙ୍କ ସଦ୍ୟ ଅନୁଧାନ ଅନୁଯାୟୀ, ତମାଖୁ ଧୂଆଁରେ ଯେଉଁ କର୍କଟ ସୃଷ୍ଟିକାରୀ 'କାର୍ସିନୋଜେନ୍' ରହିଛି, ତାହା ଗଞ୍ଜେଇ ଧୂଆଁରେ ମଧ ମିଳିଛି। ଏଥିସହିତ ଗଞ୍ଜେଇ ଗଛରେ ଥିବା ରାସାୟନିକ ପଦାର୍ଥ ମନୁଷ୍ୟ ଶରୀରରେ ଟ୍ୟୁମର ସୃଷ୍ଟି କରିବାର ଗୁଣ ରହିଛି। ମାତ୍ର ତାହା ସିଧାସଳଖ କର୍କଟ ସୃଷ୍ଟି କରେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ସିଗାରେଟ୍ ଓ ବିଡ଼ି ଟାଣିବା ଅପେକ୍ଷା ଗଞ୍ଜେଇ ଟାଣିବା ଅଧିକ କ୍ଷତିକାରକ ବୋଲି ଗବେଷକମାନେ ନିଶ୍ଚିତ ହୋଇଛନ୍ତି। ସେମାନଙ୍କ କହିବା କଥା, ସିଗାରେଟ୍ କି ବିଡ଼ି ସେବନକାରୀମାନେ ଧୂଆଁକୁ ହାଲୁକା ଭାବରେ ସେବନ କରୁଥିବା ବେଳେ ଗଞ୍ଜୋଡ଼ମାନେ ଖୁବ୍ ଜୋରରେ ଧୂଆଁକୁ ଟାଣିଥା'ନ୍ତି। ତେଣୁ ଗଞ୍ଜେଇ ସେବନ କ୍ଷତିକାରକ ନୁହେଁ ବୋଲି ଅନେକଙ୍କର ରହି ଆସିଥିବା ଧାରଣା ସଂପୂର୍ଣ୍ଣ ଭୁଲ୍ ବୋଲି ଗବେଷକମାନେ ଦୃଢ଼ କରି କହିଛନ୍ତି।

## ଟ୍ରାଫିକ ଛକରେ ଖାଲ

- ପୂର୍ତ୍ତ ବିଭାଗର ଅବହେଳା ପାଇଁ ବଢ଼ୁଛି ଦୁର୍ଘଟଣା
- ଶୀଘ୍ର ମରାମତି ପାଇଁ ହେଉଛି ଦାବି



**ସୁବର୍ଣ୍ଣପୁର,୨।୪(ସଂଚାର ବ୍ୟୁରୋ):** ସୋନପୁର ସହରର ମୁଖ୍ୟ ପ୍ରବେଶ ଦ୍ୱାର ବ୍ଲକ ଛକରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ବ୍ଲକ ଛକରେ ଡିଜିଟାଲ ସିଗ୍ନାଲ ଥିବା ଲାଇଟ୍ କୁ ବିଦ୍ୟୁତ୍ ସଂଯୋଗ ପାଇଁ ରାସ୍ତା ଖୋଲି ବିଦ୍ୟୁତ୍ ସଂଯୋଗ ହୋଇଛି।ଏହା ଉପରେ କଂକ୍ରିଟ ପ୍ରଲେପନ ଦେଇଥିଲେ ମଧ ଭାରି ଯାନ ଯିବା ଆସିବା କରୁଥିବା ଯୋଗୁଁ ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ କଲା ସତ୍ତ୍ୱେ ପୂର୍ତ୍ତ ବିଭାଗ ପକ୍ଷରୁ ଏଯାବତ୍ ଏହାର ମରାମତି ଦିଗରେ ପଦକ୍ଷେପ ନିଆ ଯାଉନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଶେଷକରି ସନ୍ଧ୍ୟା ସମୟରେ ସାଇକେଲ ଆରୋହୀ ଓ ବାଇକ୍ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଣୁ, ତୁରନ୍ତ ଏହାର ମରାମତି କରିବାକୁ ଜନସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ



**ସୁନ୍ଦରଗଡ଼,୨।୪(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସଦର ମହକୁମାଠାରେ ଆୟୋଜିତ ହୋଇଯାଇଛି ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ସମାରୋହ। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଏକ ଫଟୋ ପ୍ରଦର୍ଶନୀ, ସାଧାରଣ ସଭା, ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରତି ଅବଦାନ ଥିବା ଓଡ଼ିଶାର ସମସ୍ତ ବରପୁତ୍ର ମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ଏବଂ ନିଜ ମାତୃଭାଷାକୁ ନେଇ ଗର୍ବ କରିବା ସହ ମାତୃଭାଷାର ସମ୍ମାନ ରଖିବା ପାଇଁ ଯଥାସାଧ ପ୍ରଯତ୍ନ କରିବାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ ଏବଂ ଏପ୍ରିଲ ୧ ରୁ ଚଳିତ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଦ୍ୱାରା 'ଓଡ଼ିଆ ପକ୍ଷ' ପାଳନ କରାଯିବା ସହିତ ପ୍ରତ୍ୟେକ ଦିନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମଧ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇ ଥିଲା। ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ଅନୁଷ୍ଠାନ ତଥା ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ପିଏଆଇଟିଡିଏ ଧୀରେନ୍ଦ୍ର ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ, ସଦର ତହସିଲଦାର କୁଳମଣି ରାନବିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଉପସ୍ଥିତ ରହି ବରପୁତ୍ର ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ଛାତ୍ରଛାତ୍ରୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।

## ଶିକ୍ଷା ସମନ୍ୱୟ ସମାବେଶ ଅନୁଷ୍ଠିତ



**ଯାଜପୁର,୨।୪(ସଂଚାର ବ୍ୟୁରୋ):** ଯାଜପୁର ସହରର ତାରାମଦନସ୍ଥିତ ବୈଷ୍ଣବ ଦତ୍ତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆଜି ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ୨୦୨୫ ଓ ଶିଶୁବାଟିକାର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କୁ ପାରଂପରିକ ରୀତିରେ ସ୍ୱାଗତ କରାଯାଇ ନାମଲେଖାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ବିକାଶ ସହିତ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉନ୍ନତି ନିମନ୍ତେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ସଭାପତିତ୍ୱରେ 'ଶିକ୍ଷା ସମନ୍ୱୟ ସମାବେଶ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳନା ସମିତିର ସଭ୍ୟସଭ୍ୟା ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟଟିକୁ ତାହାର ପୂର୍ବ ଗୌରବ ଫେରାଇ ଆଣିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ତଥା ସମାଜସେବୀ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା ସମିତିର ସଭ୍ୟସଭ୍ୟାଙ୍କ ସହ ଜନସଂପର୍କ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପରିଚାଳନା ସମିତିର ସକ୍ରିୟ ସଭ୍ୟ ଇଲାହି ବଖାସ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନେ ନିଜ ନିଜ ମତ ରଖିଥିଲେ। ଶିକ୍ଷୟିତ୍ରୀ ସ୍ୱାତୀ ସାମଲ ଅତିଥି ପରିଚୟ ଓ ସଂଯୋଜନା ଦାୟିତ୍ୱ ନେଇଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ମାଳତୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସ୍ଥଗିତ


ସରକାରୀ ଜାଗାରେ ବେଆଇନ ଖଣି ଖନନ

**କଳାହାଣ୍ଡି,୨।୪(ସଂଚାର ବ୍ୟୁରୋ):** ଗତ କିଛି ଦିନ ତଳେ ବାଲି ଓ ଖଣି ଖନନର ଚୋରା ଚାଲାଣ ପାଇଁ ଖୋଦ ମନ୍ତ୍ରୀ ମାନ୍ୟବର ବିଭୂତି ଭୂଷଣ ଜେନା ଓ ରାଜସ୍ୱ ମନ୍ତ୍ରୀ ମାନ୍ୟବର ସୁରେଶ ପୂଜାରୀ କଳାହାଣ୍ଡି ଗ୍ରସ୍ତରେ ଆସି କଳାହାଣ୍ଡି ଜିଲ୍ଲା ପାଳଙ୍କ ସମ୍ମୁଖରେ ଖଣି ଅଧିକାରୀଙ୍କୁ ତାଗିଦ କରି ଥିବା ସ୍ୱତେ ପ୍ରଶାସନଙ୍କ ଅବହେଳା ହେତୁ ଖୁଲ୍ଲମ ଖୋଲା ଖଣି ଖନନ, ଖଣି ମାଫିଆ ମାନଙ୍କ ଅରାଜକତା କୁ ରୋକ୍ ଲଗାଇ ପାରୁ ନଥିବା ଚର୍ଚ୍ଚାର ବିଷୟ ଜୋର ଧରିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚପ୍ରିଆ ପଞ୍ଚାୟତ ଅଧିନରେ ଥିବା ତୁରେଛଡ଼ା ଗ୍ରାମ ନିକଟରେ ଥିବା ବିଶୁଭରଣି ଜଙ୍ଗଲରେ ସରକାରୀ ଜାଗାରେ ବେଆଇନ ଭାବେ ଖଣି ଖନନ ଚାଲିଛି। ସେହି ଗ୍ରାମର ଲୋକେ କହିବା ଅନୁଯାୟୀ ଜଣେ ବିଜେପି କର୍ମୀ ଶ୍ରୀ ଶନି ମାଝି ଙ୍କ ଦଲାଲ କ୍ରମେ ଖଣି ମାଫିଆ ମାନେ ରାତି ଅଧିଆ ୭ ରୁ ୮ ଦିନ ହେବ ଚେନ ଲଗା ପୋକଲିନ ମାଧ୍ୟମରେ ଖନନ କରି ପିକପ ଯୋଗେ ନେବାର ଦେଖି ଗ୍ରାମ ବାସୀ ଉଚ୍ଚ ପଦାଧିକାରୀ ଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ଖଣି ଅଧିକାରୀ, ଧର୍ମଗଡ଼ ଡିଏସପି ମନୋଜ କୁମାର ବେହେରା, ଗୋଲାମୁଣ୍ଡା ତହସିଲଦାର ଚନ୍ଦନ ନାଏକ, କେଗାଁ ଆଇଆଇସି ମକୁନ୍ଦନାଏକ, ସହ ପୋଲିସ ଟିମ, ଓ ଚପ୍ରିଆ ଆରଆଇ ଭଗତରାମ ସାହୁ ପ୍ରମୁଖ ଉପସ୍ଥିତି ରହି ତଦନ୍ତ କରିଥିଲେ। ସାମ୍ପଲ୍ ପାଇଁ କିଛି ଅଂଶ ଖଣି ଖନନଅଧିକାରି ନେଇ ଖନନ କୁ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସଂପର୍କରେ ଫୋନ ଯୋଗେ ଗୋଲାମୁଣ୍ଡା ବିଡ଼ିଓ ଶ୍ରୀଧର ପଣ୍ଡା ସାର ଙ୍କୁ ପଚାରିବାରୁ ସମିତି ଗ୍ରାଣ୍ଡରୁ କିଛି ଅନୁଦାନ ନାହି ବୋଲି କହିଥିଲେ, ଏହି ଅବସରରେ ତହସିଲଦାର ଚନ୍ଦନ କୁମାର ନାଏକ ଙ୍କ କୌଣସି ପ୍ରକାର ସଠିକ୍ ତଥ୍ୟ ମିଳି ପାରୁ ନାହିଁ, ହେଲେ କାହାର ଛତ୍ରଛାୟାରେ ସେହି ସ୍ଥାନରେ ସିସି ଟିଭି ଲାଗିବା ଓ ପୋକଲିନ ସାହାଯ୍ୟରେ ଖଣି ଖନନ କରି ଚୋରା ଚାଲାଣ ହେଉଛି ତାହା ଗ୍ରାମର ଲୋକେ ସନ୍ଦେହ ସୃଷ୍ଟି କରିଛନ୍ତି, ତେବେ ଏ ଭଳି ସ୍ଥଳେ ଧର୍ମଗଡ଼ ଉପଜିଲ୍ଲାପାଳ ପଦକ୍ଷେପ ନ ନିଅନ୍ତି ତେବେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଗ୍ରାମ ବାସୀ ପ୍ରତିଶ୍ରୁତି ଦେଇଛନ୍ତି।

## ଯନ୍ତ୍ରୀଙ୍କୁ ମାଡ଼ ଘଟଣା

## ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବିକଲେ ପୂର୍ବତନ ବିଧାୟକ



**ଖପ୍ରାଖୋଲ,୨।୪(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକରେ କାର୍ଯ୍ୟରତ କ୍ଷୁଦ୍ର ଜଳ ସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଲୋହିତ କୁମାର ବଳଙ୍କୁ ଗତ ମାସ ୨୮ ତାରିଖ ଅପରାହ୍ନରେ ସ୍ଥାନୀୟ ବିଜେପି କର୍ମୀ ଉପେନ୍ଦ୍ର ଭୋଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିବା ବେଳେ ଏନେଇ ବଲାଙ୍ଗୀର ଟାଉନ ଥାନାରେ ଯନ୍ତ୍ରୀ ମହୋଦୟ ଲିଖିତ ଅଭିଯୋଗ କରିଛନ୍ତି। ଫଲ୍ସ ବିଲ୍ କରି ଯନ୍ତ୍ରୀଙ୍କୁ ଚାପ ପକାଉଥିବା ଏବଂ ଏନେଇ ତାଙ୍କୁ ଜୀବନରେ ମାରି ଦେବା ଧମକ ଦେବା ସହ ତାଙ୍କୁ ନିସ୍ତୁକ ମାଡ ମାରି ଲହୁ ଲୁହାଣ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ପୋଲିସ ତରଫରୁ ବିଜେପି କର୍ମୀ ଉପେନ୍ଦ୍ର ଭୋଇଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ତାଙ୍କୁ ଖୁଲା ଛାଡି ଦେଇଥିବା ପୋଲିସର ନିଷ୍କ୍ରିୟତା ଉପରେ ସନ୍ଦେହ ସୃଷ୍ଟି କରୁଛି ବୋଲି ଜନସାଧାରଣରେ ଆଲୋଚନା ହେଉଅଛି। ଏନେଇ ଆଜି ପୂର୍ବତନ ବିଜେଡି ବିଧାୟକ ସରୋଜ କୁମାର ମେହେର ଖପ୍ରାଖୋଲରେ ଚାଲିଥିବା ଗୁଣ୍ଡାରାଜ କୁ ନେଇ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛନ୍ତି। ଅଭିଯୁକ୍ତର ଦାଦାଗିରି କୁ ନେଇ ପୂର୍ବରୁ ମଧ ଅନେକ ହିଂସାତ୍ମକ ଆଚରଣ କରିଥିବା ନେଇ ସରୋଜ ମେହେର ଖପ୍ରାଖୋଲ ଥାନାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଥାନାଧିକାରୀ ଏବଂ ସରୋଜ ମେହେରଙ୍କ ଅଧା ଘଣ୍ଟାର ବାର୍ତ୍ତାଳାପ ମଧ୍ୟରେ ଅଭିଯୁକ୍ତ ଉପେନ୍ଦ୍ର ଭୋଇର ଖପ୍ରାଖୋଲ ଅଞ୍ଚଳରେ କରିଥିବା ବିଭିନ୍ନ ଅସାମାଜିକ କାର୍ଯ୍ୟ ଏବଂ ଗୁଣ୍ଡାଗର୍ଦୀ କୁ ନେଇଁ ଏବଂ ବ୍ଲକରେ କାର୍ଯ୍ୟରତ ପ୍ରଶାସନ ଅଧିକାରୀ ତଥା ଯନ୍ତ୍ରୀ ମାନଙ୍କୁ ବିଭିନ୍ନ ସମୟରେ ଧମକ ଚମକ ଦେଇ ମିଥ୍ୟା ବିଲ ଗୁଡିକ ପାସ କରେଇ ଥିବା ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏହା ପରେ ଖୋଲାଖୋଲି ଭାବେ ବୁଲୁଥିବା ଅଭିଯୁକ୍ତ ଉପେନ୍ଦ୍ର ଭୋଇଙ୍କୁ ଶୀଘ୍ର ଗିରଫ କରି ଅଭିଯୋଗକାରୀ ଯନ୍ତ୍ରୀଙ୍କୁ ଉଚିତ ନ୍ୟାୟ ଦେବା ପାଇଁ କହିଥିଲେ ଏବଂ ଜଦି ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ନ ମିଳେ ତାହେଲେ ଆଗାମୀ ଦିନରେ ହଜାର ହଜାର ସଂଖ୍ୟାରେ ଲୋକେ ରାଜ ରାସ୍ତାକୁ ଅଲ୍ଲାଇବେ ବୋଲି ଚେତାବନୀ ଦେଇଥିଲେ।

## ମୋବାଇଲ ଚୋରକୁ ଧରି ପୁଲିସ ଜିମା ଦେଲେ ଲୋକେ



**ବୈଶିଙ୍ଗା,୨।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ମହୁରୀ ଗ୍ରାମ ସ୍ଥିତ ଡାହିବାଡ଼ି ସାପ୍ତାହିକ ହାଟରେ ପ୍ରତି ହାଟ ପାଳିରେ ଚୋରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାର ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନା ମୁତାବକ ଗତ ଶନିବାର ହାଟରେ ଏକ ବାଇକ ଚୋରକୁ ମାଡ଼ ମାରି ବୈଶିଙ୍ଗା ପୁଲିସର ଜିମା ଦେଇଥିଲେ ସ୍ଥାନୀୟ ହାଟ ବ୍ୟବସାୟୀ ଏବଂ ଜନସାଧାରଣ । ସମାନ ଭାବେ ବୁଧବାର ଡାହିବାଡି ହାଟରେ ସନ୍ଧ୍ୟା ସମୟରେ ଜଣେ ନାବାଳକ ଯୁବକ ଜନୈକ ବ୍ୟକ୍ତିଙ୍କ ପାଖରୁ ମୋବାଇଲ ଫୋନ ଚୋରାଇ ଦୌଡ଼ି ପଳାଉଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ଏବଂ ଲୋକ ଧରି ନିର୍ଦ୍ଧୁମ ଛେଚି ଥିଲେ । ଉକ୍ତ ଯୁବକ ଜଣକ ନିଜକୁ ଝାଡଖଣ୍ଡ ଅଞ୍ଚଳର ମଣ୍ଟୁ ନାମିଆ ପୁଅ ରୋଶନ ନାମିଆ ବୋଲି ପରିଚୟ ପ୍ରଦାନ କରିଥିଲା । ପରବର୍ତ୍ତୀ ସମୟରେ ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଭାବଗ୍ରାହୀ ମହାନ୍ତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମୋବାଇଲ ଚୋରକୁ ଗିରଫ କରିବା ସହ ଚୋରି କରିଥିବା ମୋବାଇଲ ଫୋନକୁ ଜବତ କରି ଥାନା କୁ ନେଇଆସିଥିଲେ । ଏନେଇ ବୈଶିଙ୍ଗା ପୁଲିସ ତଦନ୍ତ ଚଳାଥିବା ଜଣାଯାଇଛି ।

## ବରିଷ୍ଠ ନାଗରିକ ସଂଘ ପାଳିଲା ଓଡ଼ିଶା ଦିବସ

**ବେତନଟୀ,୨।୪(ସଂଚାର ବ୍ୟୁରୋ):** ବେତନଟୀ ଚଣ୍ଡୀ ମନ୍ଦିର ଛକସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଆଜି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ହିମାଂଶୁ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଗରିକ ସଂଘର ସଦସ୍ୟ ଯୋଗଦେଇ ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ଡମ୍ବରୁଧର ନାୟକ, ସୁକେଶ ମିଶ୍ର, ଗୌତମ ବେହେରା, ସବିତା ମହାନ୍ତି, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଜାମିନ ନାଏକ, ଓକିଲ ସଂଘ ପକ୍ଷରୁ ସଭାପତି ଦେବବ୍ରତ ପରିଡ଼ା, ସମ୍ପାଦକ ପ୍ରବୀର ବାରିକ, ରଣଜିତ ଗନ୍ତାୟତ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।

## ରାଜନୈତିକ ଦଳ ସହ ଭାରତୀୟ ନିର୍ବାଚନ ଆୟୋଗର ସବୁଠାରୁ ବଡ ସମ୍ପର୍କ ଅଭିଯାନ

**ସୁନ୍ଦରଗଡ଼,୨।୪(ସଂଚାର ବ୍ୟୁରୋ):** ଭାରତୀୟ ନିର୍ବାଚନ କମିଶନ ସାରା ଦେଶରେ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ରାଜନୈତିକ ଦଳଗୁଡ଼ିକ ସହିତ ସଂଚରିତ ସମ୍ପର୍କରେ ଏକ ଶୃଙ୍ଖଳା ପରିଚାଳନା କରିଥିଲେ। ୨୫ ଦିନ ମଧ୍ୟରେ ଏବଂ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା, ମୋଟ ୭୧୯ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪୦ ଜଣ ମୁଖ୍ୟ ନିର୍ବାଚନ ଅଧିକାରୀ, ୮୦୦ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୮୭୯ ଜଣ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଦେଶ ବ୍ୟାପି ୨୮, ୦୦୦ ରୁ ଅଧିକ ରାଜନୈତିକ ଦଳର ପ୍ରତିନିଧି ସାମିଲ ହୋଇଥିଲେ। ଏହି ବୈଠକ ଗୁଡ଼ିକ ନୂଆଦିଲ୍ଲୀର ଆଇଆଇଆଇଡିଇଏମ ଠାରେ ମାର୍ଚ୍ଚ ୪ ଓ ୫ ତାରିଖ ୨୦୨୫ ରେ ଅନୁଷ୍ଠିତ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ କମିଶନର ଡ଼ା ସୁଖବୀର ସିଂହ ସାନ୍ଧୁ ଏବଂ ଡ଼ା ବିବେକ ଯୋଶୀଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ୧୯୫୧, ଭୋଟର ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ସମୟ ସମୟ ରେ ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଜାରି ହୋଇଥିବା ମାନୁଆଲ, ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶାବଳୀର ବିଦ୍ୟମାନ ଆଇନଗତ ଢାଞ୍ଚା ମଧ୍ୟରେ ସକ୍ଷମ କର୍ତ୍ତୃପକ୍ଷ ଯଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀ ଦ୍ୱାରା ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ କରିବା ପାଇଁ ଏହି ବୈଠକ ଗୁଡ଼ିକର ଲକ୍ଷ୍ୟ।

## ମଟରସାଇକେଲ ଦୁର୍ଘଟଣାଗ୍ରସ୍ତ,୨ ଆହାତ

**ବେତନଟୀ,୨।୪(ସଂଚାର ବ୍ୟୁରୋ):** ବେତନଟୀ ସତସଂଘ ବିହାର ନିକଟ ୧୮ ନମ୍ବର ଜାତୀୟରାଜପଥ ରେ ଗୋଟିଏ ଅଜଣା ଗାଡି ସାଇଟ ମାରିବାରୁ ବାଲେଶ୍ୱର ରୁ ବାରିପଦା ଅଭିମୁଖେ ଯାଉଥିବା ଏକ ମଟରସାଇକେଲ ଦୁର୍ଘଟଣାଗ୍ରସ୍ତ ହୋଇଛି।ଉକ୍ତ ଓଡି ୨୭ ଏ ୦୬୫୯ ମଟରସାଇକେଲ ଟି ବୌଦ୍ଧ ଜିଲ୍ଲାର ସରସରା ରାଇଠାଣି ଗ୍ରାମର ସତ୍ୟବ୍ରତ ଉର୍ମାଙ୍କ ନାମରେ ପଞ୍ଜୀକୃତ।ଏହି ମଟରସାଇକେଲ ରେ ବାଲେଶ୍ୱର ମୋତିଗଞ୍ଜ ଅଞ୍ଚଳ ର ରାଜ ମହାନ୍ତି ଏବଂ ତ୍ରିପୁରା ଅଞ୍ଚଳର ରୋହିତ ଶର୍ମା ଉଭୟ ଆହତ ହୋଇ ପ୍ରଥମେ ବେତନଟୀ ଡାକ୍ତରଖାନା ଓ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା କୁ ସ୍ଥାନାନ୍ତରିତ କରାଯାଇଛି।

## ଟ୍ରକ୍ ବସ ମୁହାଁମୁହିଁ ଓଲଟିଲା ଯାତ୍ରୀବାହୀ ବସ


୪ଗୁରୁତର, ୧୦ରୁ ଉର୍ଦ୍ଧ୍ୱ ଆହତ

**ନୀଳଗିରି,୨।୪(ସଂଚାର ବ୍ୟୁରୋ):** ବାଲେଶ୍ୱରରୁ ଉଦଳା ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ ଗୋଟିଏ ସିମେଣ୍ଟ ଟ୍ରକ ସହିତ ମୁହାଁମୁହିଁ ଧକ୍କା ହେବାଫଳରେ ବସଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଫଳରେ ବସରେ ଥିବା ଅଧିକାଂଶ ଯାତ୍ରୀ ଗୁରୁତର ଏବଂ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଶେରଗଡ଼ ଝରଣାଘାଟି ୧୯ନଂ ରାଜପଥ ଭାଲୁକାଶୁଣି ଆମ୍ବଝର ଛକ ନିକଟରେ ବାଲେଶ୍ୱରରୁ ପୋଡାଡିହା ଭାୟା ଉଦଳା ଯାଉଥିବା ଓଡି ୦୫କେ -୭୫୧୪ମାମା ନାମକ ଘରୋଇ ଯାତ୍ରୀବାହୀ ବସକୁ ସାମ୍ନାପଟୁ ସିମେଣ୍ଟ ଖାଲିକରି ଦୃତଗତିରେ ଆସୁଥିବା ଓଆର ୦୧ଏଚ -୮୩୪୫ଟ୍ରକ୍ କୁ ସାଇଡ ଦେବାକୁ ଯାଇ ଟ୍ରକର ପଛପାଖ ଡଲା ସହିତ ବସର ସାମ୍ନାପଟ ଧକ୍କାହେବା ଫଳରେ ବସଟି ରାସ୍ତାତଳକୁ ଓଲଟି ପଡ଼ିଥିଲା। ଫଳରେ ବସରେ ଯାତ୍ରା କରୁଥିବା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଦୁର୍ଘଟଣାର ଶୀକାର ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ବସରୁ ଉଦ୍ଧାରକାର୍ଯ୍ୟ ଜାରି ରଖିଥିବା ବେଳେ ଘଟଣାସ୍ଥଳରେ ବରହମପୁର ପୋଲିସ ଏବଂ ନୀଳଗିରି ପୋଲିସ ପହଞ୍ଚି ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗ ଗାଡ଼ି ଦ୍ୱାରା ଆହତ ଓ ଗୁରୁତର ଯାତ୍ରୀଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଏବଂ ସାମାନ୍ୟ ଆହତ ଯାତ୍ରୀଙ୍କୁ ବରହମପୁର ହସ୍ପିଟାଲ ପଠାଇଥିବା ଜଣାଯାଇଛି। ତେବେ ଏହି ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଥିବା ବେଳେ ୧୦ରୁ ଉର୍ଦ୍ଧ୍ୱଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି।

## ଓ.ପି. ଜିନ୍ଦଲ ସ୍କୁଲର ଓଡ଼ିଶା ଦିବସ ପାଳିତ




**ଅନୁଗୁଳ,୨।୪(ସଂଚାର ବ୍ୟୁରୋ):** ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ବେଶ ଉତ୍ସାହର ସହ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମୁହିକ ଭାବେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଉତ୍କଳ ଦିବସ ପାଳନ ଅବସରରେ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାରର ଅଧ୍ୟକ୍ଷ ଏବଂ ହରିୟାଣା, କୁରୁକ୍ଷେତ୍ରର ଲୋକସଭା ସାଂସଦ ନବୀନ ଜିନ୍ଦଲ ସୋସିଆଲ ମିଡିଆ ମାଧ୍ୟମରେ ପ୍ରତ୍ୟେକ ଓଡିଆଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ସେ ଲେଖିଛନ୍ତି, '୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ଗଠନକୁ ସ୍ମରଣ କରି ଉତ୍କଳ ଦିବସରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏହି ସମୃଦ୍ଧ ସଂସ୍କୃତି ଏବଂ ଐତିହ୍ୟର ଭୂମିକୁ ଅଧିକ ସମୃଦ୍ଧି ପ୍ରଦାନ କରିବାକୁ ମୁଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। 'ସ୍କୁଲରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ପ୍ରେରଣାଦାୟକ ଭାଷଣ ପ୍ରଦାନ କରିବାସହ ଶିକ୍ଷକମାନଙ୍କ

# ବିଦ୍ୟାଳୟରେ ପ୍ରଥମ ଦିନ ସ୍ମରଣୀୟ ରହିବ

## ଖଡ଼ି ଛୁଆଁଇଲେ ଶିକ୍ଷକ, ତହସିଲଦାର, ଜନପ୍ରତିନିଧି



**କାକଟପୁର/ଅସ୍ତରଙ୍ଗ,୨।୪(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଙ୍କ ପକ୍ଷରୁ ଚଳିତ ବର୍ଷ ନୂତନ ଶିକ୍ଷାନୀତି ଆରମ୍ଭ ହୋଇଛି। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ଅନୁଯାୟୀ, ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଶିଶୁ ବାଟିକାରେ କୁନି କୁନି ପିଲାମାନଙ୍କୁ ପୂର୍ବରୁ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଂଚାୟତ ରେ ଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ରୋଜିନା ଜେନା ଅତିଥି ଭାବେ ଉପସ୍ଥିତ ରହି ଶିଶୁ ବାଟିକାରେ କୁନି ପିଲାମାନେ ସ୍କୁଲ ଆସିବାକୁ ସ୍ୱାଗତ କରିଛନ୍ତି। ନୂଆ କରି ପାଠ ପଢା ଆରମ୍ଭ କରୁଥିବା ପିଲା ମାନଙ୍କ ପାଇଁ ଆଜି ଠାରୁ ଶିଶୁ ବାଟିକା ବ୍ୟବସ୍ଥାକୁ ସ୍ୱାଗତ କରିବା ଶହ ବିଦ୍ୟାଳୟରେ ଉପସ୍ଥିତ ରହି କୁନି ପିଲାଙ୍କ ହାତ କୁ ଧରି ଖଡ଼ିଛୁଆଁଇଛନ୍ତି। ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ତ ପି ଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହ ଶିକ୍ଷକପ୍ରତାପ ରାଉତ, ପୀତବାସ ଦୀକ୍ଷିତି, ସରୋଜିନୀ ହାଂସଦ, ସତ୍ୟ ନାରାୟଣ ସେଠୀ, ହରିଶ ଚନ୍ଦ୍ର ଦଳାଇ ଓ ପ୍ରଗତି ପୃଷ୍ଟି ଙ୍କ ଉପସ୍ଥିତ ରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ।ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ତରଫରୁ ବ୍ଲକ ପଡ଼ିଆରେ ଅତିଥି ଭାବେ ବ୍ଲକ ଅଧକ୍ଷା ଆରତୀ ନାଏକ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ଦୁଷ୍ମନ୍ତ ପରିଡା, ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ 'ପ୍ରବେଶ ଉତ୍ସବ 'ଏବଂ ଖଡ଼ି ଛୁଆଁ 'କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି ବୋଲି ମତ ଦେଇଥିଲେ।। ଯାହାକି ସେମାନଙ୍କ ନାମ ଲେଖା ଓ ସ୍କୁଲରେ ପ୍ରଥମ ଦିନକୁ ସ୍ମରଣୀୟ କରିବ।ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପ୍ରତିଶ୍ରୁତି ବଦ୍ଧ। ଶିଶୁ ବାଟିକାରେ ଭିତ୍ତି ଉପରେ ନୂଆ ପିଢ଼ିର ଭବିଷ୍ୟତ ଗଠନ କରି ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବ ବୋଲି ଅତିଥି ମତ ଦେଇଥିଲେ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରେ ୧୦୪ଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକବିଦ୍ୟାଳୟ ରେ ଏହି ଖଡ଼ିଛୁଆଁ କାର୍ଯ୍ୟକ୍ରମ ହୋଇଛି। ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ ବିଭିନ୍ନ ବିଦ୍ୟାଳୟ ବୁଲି ତଦାରଖ କରିବା ଶହ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲା ମାନଙ୍କୁ ଖଡ଼ି ଛୁଆଁଇବା ଶହ ପିଲା ମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରିଥିଲେ।

## ଓଡ଼ିଶା ଦିବସରେ ରକ୍ତଦାନ ଶିବିର



**ବାଲିପାଟଣା,୨।୪(ସଂଚାର ବ୍ୟୁରୋ):** ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଏପ୍ରିଲ ୧ ତାରିଖ ଉତ୍କଳ ଦିବସ ଅବସରରେ ପ୍ରିୟଦର୍ଶିନୀ କ୍ଲବ ଓ ' ଆମ ଓଡିଶା ' ଓ ରାଜଧାନୀ ଚକ୍ଷୁ ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ପ୍ରିୟଦର୍ଶିନୀ କ୍ଲବ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଅଛି।ବାଲିପାଟଣା ବ୍ଲକ ଭାକରସାହି ପ୍ରିୟଦର୍ଶିନୀ କ୍ଲବର ଆୟୋଜିତ ରକ୍ତଦାନ ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ଆମ ଓଡିଶା ସଂଯୋଜକ ପ୍ରଭଞ୍ଜନ ପାଣିଗ୍ରାହୀ ଯୋଗଦେଇ ରକ୍ତ ଦାତା ଏବଂ କ୍ଲବ ସଦସ୍ୟ ଙ୍କୁ ଉତ୍ସାହିତ କରିଥିଲେ। ପ୍ରିୟଦର୍ଶିନୀ କ୍ଲବ ସଭାପତି ଗୌତମ ଚରଣ ପ୍ରହରାଜ, ସମ୍ପାଦକ ଅରବିନ୍ଦ ସାହୁ, ସୂର୍ଯ୍ୟକାନ୍ତ ସାହୁ, ମନୋଜ କୁମାର ସାହୁ, ଚିନ୍ମୟ ସାହୁ, ରଶ୍ମି ରଞ୍ଜନ ସାହୁ, ପ୍ରତୀକ ସାହୁ, ଅକ୍ଷୟ ମହାରଣା, ପ୍ରିୟ ନାଥ ସାହୁ, ଅନିଲ ସାହୁ, ପ୍ରଦୀପ କୁମାର ସାହୁ, ସ୍ୱାଧୀନ ସଂଗ୍ରାମ ସାହୁ, ସ୍ୱାଭିମାନ ସାହୁ ଏବଂ କ୍ଲବ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।କଟକ ରେଡ଼କ୍ରସ ବ୍ଲଡ଼ ବ୍ୟାଙ୍କ ଶିବିର ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏଥି ସହିତ ଅୟୋଜିତ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରେ ରାଜଧାନୀ ଚକ୍ଷୁ ହସ୍ପିଟାଲ ତରଫରୁ ଶିବିର ପରିଚାଳିତ କରୁଥିବା ପ୍ରାୟ ୩୦ ଜଣ ଆଖି ପରୀକ୍ଷା କରିବା ସହିତ ୨ ଜଣଙ୍କୁ ମୋତିଆବିନ୍ଦୁ ପାଇଁ ହସ୍ପିଟାଲ ନିଆଯାଇଛି।

## ପିଣ୍ଡାଙ୍ଗୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ସମସ୍ୟା ଅଭିଯୋଗ କଲେ ଗ୍ରାମବାସୀ

**କନ୍ଧମାଳ,୨।୪(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଛାତ୍ରଛାତ୍ରୀ ତଥା ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳ ମତି ଶିଶୁ ମାନଙ୍କ ପାଇଁ ପାଚେରୀ, ରୋଷେଇ ଗୃହ ବିଦ୍ୟୁତ୍, ଓ ପାନୀୟ ଜଳ ବ୍ୟବସ୍ଥା କରିଥିବା ବେଳେ ତାହା କେଉଁଠି କାର୍ଯ୍ୟକାରୀ ହେଉଛି ତ ଆଉ କେଉଁଠି ଆଜି ପର୍ଯ୍ୟନ୍ତ ସୁବିଧା ପହଞ୍ଚି ପାରିନାହିଁ । ଏମିତି ଅବ୍ୟବସ୍ଥାରେ ଚାଲୁଥିବା ପିଣ୍ଡାଙ୍ଗୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ପାହି ରାଜୁ ପଞ୍ଚାୟତ ଅନ୍ତର୍ଗତ ପିଣ୍ଡାଙ୍ଗି ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ। ପିଣ୍ଡାଙ୍ଗୀ ଗ୍ରାମ ରେ ସର୍ବ ମୋଟ ୯୦ ରୁ ଉର୍ଦ୍ଧ ପରିବାର ବସବାସ କରନ୍ତି। ଏହି ପିଣ୍ଡାଙ୍ଗୀ ଅଙ୍ଗନବାଡ଼ି କେନ୍ଦ୍ରରେ ୧୫ ଜଣ କୋମଳ ମତି ଶିଶୁ ଓ ବିଦ୍ୟାଳୟରେ ୨୫ ଜଣ ଛାତ୍ରଛାତ୍ରୀ ମାନେ ପାଠ ପଢ଼ୁଛନ୍ତି। ପ୍ରଶାସନ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତୀୟ ପିଠ,ପାଚେରୀ, ରୋଷେଇ ଗୃହ, ବିଦ୍ୟୁତ୍, ଓ ପାନୀୟ ଜଳ ନଥିବାବେଳେ ସେପଟେ ଦେଖିବାକୁ ମିଳିଛି ଯେ ଅଙ୍ଗନବାଡ଼ି କେନ୍ଦ୍ର ଘର କାନ୍ଥ ଭାଙ୍ଗିବା ଇଟା ବାହାରି ପଡୁଛି। ଓଡ଼ିଶା ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଅଙ୍ଗନବାଡ଼ି କେନ୍ଦ୍ରରକୁ ପୁନରୁଦ୍ଧାର କଲେ କୋମଳ ମତି ଶିଶୁ ଛାତ୍ରଛାତ୍ରୀ ମାନେ ମୃତ୍ୟୁ ମୁଖରୁ ରୁ ବଞ୍ଚି ଯିବେ । ବହୁଥର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ପିଣ୍ଡାଙ୍ଗୀ ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ ଦେଇ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପିଣ୍ଡାଙ୍ଗୀ ୪ସାହିର ଗ୍ରାମର ଲୋକମାନେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ କାରି ହେଲେ ଶ୍ରୀଧର ସାହୁ,ରାଙ୍ଗା କହଁର,ଦିଶୁ କହଁର,ପ୍ରଦିପ ଦିଗାଲ, ନାରାୟଣ ସାହୁ,ଲିଲିମା କହଁର,ପିଉକ କହଁର, ସୁମିତ୍ରା କହଁର, ରାଘବ ନାଗ, ବାବୁଲା ରଣା,ଗାଣ୍ଡୁ ଦିଗାଲ, ଅଚ୍ୟୁତ ନାଗ, ଖଗେଶ୍ୱର ରଣା ସମେତ ଗ୍ରାମ ବାସି ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ପ୍ରଶାସନ କେବେଏହି ସମସ୍ୟା ର ସମାଧାନ କରିପାରିବେ